Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୪ ଶ
ସଂ ୧୦ ଖ୍ୟା

ତା ୯ ଉଷ ମାହେ ମାର୍ଚ୍ଚ ସନ ୧୮୮୯ ମସିହା । ମୁ । ଫାଲ୍‌ଗୁନ ତା ୨୮ ଖ ସନ ୧୨୯୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

## ବିଜ୍ଞାପନ ।

ଭାରତବର୍ଷୀୟ ଡାକବିଭାଗର ଡାଇରେକ୍ଟର ସାହେବ ନିୟମ କରିଅଛନ୍ତି କି ଆଗାମି ଅପ୍ରେଲମାସ ତା ୧ ରିଖଠାରୁ ଯେଉଁମାନେ ଭନାରେଜଷ୍ଟ୍ରୀ ଭେଲ୍ୟୁପେବଲ ଅର୍ଥାତ୍ ଡାକ ଗ୍ରାହକଙ୍କୁ ମୂଲ୍ୟ ଦେଇ ଦ୍ରବ୍ୟ ନେବା ପ୍ରଥାରେ ପୁସ୍ତକାଦି ପୁଲିନ୍ଦା ପଠାଇବେ ସେମାନଙ୍କର ତାହା ପଠାଇବା ସମୟରେ ଉକ୍ତ ପୁଲିନ୍ଦାର ଡାକମାସୁଲ ଛଡ଼ା ଉକ୍ତ ପୁଲିନ୍ଦାର ମୂଲ୍ୟ ଗ୍ରାହକଠାରୁ ମନିଅର୍ଡ଼ରଦ୍ୱାରା ଆସିବା ନିମନ୍ତେ ଯେତେ କମିଶନ ଲାଗିବ ତାହା ଅଗ୍ରିମ ଦେବାକୁ ହେବ ଓ କୌଣସି କାରଣରୁ ଉକ୍ତ ପୁଲିନ୍ଦା ପ୍ରେରକ ନିକଟକୁ ଫେରିଆସିଲେ ମନିଅର୍ଡ଼ର କମିଶନ ଫେରତ ମିଳିବ ନାହିଁ । ଅତଏବ କଟକ ପ୍ରିଣ୍ଟିଂକମ୍ପାନୀ ଆପଣା ମୋଫସଲସ୍ଥ ଗ୍ରାହକମାନଙ୍କୁ ଉପରଲିଖିତ ନିୟମ ଜଣାଇଦେଇ ପ୍ରାର୍ଥନା କରୁଅଛନ୍ତି କି ଆଗାମି ଅପ୍ରେଲମାସ ଆରମ୍ଭଠାରୁ ଯେଉଁମାନେ ଭନାରେଜଷ୍ଟ୍ରୀ ଭେଲ୍ୟୁପେବଲ ନିୟମରେ ପୁସ୍ତକ ନେବା କାରଣ ପତ୍ର ଲେଖିବେ ସେମାନେ ଉକ୍ତ ପତ୍ରସହିତ ମନିଅର୍ଡ଼ର ଖର୍ଚ୍ଚ ଟିକଟ ଆଗରୁ ଅନୁଗ୍ରହ ପୂର୍ବକ ପଠାଇବେ ଏ ଖର୍ଚ୍ଚ ନ ପଠାଇଲେ ଉକ୍ତ ନିୟମରେ ପୁସ୍ତକ ପଠାଯିବ ନାହିଁ ।

କଟକ
ତା ୬ ଉଷ ମାର୍ଚ୍ଚ
ସନ ୮୮୯

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରି

ବଙ୍ଗୀୟଗବର୍ଣ୍ଣମେଣ୍ଟ ୨୪ ପରଗନା ଜିଲ୍ଲା ଏବଂ ଶ୍ରୀରାମପୁର ସବ୍‌ଡିଭିଜନରୁ ଖୋଳଭାଟି ଏକାବେଳକେ ଉଠାଇଦେବାର ସ୍ଥିର କରିଅଛନ୍ତି । ଏସବୁ ସ୍ଥାନରୁ ଅନେକ କ୍ଲେଶମଦ କଲିକତାକୁ ଆସି ଶସ୍ତାଦରରେ ବିକ୍ରୟ ହେବାରୁ ଅବକାରୀ ସ୍ୱତ୍ୱ ଊଣା ପଡ଼ିଅଛି ବୋଲି ଉକ୍ତ ଦେଶୀୟଭାଟି ସବୁ ଉଠାଇ ଦିଆଗଲା । ଯେପ୍ରକାରରେ ହେଉ ଖୋଳଭାଟି ଉଠିଯିବାଦ୍ୱାରା ମଦର ବ୍ୟବହାର ଊଣା ପଡ଼ିବ ସନ୍ଦେହ ନାହିଁ ।

---

ସହିବନ୍ଦରେ ଯାଠ କଲ୍ୟଂ କ ଡକ୍ଷୀରେ ଦୁଇଜଣ କାବୁଲି ଧରାପଡ଼ିଅଛନ୍ତି । ସେମାନଙ୍କ ସଙ୍ଗେ ରେଲଗାଡ଼ିରେ ବ ୧୧ ର୍ଷ ବୟସର ଗୋଟିଏ ବାଳକା ଟ ୮୦୯ଙ୍କାର ନୋଟ ଛଡ଼ କଣଦନ୍ତକା ଏବଂ ଏକଜଣ ମହିଳା ଓ ହିନ୍ଦୁଲୋକର ଏକପ୍ରସ୍ଥ ପିନ୍ଧିବାଲୁଗା ଥିଲା । ବାଳକାଟି କହୁଅଛି କି ତାହାର କଣ୍ଠରେ ଓ ତାହାର ମାତା କାବୁଲିଙ୍କୁ ତାହାକୁ ବିକ୍ରୟ କରିଅଛି । ଉକ୍ତ ଦୁଇ କାବୁଲିଙ୍କି ସେ ଆପଣାର ସ୍ୱାମୀ ବୋଲି ପରିଚୟ ଦେଉଅଛି । ଏକଥାପୂର ଭିତରେ ଲାଗିଅଛି ଫଳ ଜଣା ଯାଇ ନାହିଁ ।

---

ଭାରତବର୍ଷରୁ ଅନେକ ଦୁଃସ୍ଥିଲୋକ ବ୍ରହ୍ମଦେଶକୁ ଯାଇ ସେଠାରେ ବାସ କରୁଅଛନ୍ତି । ଏ ଦେଶର ଜଣେ କୁଲିର ମାସିକ ଆୟ ଟ ୬୲ ଙ୍କାରୁ ଉର୍ଦ୍ଧ୍ୱ ହୁଏ ନାହିଁ ମାତ୍ର ବ୍ରହ୍ମଦେଶରେ ଜଣେ କୁଲିର ଉପାର୍ଜନ ମାସିକ ୫ ୧୫ ଙ୍କାରୁ ଊଣା ନୁହଇ ଓ କୌଣସି ୨ ସ୍ଥଳେ ଟ ୨୫ ଙ୍କା ପର୍ଯ୍ୟନ୍ତ ହୋଇଯାଏ । ଏହି ହେତୁ ବ୍ରହ୍ମଦେଶକୁ ଲୋକ-ଗମନ କ୍ରମେ ବୃଦ୍ଧି ହେଉଅଛି ଯଥା;—ସନ ୧୮୮୫ ସାଲରେ ଜ ୮୩,୦୦୦ ସନ ୧୮୮୬ ସାଲରେ ଜ ୭୦,୦୦୦ ଣ ଓ ସନ ୧୮୮୭ ସାଲରେ ଜ ୮୨,୦୭୭ ଣ । ଏପ୍ରକାର ଦୁର୍ମୂଲ୍ୟ ସମୟରେ ଏ ଦେଶରୁ ବହୁ ଲୋକ ବିଦେଶକୁ ଚାଲିଯିବା ଶ୍ରେୟସ୍କର । ସେମାନେ ଏଠା ଅପେକ୍ଷା ସେଠାରେ ଅଧିକ ସୁଖୀ ହେବାର ସମ୍ଭବ ।

---

ଆମ୍ଭମାନଙ୍କ ଜଇଣ୍ଟ ମେଜିଷ୍ଟର ଯାକସନ୍ ସାହେବଙ୍କ ବଦଳି କଥା ହୋଇଥିବାର ଏଥିପୂର୍ବେ ଲେଖିଥିଲୁଁ ଓ ଏଥିରେ ସମସ୍ତେ ଆନନ୍ଦିତ ଥିଲେ ମାତ୍ର ଏ ଆନନ୍ଦ ଅଧିକକାଳ ରହି ପାରିଲା ନାହିଁ । ପୁଣି ତାଙ୍କ ବଦଳିର ଆଜ୍ଞା ପ୍ରଚାର ହେଲା ଓ ସେ ଆଜି ଏଠାରୁ ପ୍ରସ୍ଥାନ କରିବାର କଥା ଅଛି । ଏଥିରେ ସକଳ ଲୋକେ ବଡ଼ ଦୁଃଖିତ ଅଛନ୍ତି । ସାହେବ ମହୋଦୟ ଏ ଅଳ୍ପ ସମୟ ମଧ୍ୟରେ ଭଦ୍ରତା, ବିବେଚନା, ସହୃଦୟତା ଓ କାର୍ଯ୍ୟଦକ୍ଷତାର ପରିଚୟ ଦେବାରୁ ଲୋକେ ତାଙ୍କଠାରେ ପ୍ରୀତ ହୋଇଥିଲେ । ଏପରି କର୍ମଚାରୀଙ୍କୁ ଏତେ ଲ ବିଦାୟ ଦେବା ଅବଶ୍ୟ ଏ ଜିଲ୍ଲାର ଦୁର୍ଭାଗ୍ୟ ବୋଲିବାକୁ ହେବ ।

---

Digitized by srujanika@gmail.com

କଲିକତାର ଷ୍ଟାଟସ୍ମାନ ନାମକ ସମ୍ବାଦପତ୍ର ପାର୍ନେଲସାହେବଙ୍କ ବିରୁଦ୍ଧରେ ତାହାଙ୍କର ଜାଲ ଲେଖା ବୋଲି ଯେଉଁ ପତ୍ରମାନ ପ୍ରକାଶ କରିଥିଲେ ଓ ଯହିଁର ବିଚାରାର୍ଥ ବିଶେଷ କମିଶନ ବସିଥିଲା ଉକ୍ତ କମିଶନ ସମ୍ମୁଖରେ ଟାଇମ୍ସର ଜଣେ ସାକ୍ଷୀ ପିଗଟ୍ସାହେବ ପ୍ରଥମେ ଉକ୍ତପତ୍ରମାନ ପାର୍ନେଲସାହେବଙ୍କ ସ୍ୱହସ୍ତଲେଖା ବୋଲି ସାକ୍ଷ୍ୟଦେଇ ଜେରାରେ ପଡ଼ିଗଲେ ଏବଂ ଅଗତ୍ୟା ସ୍ୱୀକାର କଲେ ଯେ ତହିଁମଧ୍ୟରୁ ଦୁଇଖଣ୍ଡି ପତ୍ର ଜାଲ ଅଟଇ । ପିଗଟ୍ସାହେବ ପତ୍ରଦ୍ୱାରା ଦୋଷ ସ୍ୱୀକାର କରି ଫରାସିସ୍ରାଜ୍ୟକୁ ପଳାଇଲେ ଏବଂ ପରେ ଧରାପଡ଼ିବାରୁ ଆତ୍ମହତ୍ୟା କରିଅଛନ୍ତି । ଏହି ଜାଲପତ୍ରପ୍ରକାଶ ସେ ୩୦ ହଜାର ଟଙ୍କା ଟାଇମ୍ସର ଅଧିକାରୀଙ୍କଠାରୁ ଠକି ନେଇଥିଲେ । ଜାଲକାଣ୍ଡ ସାମାନ୍ୟ ନୁହଇ ।

---

କରଣସମ୍ମିଳନୀର ଦ୍ୱିତୀୟ ଅଧିବେଶନର ବିବରଣ ଅତଃପରରେ ପ୍ରକାଶିତ ହେଲା । ତାହାର ସମ୍ବନ୍ଧୀୟ କାର୍ଯ୍ୟ ସଂକ୍ଷେପ ଉଦ୍ଦେଶରେ ଯେଉଁ ନିୟମମାନ ସଭାରେ ସ୍ଥିର ହୋଇଅଛି ତହିଁ ପ୍ରତି ଦୃଷ୍ଟିକରିବାକାରଣ ପାଠକମାନଙ୍କୁ ଅନୁରୋଧ କରୁଅଛୁଁ । ମୂଳରେ ନିୟମଗୁଡ଼ିକ ଉତ୍ତମ ହୋଇଅଛି ଏବଂ ଏସବୁ ପ୍ରଚଳିତ ହେଲେ ବଡ଼ ଉପକାର ହେବ ଏତିକି ନୁହେ, କେତେ ସଭ୍ୟ ସମାଜରୁ ଅନେକ କୁସଂସ୍କାର, ଓ କଳୁଷ ଓ ଅଭାବ ଲକ୍ଷିବାର ବାଧା ଛୁଟିଯିବ । ଆମ୍ଭେମାନେ ଆଶାକରୁଁ କି ଓଡ଼ିଶାର ରାଜା ଓ ଅନ୍ୟାନ୍ୟ ଶ୍ରେଷ୍ଠଜାତୀୟ ବ୍ୟକ୍ତିପର୍ଯ୍ୟନ୍ତ ଏହି ନିୟମାନୁସାରେ କାର୍ଯ୍ୟ କରିବାକୁ ମନ ବଳାଇବେ । ବୃଥା ଆଡ଼ମ୍ବରରେ ଯଥେଷ୍ଟ ଅନିଷ୍ଟ ଘଟୁଅଛି । କେତେ କେତେ ବଡ଼ ଘରମାନ ସର୍ବସ୍ୱାନ୍ତ ହୋଇଅଛନ୍ତି । ଆଉ ବିଳମ୍ବ କରିବାର ସମୟ ନାହିଁ ।

---

କଟକ ଟ୍ରେନିଙ୍ଗସ୍କୁଲର ସେକ୍ରେଟେରୀଙ୍କର ଏକ ବିଜ୍ଞାପନରୁ ପ୍ରକାଶ ଯେ ଆଗାମି ଅପ୍ରେଲ ମାସଠାରୁ ଉକ୍ତସ୍କୁଲ ଜିଲା ଇଂରାଜୀସ୍କୁଲରେ ପରିଣତ ହେବ ଏବଂ ଏଥିରେ ଶିକ୍ଷାଦାନର ଏପରି ବନ୍ଦୋବସ୍ତ ହେବ ଯେ ଚତୁର୍ଥଶ୍ରେଣୀର ଛାତ୍ରମାନେ ବର୍ତ୍ତମାନ ପ୍ରାୟ ମାଇନର ପରୀକ୍ଷା ଦେଇପାରିବେ ଏବଂ ତହିଁ ଉପରଶ୍ରେଣୀମାନଙ୍କରେ ପ୍ରବେଶିକା ପରୀକ୍ଷା ଦେବା ଉପଯୋଗୀ ଶିକ୍ଷାଦାନ ହେବ । ଶୁଳ୍କ ବେତନ ଯଥାସାଧ୍ୟ ଅଳ୍ପ ଅର୍ଥାତ୍ ସର୍ବନିମ୍ନଶ୍ରେଣୀରେ ଟ ॰ । ଏବଂ ପ୍ରଥମଶ୍ରେଣୀରେ ଟ ୧୨ ଙ୍କା ଧାର୍ଯ୍ୟ ହୋଇଅଛି । ଭରତିହେବାର ଫିସ୍ ପ୍ରତ୍ୟେକ ଶ୍ରେଣୀର ମାସିକ ବେତନର ସମାନ ଅଟଇ ଏବଂ ନୂତନ ଛାତ୍ରଙ୍କୁ ତଳଛମାସର ବେତନ ଦେବାକୁ ହେବ ନାହିଁ । ଛାତ୍ରମାନେ ଇଚ୍ଛାନୁସାରେ ପାରସୀ ବଙ୍ଗଳା ଓଡ଼ିଆ ବା ସଂସ୍କୃତ ୨ୟ ଭାଷାସ୍ୱରୂପ ପଢ଼ିପାରିବେ । ଏଥିରୁ ଦେଖାଯାଏ ଏ ନଗରର ଅନ୍ୟାନ୍ୟ ସ୍କୁଲଠାରୁ ଏ ବିଦ୍ୟାଳୟରେ ଶିକ୍ଷାଲାଭର ବ୍ୟୟ ଊଣାପଡ଼ିବ ସୁତରାଂ ଗରିବଲୋକଙ୍କର ଅଧିକ ସୁବିଧାଅଛି ।

---

କୂପ ଅଥବା ବନ୍ଧ କଣିବା ଅଥବା ଗୃହଜମିର ଉନ୍ନତି କରିବା ସକାଶେ ଗବର୍ଣ୍ଣମେଣ୍ଟ ସନ ୧୮୮୩ ସାଲର ୧୯ ଆଇନ ଏବଂ ସନ ୧୮୮୪ ସାଲର ୧୨ ଆଇନ ଅନୁସାରେ ପ୍ରଜାମାନଙ୍କୁ ଅତିଅଳ୍ପ କଳନ୍ତରରେ ଟଙ୍କା ଋଣ ଦେବାର ନିୟମ କରିଅଛନ୍ତି । ମାତ୍ର ମଧ୍ୟପ୍ରଦେଶର ପ୍ରଧାନ କମିଶ୍ନର ମାକଞ୍ଜି ସାହେବ ସ୍ୱୟଂ ଅନୁସନ୍ଧାନକରି ବୁଝିଅଛନ୍ତି ଯେ ଅନ୍ୟାୟ କଲମ ଓ କଷ୍ଟ ହେତୁ ଲୋକେ ସରକାରରୁ ଟଙ୍କା ଧାରନେବାକୁ ଅଗ୍ରସର ହେଉ ନାହାନ୍ତି । ସମ୍ବଲପୁରର ଡେପୁଟୀ କମିଶ୍ନର ଗୁଡ୍‌ରିଚ ସାହେବ ଏ ବିଷୟରେ ଯତ୍ନବାନ୍ ହେବାରୁ ସେଠାଲୋକେ ଅନେକଟଙ୍କା ଧାରନେଇ ଜଳାକଷ୍ଟରେ ପରିଶୋଧ କରିଅଛନ୍ତି । ଅତଏବ ପ୍ରଧାନ କମିଶ୍ନର ଆଦେଶ ଦେଇଅଛନ୍ତି କି ସରକାରରୁ ଋଣନେବା ବିଷୟକ ନିୟମାବଳୀ ଦେଶୀୟଭାଷାରେ ମୁଦ୍ରିତ ହୋଇ ସର୍ବସାଧାରଣଙ୍କୁ ବାଣ୍ଟି ଦିଆଯିବ ଏବଂ ଜିଲ୍ଲାହାକିମମାନେ ଏପ୍ରକାର ବନ୍ଦୋବସ୍ତ କରିବେ କି ଯଦ୍ଦ୍ୱାରା ଯେଉଁମାନେ ଋଣ ପାଇବାର ଉପଯୁକ୍ତ ସେମାନେ ଅକ୍ଳେଶରେ ତାହା ପାଇପାରିବେ ।

---

ମଧ୍ୟପ୍ରଦେଶର ପ୍ରଧାନ କମିଶ୍ନର ମାନ୍ୟବର ମାକେଞ୍ଜି ସାହେବ ଗତ ଶୀତକାଳରେ ପ୍ରାୟ ଦେଢ଼ମାସ ମୋଫସଲ ଗସ୍ତ କରିଥିଲେ । ନରସିଂହପୁର ଓ ହୋସେଙ୍ଗାବାଦ ଜିଲ୍ଲାମାନ ଭ୍ରମଣକରିବା ସମୟରେ ପ୍ରଜାଙ୍କର ଅବସ୍ଥା ଉତ୍ତମରୂପେ ଅବଗତ ଅଭିପ୍ରାୟରେ ଏକ ଏକ ଆପଣା ଦଳବଳ ଛାଡି ସାମାନ୍ୟ ସାହେବପରି ମୋଫସଲର ଗ୍ରାମ ଓ ବନମାନ ବୁଲି ଲୋକଙ୍କ ଦୁଃଖ ଅବସ୍ଥା ଓ ଗୃହବାସ ବିଷୟରେ ନାନାକଥା ପଚାରି ବୁଝିଥିଲେ ଏବଂ ଯହିଁରେ ତାହାଙ୍କର ଉପକାର ହେବ ଓ ଦୁଃଖ ଲାଘବ ହେବ ତହିଁର ଉପଦେଶ ମଧ୍ୟ ଦେଇଥିଲେ । ପ୍ରକୃତ ଅବସ୍ଥା ବୁଝିଲା ଉତ୍ତାରୁ ହୋସେଙ୍ଗାବାଦରେ ଏକ ଦରବାରକରି ଆପଣାର ମନ୍ତବ୍ୟ ପ୍ରକାଶ କଲେ, ଏବଂ ସେଠାରେ ଉପସ୍ଥିତ ହୋଇଥିବା ସରକାରୀ ହାକିମ ଏବଂ ଜମିଦାର ମାଲଗୁଜାରଦାର ପ୍ରଭୃତିଙ୍କୁ ଆପଣା କର୍ତ୍ତବ୍ୟ ବିଷୟରେ ସୁନ୍ଦର ଉପଦେଶ ଦେଲେ । ପ୍ରଦେଶୀୟ ଶାସନ କର୍ତ୍ତାମାନେ ଯେବେ ମାନ୍ୟବର ମାକଞ୍ଜି ସାହେବଙ୍କ ଉଦାହରଣ ଅନୁସାରେ କାର୍ଯ୍ୟକରନ୍ତେ ତେବେ ପ୍ରଜାଙ୍କର କେତେ ମଙ୍ଗଳ ହୁଅନ୍ତା ? ଆମ୍ଭେମାନେ ଏ ମହାତ୍ମାଙ୍କୁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛୁଁ ।

---

ଗତ ତା ୨ ରଖରେ ଯାଜପୁର ହାଇସ୍କୁଲର ଛାତ୍ରମାନଙ୍କୁ ପାରିତୋଷିକ ବିତରଣ ସକାଶେ ପୁଲିଶ ଷ୍ଟେସନ ସମ୍ମୁଖସ୍ଥ ପଡିଆରେ ଏକ ବୃହତ୍ ସଭା ହୋଇଥିଲା । ସଭାସ୍ଥଳଟି ବୃକ୍ଷଲତା ପାମୀଆଳା ଦ୍ୱାରା ଆଛାଦିତ ହୋଇ ମନୋହରରୂପେ ପୁଷ୍ପ ପତ୍ରାଦିରେ ମଣ୍ଡିତ ହୋଇଥିଲା; ପ୍ରାୟ ସମସ୍ତ ହାକିମ ଆମଲା ଉକିଲ ମୁକ୍ତାର ଓ କେତେକ ଜମିଦାର ଓ ମହାଜନପ୍ରଭୃତି ଭଦ୍ରଲୋକମାନେ ଉପସ୍ଥିତ ହୋଇଥିଲେ ସ୍କୁଲର ବାର୍ଷିକ ବିଜ୍ଞାପନୀ ହେଡ଼ପଣ୍ଡିତ ଶ୍ରୀ ସଦାଶିବ ବିଦ୍ୟାରତ୍ନଙ୍କଦ୍ୱାରା ପଠିତ ହେଲାରୁ ସଭାପତି ଶ୍ରୀ ଜେଭଡ୍‌ସନ୍‌ସାହେବଙ୍କ ଅନୁରୋଧକ୍ରମେ ଭାଇସଚେୟାରମେନ ଶ୍ରୀଯୁକ୍ତ ଶ୍ରୀ ବାବୁ ଗୋପାଳଚନ୍ଦ୍ର ବାନର୍ଜ୍ଜୀ ଏଠାରେ ବିଦ୍ୟାର ଉତ୍କର୍ଷ ଉନ୍ନତି ହେବା ଓ ତହିଁରେ ସମସ୍ତ ଲୋକଙ୍କର ସହାନୁଭୂତି ରହିବା ବିଷୟର ଏକ ଉପଦେଶପୂର୍ଣ୍ଣ ବକ୍ତୃତା ପ୍ରଦାନ କଲାପରେ ଛଡ଼ୋଟିବାଳକ ମୁଖସ୍ଥ କରିଥିବା ଇଂରାଜୀ ଓ ସଂସ୍କୃତ ଶ୍ଳୋକ ପାଠ କଲେ, ତଦନନ୍ତର ସଭାପତି ମହୋଦୟ ସ୍ୱହସ୍ତରେ ବାଳକମାନଙ୍କୁ ପାରିତୋଷିକ ବିତରଣ କରିବାରୁ ସଭାଭଙ୍ଗ ହେଲା । ଏଠା ମୁନସଫ ଶ୍ରୀଯୁତ ଶ୍ରୀ ବାବୁ ଗୋପାଳଚନ୍ଦ୍ର ବାନର୍ଜ୍ଜୀଙ୍କର ଏଠା ସ୍କୁଲର ଅବସ୍ଥା ଉନ୍ନତିପଥରେ ବିଶେଷ ଯତ୍ନ ଥିବାରୁ ସ୍କୁଲର ଅବସ୍ଥା କ୍ରମଶଃ ବୃଦ୍ଧି ହେଉଅଛି ।

---

Split by PDF Splitter

Digitized by srujanika@gmail.com

ଅସ୍ମମାନଙ୍କର ଜଣେ ବନ୍ଧୁ ଲେଖିଅଛନ୍ତି ଯେ ଗତ ସପ୍ତାହରେ ଅମ୍ଭେ ସରକାରୀ କାର୍ଯ୍ୟୋପଲକ୍ଷରେ । ଡ । ସୁବନା ଗଡ଼ମହାଲକୁ ଯାଇଥିଲୁଁ ସେ ଅଞ୍ଚଳରେ ମଧ୍ୟ ଦେଖିଲୁଁ ଫସଲ ନଷ୍ଟ ହେତୁ ଲୋକମାନେ ଅତିକଷ୍ଟରେ ଓ ସମୟେ ୨ ଅନାହାରରେ ଦିନପାତ କରୁଅଛନ୍ତି । ଏସମୟରେ ଖଜଣା ବସୁଲର କଠୋରତା ଏବଂ ପ୍ରଜାଙ୍କ ଦୁଃଖ ଲାଘବ କରିବା ପ୍ରତି ରାଜା ଦୃଷ୍ଟି ରଖିଲେ ଭଲ ହେବ ।

ସୁବନା ରାଜ୍ୟ ଅଧିକାଂଶ ଜଙ୍ଗଲମୟ, ଅଳ୍ପ ପରିମାଣ ଭୂମି ଫସଲର ଉପଯୋଗୀ ଦେଖାଯାଏ ଓ ତହିଁରେ ଯେ ଫସଲ ଉତ୍ପନ୍ନ ହେବାର ଆଶା କରାଯାଇଥାଏ ତହିଁର ଅଧିକାଂଶ ବନ୍ୟପଶୁ ଅର୍ଥାତ ହସ୍ତିପ୍ରଭୃତିଙ୍କଦ୍ୱାରା ନଷ୍ଟ ହୁଏ ପୂର୍ବେ ବନ୍ଧୁକ ବ୍ୟବହାର କରିବାର ସମସ୍ତ ଲୋକମାନଙ୍କର କ୍ଷମତା ଥିବାରୁ ତଦ୍ଵାରା ବନ୍ୟପଶୁଙ୍କ ଦୌରାତ୍ମ୍ୟ କିୟତ୍ପରିମାଣରେ ଊଣା ଥିଲା ବର୍ତ୍ତମାନ ଅସ୍ତ୍ର-ଆଇନ ପ୍ରଭାବରୁ ଲୋକେ ନିରସ୍ତ୍ର ସୁତରାଂ ବନ୍ୟପଶୁମାନେ ସ୍ୱେଚ୍ଛାମତେ ସ୍ୱଜାତି ବିସ୍ତାର କରି ଏଅଞ୍ଚଳସ୍ଥ ଅରଣ୍ୟନିବାସୀ ପଶୁତୁଲ୍ୟ ମନୁଷ୍ୟମାନଙ୍କର ବହୁ ପରିଶ୍ରମଦ୍ୱାରା ଉତ୍ପାଦିତ ଫସଲର ଫଳଭୋଗୀ ହେଉଅଛନ୍ତି । ଏଅଞ୍ଚଳରେ ପ୍ରାୟ ସର୍ବଦା ହିଂସ୍ରଜନ୍ତୁଙ୍କଦ୍ୱାରା ମନୁଷ୍ୟ ଓ ଗୋରୁଗାଈପ୍ରଭୃତି ଗୃହପାଳିତ ଜୀବମାନେ ନଷ୍ଟ ହେଉଅଛନ୍ତି। ଏପରି ନିରାଶ୍ରୟ ଲୋକମାନଙ୍କୁ ଗବର୍ଣ୍ଣମେଣ୍ଟ ଯଦି ଅଇନର ବହିର୍ଭୂତରେ ସ୍ଥାନ ଦେଲେ ବିଶେଷ ମଙ୍ଗଳ ହୁଅନ୍ତା ।

---

'ଛୋଟନାଗପୁର ବାଙ୍କିଙ୍ଗ ଅସୋସିଏସନ ଲିମିଟେଡ୍' ଏହି ନାମରେ ଗୋଟିଏ ଟଙ୍କା କରଜ ଦେବାର କମ୍ପାନୀ ସନ ୧୮୮୩ ସାଲରେ ହଜାରିବାଗଠାରେ ସ୍ଥାପିତ ହୋଇଥିଲା ଆରମ୍ଭ ସମୟରେ ଏ କମ୍ପାନୀର ମୂଳଧନ ଚାରିଶଟଙ୍କା ମାତ୍ର ଥିଲା । ସାତବର୍ଷ ପୂର୍ଣ୍ଣ ନ ହେଉଣୁ କମ୍ପାନୀର ମୂଳଧନ ପ୍ରାୟ ଏକଲକ୍ଷଟଙ୍କା ହୋଇଅଛି ଏବଂ ଏଥିର କାର୍ଯ୍ୟାଳୟ ସକାଶେ ଗୋଟିଏ ସୁନ୍ଦର କୋଠା ପ୍ରସ୍ତୁତ ହୋଇ ଅଂଶୀଦାରମାନେ ପ୍ରତିବର୍ଷ ଶତକଡ଼ା ଟ ୧୫ଙ୍କା ଲେଖାଏ ବାର୍ଷିକ ଲାଭ ପାଇ ଆସିଅଛନ୍ତି । ଏବର୍ଷଟି ଶତକଡ଼ା ଟ ୧୭୳ ଲେଖାଏ ଲାଭ ହୋଇଅଛି । ଜଣେ ବଙ୍ଗାଳି ଓକିଲ ଏହି କମ୍ପାନୀର ସ୍ଥାପନକର୍ତ୍ତା ଅଟନ୍ତି । ଟଙ୍କା କରଜ ଦେବା ବ୍ୟବସାୟ ମୋଫସଲରେ କେମନ୍ତ ଲାଭଜନକ ପାଠକମାନେ ଏଥିରୁ ବିବେଚନା କରିବେ ଯେଉଁମାନେ କୋହନ୍ତି ଯେ ଏଦେଶରେ ମୂଳଧନର ଅଭାବ ଓ ସେହିହେତୁରୁ ସେମାନେ କୌଣସି ଲାଭକର ବ୍ୟବସାୟ ଫାନ୍ଦିବାକୁ ଅସମର୍ଥ ସେମାନେ ଏହି କମ୍ପାନୀର ଉଦାହରଣ ଶୁଣି ଅବଶ୍ୟ ଲଜ୍ଜିତ ହେବେ । ଦୁଇଶତଟଙ୍କା ସଂଗ୍ରହ କରିବା ଅତି ସାମାନ୍ୟ କଥା ଦୁଇପାଞ୍ଚଜଣ ବା ୮।୧୦ ଜଣ ତାହା ଦେଇପାରନ୍ତି ଏବଂ ଲାଭ ଦେଖିଲେ ଅନେକ ଅଂଶୀ ଯୋଗ ଦେବେ । ପ୍ରକୃତକଥା ଏହି ଯେ ଅସ୍ମଦ୍ଦେଶୀୟ ଲୋକଙ୍କର ଉଦ୍ୟୋଗ ଅଧ୍ୟବସାୟ ଓ ବିଷୟବୁଦ୍ଧି ନାହିଁ ସେଥିପାଇଁ ଅମ୍ଭେମାନେ ଦରିଦ୍ରାବସ୍ଥାରେ ରହିଅଛୁଁ । ଶିକ୍ଷିତଲୋକମାନେ ଏଥିରୁ କିଛି ଶିକ୍ଷାକରିବେ କି ?

---

ଜଗତ୍‌ସିଂହପୁରରେ ଗୋଟିଏ ମଧ୍ୟମଶ୍ରେଣୀୟ ଭର୍ଣ୍ଣାକ୍ୟୁଲର ସ୍କୁଲ ଅଛି । ବିଦ୍ୟାଳୟଟି ପ୍ରତିବର୍ଷ ପରୀକ୍ଷାରେ ସାଧ୍ୟକ୍ରମେ ଭଲ ଫଳ ଦେଖାଇ ଆସୁଅଛି କିନ୍ତୁ ସ୍ଥାନୀୟଲୋକମାନଙ୍କ ଔଦାସ୍ୟ ହେତୁରୁ ଏଥିର ଅବସ୍ଥା ଭଲ ହୋଇ ପାରୁ ନାହିଁ । ଗତ ପୂର୍ବ ରବିବାର ଅସ୍ମମାନଙ୍କର ଜଏଣ୍ଟମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ପେନେଲ୍‌ ସାହେବ ଉକ୍ତ ବିଦ୍ୟାଳୟଟି ପରିଦର୍ଶନ କରି ଲେଖିଅଛନ୍ତି "* * * Altogether the school seems on a satisfactory state. I saw that a good many of subscribers to the school have fallen into arrears. I hope they will now pay up their subscriptions and so benefit the cause of education. By doing this they will earn the approval of the Government and the good wishes of Government officials, * * "ଅର୍ଥାତ୍ ସ୍ଥୂଳରେ ଏହି ସ୍କୁଲର ଅବସ୍ଥା ପ୍ରୀତିକର । ଦେଖିଲୁଁ ଯେ ସ୍କୁଲର ଅନେକ ଗ୍ରାହାଦାତା ସେମାନଙ୍କ ଦେବା ବାକି ରଖିଅଛନ୍ତି । ଆଶା କରୁଁ ସେମାନେ ସ୍ୱ ୨ ଦେୟ ଶୀଘ୍ର ପ୍ରଦାନ କରିବେ ଏବଂ ତଦ୍ଵାରା ଶିକ୍ଷାପକ୍ଷରେ ଉପକାର ସାଧନ କରିବେ । ତାହା କରିବାଦ୍ୱାରା ସେମାନେ ଗବର୍ଣ୍ଣମେଣ୍ଟଙ୍କର ପ୍ରଶଂସାଲାଭ କରିବେ ଏବଂ ସରକାରୀ କର୍ମଗୃରମାନଙ୍କର ପ୍ରିୟପାତ୍ର ହେବେ ।" ପେନେଲ ସାହେବଙ୍କ ଉପଦେଶଗୁଡିକ ଏକା ଜଗତ୍‌ସିଂହପୁର ନୁହେଁ ବା ଅନ୍ୟାନ୍ୟ ସମସ୍ତ ବିଦ୍ୟାଳୟର ଗ୍ରାହାଦାତାମାନେ ପ୍ରତିପାଳନ କରିବା ଉଚିତ ।

---

ବ୍ରହ୍ମଦେଶର ପଦ୍ମରାଗମଣିର ଖଣିମାନଙ୍କରୁ ରତ୍ନ ବାହାର କରି ବ୍ୟବସାୟ କରିବା କାରଣ ବିଲାତର ବିଖ୍ୟାତ ଧନୀ ରଥଷ୍ଟାଇଲଡ୍‌ମାନେ ଏକ କମ୍ପାନୀର ଅନୁଷ୍ଠାନପତ୍ର ବାହାର କରିଅଛନ୍ତି । ଏ କମ୍ପାନୀର ମୂଳଧନ ତିନିଲକ୍ଷ ପାଉଣ୍ଡ ଅର୍ଥାତ ୩୦ ଲକ୍ଷ ଟଙ୍କା ଓ ପ୍ରତ୍ୟେକ ଅଂଶର ମୂଲ୍ୟ ୧ ପାଉଣ୍ଡ ବା ଦଶଟଙ୍କା ଲେଖାଏଁ ଧାର୍ଯ୍ୟ ହୋଇଅଛି । ଏଥିମଧ୍ୟରେ ଏ ବ୍ୟବସାୟ ଲାଭଜନକ ହେବାର ସାଧାରଣ ବିଶ୍ୱାସ ହୋଇଅଛି ଏବଂ ଅଂଶ ନେବାପାଇଁ ଏତେଲୋକ ପ୍ରାର୍ଥୀ ହୋଇଅଛନ୍ତି ଯେ ଅଂଶର ମୂଲ୍ୟ ଶତକଡ଼ା ଟ ୧୦ଙ୍କା ଲେଖାଏଁ ବଜାରରେ ବୃଦ୍ଧି ହୋଇଅଛି ଅର୍ଥାତ ଦଶଟଙ୍କାର ଅଂଶକୁ ଲୋକେ ଟ ୧୧ଙ୍କା ମୂଲ୍ୟରେ କିଣିବାକୁ ଦ୍ୱିଧା କରୁ ନାହାନ୍ତି । ଯେଉଁମାନେ ମୂଳଧନ ନାହିଁ ବୋଲି ବ୍ୟବସାୟର ଉନ୍ନତି ଏ ଦେଶରେ ହେଉ ନାହିଁ ବୋଲି କହନ୍ତି ସେମାନେ ଏହି ଦୃଷ୍ଟାନ୍ତ ଦେଖି ଅବଶ୍ୟ ଆପଣା ଭ୍ରମ ତ୍ୟାଗ କରିବେ । ଦଶଟଙ୍କାମୂଲ୍ୟର ଗୋଟିଏ ୨ ଅଂଶଦ୍ୱାରା ୩୦ ଲକ୍ଷଟଙ୍କା ଏକତ୍ରିତ ହୋଇପାରେ । ମୂଳଧନ ଉଠାଇବାର ଏଥିରୁ ସହଜ ଉପାୟ ନ ଅଛି । ଏଠାରେ ଦଶଟଙ୍କା ଦେବା ଭଳି ଅନେକଲୋକ ଅଛନ୍ତି ଏବଂ ସକଳବ୍ୟବସାୟରେ କିଛି ୩୦ ଲକ୍ଷଟଙ୍କା ପ୍ରୟୋଜନ ହୁଅଇ ନାହିଁ । ବଡ଼ ୨ ଲୋକମାନେ ଜଣକେ ୨୫ ବା ୫୦ ଅଂଶ ନେଇ ପାରନ୍ତି । ଏକ ବା ଅଧଲକ୍ଷଟଙ୍କାରେ ଗୋଟାଏ ବଡ଼ ବ୍ୟବସାୟ ଚଳି ପାରେ ଏବଂ ଏକ ବା ଦୁଇ ହଜାରଲୋକ ମନେ କଲେ ଅନାୟାସରେ ତାହା ସଂଗ୍ରହ କରି ପାରନ୍ତି । ତେବେ ହୁଅଇ ନାହିଁ କାହିଁକି ? ପ୍ରକୃତକଥା ଏହି ଯେ ଶେୟର ଲୋକ ଏଠାରେ ନାହାନ୍ତି ଅଥବା ସେମାନଙ୍କ ସଂଖ୍ୟା ଅତ୍ୟନ୍ତ ଊଣା । ଇଚ୍ଛା ଯତ୍ନ ଅଧ୍ୟବସାୟ ଓ ବିଷୟ ବୁଦ୍ଧି ଥିଲେ ଅମ୍ଭେମାନେ ନାନା ଲାଭକର ବିଷୟରେ ପ୍ରବୃତ୍ତ ହୋଇ ଆପଣାର ଉନ୍ନତି କରିପାରନ୍ତୁ । କେବଳ ଅଯୋଗ୍ୟତା ହେତୁ ଅସ୍ମମାନଙ୍କର ଏ ଦଶା ହୋଇଅଛି ।

---

କଲିକତାରୁ ବାବୁ ଦେବୀପ୍ରସନ୍ନ ଚୌଧୁରୀ

Split by PDF Splitter

Digitized by srujanika@gmail.com

Split by PDF Splitter



ଏ ନଗରକୁ ଆସି ଗତ ମଙ୍ଗଳବାର ସନ୍ଧ୍ୟା ସମୟରେ ପ୍ରେଣ୍ଟିଂକ୍ଷ୍ମାନଙ୍କ ଟୋନହଲରେ ଯୁଗଧର୍ମ ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରିଥିଲେ ଏବଂ ତାହା ଶୁଣିବାକୁ ଅନେକଲୋକ ଆସିଥିଲେ । ବକ୍ତୃତାଟି ପ୍ରଦାନ କରିବାକୁ ଠିକ ସ ୧½ ଘଣ୍ଟା ସମୟ ଲାଗିଲା ଏବଂ ତାହାଙ୍କ ସ୍ୱର କହିବାର ଭଙ୍ଗୀ ଏବଂ ସଦ୍‌ଯୁକ୍ତି ଓ ଜନସ୍ତୁ ପୂର୍ଣ୍ଣଭାଷା ଶ୍ରୋତାମାନଙ୍କ ମନ ଏମନ୍ତ ଆକର୍ଷଣ କରି ରଖିଥିଲା ଯେ କେହି ଉଠିଯିବାର ଚେଷ୍ଟାକଥାରୁ ସମସ୍ତେ ଧୀରଭାବରେ ଆଗ୍ରହସହିତ ଶୁଣୁଥିଲେ ଏବଂ ପୁନ ୨ କରତାଳଦ୍ୱାରା ଆନନ୍ଦ ପ୍ରକାଶ କରୁଥିଲେ । ସେ ପ୍ରଥମେ ନାନା ଐତିହାସିକ ଓ ବୈଜ୍ଞାନିକ ଉଦାହରଣଦ୍ୱାରା ମାନବଜାତିର ଉନ୍ନତିର ଋତସ୍ତୁ ଦେଖ କହିଲେ ଯେ ଯେଉଁ ସମୟରେ ଯେପ୍ରକାର ଧର୍ମୋପଦେଶର ଆବଶ୍ୟକ ହୋଇଥିଲା ତାହା ଦେବା ପାଇଁ ଏକ ୨ ମହାତ୍ମା ଯଥା, ଖ୍ରୀଷ୍ଟ; ମହମ୍ମଦ, ଶ୍ରୀକୃଷ୍ଣ, ଶାକ୍ୟସିଂହ, ଚୈତନ୍ୟ ପ୍ରଭୃତି ଜନ୍ମଗ୍ରହଣ କରିଥିଲେ । ଇଂରାଜଙ୍କର ଏ ଦେଶକୁ ଆସିବା ଦିନରୁ ପାଶ୍ଚାତ୍ୟ ଜ୍ଞାନ ଓ ସଭ୍ୟତା ପ୍ରଭାବରେ ଲୋକଙ୍କ ମନ ଯେମନ୍ତ ପରିବର୍ତ୍ତିତ ହେଲା ତେମନ୍ତ ମହାତ୍ମା ରାମମୋହନ ରାୟ ବ୍ରାହ୍ମଧର୍ମ ପ୍ରଚାର କଲେ । ବର୍ତ୍ତମାନ ସମୟରେ ଲୋକଙ୍କର ଭାବ ସ୍ୱାଧୀନତା । ଶିକ୍ଷିତ ଅଶିକ୍ଷିତ ସମସ୍ତେ ସ୍ୱାଧୀନହେବାକୁ ଚେଷ୍ଟା କରୁଅଛନ୍ତି । ସ୍ୱାଧୀନଭାବରେ କୌଣସି ସାମ୍ପ୍ରଦାୟିକଧର୍ମର ଆଲୋଚନା ସମ୍ଭବ ନୁହଇ । ଅତଏବ ବ୍ରାହ୍ମଧର୍ମ ବର୍ତ୍ତମାନର ଯୁଗଧର୍ମ ହୋଇବାକୁ ହେବ । ପୃଥିବୀରେ ଯେତେଧର୍ମ ଏପର୍ଯ୍ୟନ୍ତ ହୋଇଅଛି ଉଦ୍ଭବ୍ୟକ୍ତିଙ୍କୁ ଯାହା ହେବ ସେ ସମସ୍ତର ସତ୍ୟ ଏହି ବ୍ରାହ୍ମଧର୍ମରେ ସଙ୍ଗୃହୀତ ହୋଇଅଛି । କାଳର ସ୍ରୋତର ପରିବର୍ତ୍ତନ ଘଟୁଅଛି ଓ ଲୋକଙ୍କର ଜ୍ଞାନ ଯେପରି ବୃଦ୍ଧି ହେଉଅଛି ତାହା ସ୍ଥିରଭାବରେ ଆଲୋଚନା କଲେ ଦେଖାଯିବ ଯେ ପୌତ୍ତଳିକତା, ଜାତିଭେଦ, ବାଲ୍ୟବିବାହ ଇତ୍ୟାଦି ସ୍ଥିରହୋଇ ରହିପାରିବ ନାହିଁ । ସେସବୁ ପୂର୍ବଠାରୁ ଅନେକ ଶିଥିଳ ହୋଇ ଆସିଲଣି ଓ କ୍ରମେ ୨ ବିଦୂରିତ ହେବ । ଯେଉଁ ନିର୍ଝର ପର୍ବତରୁ ବାହାରି ନଦୀରୂପେ ସାଗରଅଭିମୁଖେ ଧାବିତ ହେଉଅଛି ତାହାକୁ ପଶ୍ଚାତଅଡ଼କୁ କେହି ଫେରାଇ ପାରିବ ନାହିଁ । ଅତଏବ ଯୁଗଧର୍ମର ଅନୁଗାମୀ ହେବା ଉଚିତ । ବ୍ରାହ୍ମମାନଙ୍କ ଚରିତ୍ର ଦେଖି ବ୍ରାହ୍ମଧର୍ମର ବିଚାର କରିବ ନାହିଁ ବ୍ରାହ୍ମଧର୍ମର ମହତ୍ତ୍ୱ ବିଚାର କରି ଏହ ଏବଂ ଅଦ୍ୱିତୀୟ ମହାନ୍ ଈଶ୍ୱରଙ୍କଠାରେ ଭକ୍ତି ଏବଂ ତାହାଙ୍କ ପ୍ରୀତିରେ ଜୀବଠାରେ ଦୟାରଖିବ ।

ଆମ୍ଭେମାନେ ଯଥାସାଧ୍ୟ ବକ୍ତୃତାର ସାରାଂଶ ମାତ୍ର ପ୍ରକାଶ କଲୁଁ ଏବଂ ଆଶାକରୁଁ ଯେଉଁମାନେ ତାହା ଶୁଣିଅଛନ୍ତି ସେମାନେ ଧୀର ଓ ନିରପେକ୍ଷଭାବରେ ବିଚାର କରିବେ ।

---

## ଡାକଘରର ବାର୍ଷିକବିବରଣ ।

ଲୋକଙ୍କ ସୁବିଧା ନିମିତ୍ତ ଗବର୍ଣ୍ଣମେଣ୍ଟ ଯେତେ ବନ୍ଦୋବସ୍ତ କରିଅଛନ୍ତି ତହିଁମଧ୍ୟରେ ଚିଠି ଓ ତାରଡାକ ମହଲୁମାକୁ ସର୍ବଶ୍ରେଷ୍ଠ ବୋଲିବାକୁ ହେବ । ଏହି ଦୁଇ ମହଲୁମାଦ୍ୱାରା ଯେତେ ଉପକାର ହେଉଅଛି ତହିଁର ପ୍ରତ୍ୟକ୍ଷ ପ୍ରମାଣ ସେମାନଙ୍କର କ୍ରମଶ ଉନ୍ନତି ଅଟଇ । ଗତବର୍ଷର ଡାକଘରର କାର୍ଯ୍ୟାବଳୀସମ୍ବନ୍ଧରେ ଭାରତୀୟ ଗବର୍ଣ୍ଣମେଣ୍ଟଙ୍କର ଯେଉଁମନ୍ତବ୍ୟ ବାହାରିଅଛି ତହିଁରୁ ପ୍ରକାଶ ଯେ ପୂର୍ବ ବର୍ଷଠାରୁ ଉକ୍ତ ବର୍ଷରେ ଡାକରେ ପ୍ରେରିତ ଦ୍ରବ୍ୟର ସଂଖ୍ୟା ୧୪୦ ଲକ୍ଷ ବୃଦ୍ଧି ହୋଇଅଛି । ସମ୍ବାଦପତ୍ର ଓ ପାରସଲ ସଂଖ୍ୟା ପୂର୍ବଠାରୁ ଊଣା ହୋଇ ନଥିଲେହେଁ ଊଣାଦିଗକୁ ଯିବାର ଜଣାଯାଏ । ଚିଠି ଯଥାସମ୍ଭବରୂପେ ବୃଦ୍ଧି ହୋଇଅଛି ମାତ୍ର ପୋଷ୍ଟକାର୍ଡର ବୃଦ୍ଧି ଅତ୍ୟନ୍ତ ଅଧିକ ଏବଂ ଖବର ପଠାଇବାର ପ୍ରଧାନ ଉପାୟ ହୋଇଅଛି । ବୁକପାକେଟର ବୃଦ୍ଧି ସର୍ବାପେକ୍ଷା ଅଧିକ ଏବଂ ଭେଲ୍ୟୁପେବଲ ନିୟମର ଅଯଥା ବ୍ୟବହାର କେତେକ ପରିମାଣରେ ଏଥିର କାରଣ ଅଟଇ । ପ୍ରାୟ ପଚାଶଲକ୍ଷ ଚିଠି ବେଉସ୍ତାଣ ହୋଇଥିଲା । ମନିଅର୍ଡ଼ରର ପ୍ରଥା ବୃଦ୍ଧି ସଙ୍ଗେ ୨ ଡାକରେ ଟଙ୍କା ପଠାଇବାର ଆବଶ୍ୟକତା ଊଣା ହେବା ପ୍ରତ୍ୟକ୍ଷ । ଗତବର୍ଷରେ ରେଜଷ୍ଟ୍ରୀ ପତ୍ରର ସଂଖ୍ୟା ପ୍ରାୟ ଦ୍ୱିଗୁଣ ହେବା ବଡ଼ ସନ୍ତୋଷଜନକ ଅଟଇ ଏବଂ ରେଜଷ୍ଟ୍ରୀମାସୁଲ ଊଣା ପଡ଼ିବା ଏଥିର କାରଣ ଅଟଇ ।

ଗତ ବର୍ଷ ଅର୍ଦ୍ଧକୋଟିରୁ ଅଧିକ ମନିଅର୍ଡ଼ର ଜାରି ହୋଇଥିଲା ଅଥଚ ହରଦର ପ୍ରତ୍ୟେକ ମନିଅର୍ଡ଼ରର ମୂଲ୍ୟ ଟ ୨୭ ରୁ ଅଧିକ ନୁହଇ ଏବଂ ଅଧିକାଂଶ ମନିଅର୍ଡ଼ର ଟ ୧୦ ରୁ ନ୍ୟୁନ ମୂଲ୍ୟର ଥିଲା । ଉତ୍ତର ପଶ୍ଚିମପ୍ରଦେଶରେ ଅଠରଲକ୍ଷ ଟଙ୍କା ଏବଂ ବଙ୍ଗଳାରେ ଅଢ଼େଇଲକ୍ଷ ଟଙ୍କା ମାଲଗୁଜାରି ମନିଅର୍ଡ଼ରଦ୍ୱାରା ପ୍ରେରିତ ହୋଇଥିଲା । ପ୍ରଜାମାନେ ମଧ୍ୟ ଜମିଦାରଙ୍କ ନିକଟକୁ ମନିଅର୍ଡ଼ରଦ୍ୱାରା ଖଜଣା ପଠାଇବାର ଆରମ୍ଭ କରିଅଛନ୍ତି । ସେଭିଂସ୍‌ବାଙ୍କରେ ଟଙ୍କା ଜମା ହେବାର ମଧ୍ୟ ବୃଦ୍ଧି ହୋଇଅଛି ।

ମୋଟରେ ଗତ ବର୍ଷ ଡାକବିଭାଗର ଆୟ ଟ ୧୨୧୩୮୯୬୨ ଓ ବ୍ୟୟ ଟ ୧୩୭୫୨୦୧୮ ଟଙ୍କା ହୋଇଥିବାରୁ ୧୬ ଲକ୍ଷରୁ କିଛି ଅଧିକ ଟଙ୍କା ତୁଟ ପଡିବାର ଜଣାଯାଏ ମାତ୍ର ଦେହାତଡାକର ଅମଦାନି ମିଶି ନାହିଁ ତୁଟ ୧୩ ଲକ୍ଷ ଟଙ୍କା ପଡିଅଛି ତହିଁ ପୂର୍ବବର୍ଷ ୧୪ ଲକ୍ଷ ତୁଟ ପଡିଥିଲା । ତୁଟ ପଡିବାର କାରଣ କେବଳ ବିଲାତଡାକ ପଠାଇବାର ଜାହାଜଭଡ଼ା ଇତ୍ୟାଦିର ଅଧିକ ଖର୍ଚ୍ଚା ଅଟଇ କାରଣ କେବଳ ଏହି ଦେଶମଧ୍ୟରେ ଡାକ ଯାତାୟାତର ଆୟ ଓ ବ୍ୟୟ ହିସାବରେ ଅନେକ ଟଙ୍କା ଲାଭ ହୋଇଅଛି ।

---

## ଜାତ ସଂସ୍କାର ।

ବର୍ତ୍ତମାନ ସମୟରେ ସାମାଜିକ ନିୟମସବୁ ଲୋକଙ୍କ ମନ ଅନୁଷ୍ଟ ହେବାକୁ ଦେଖି ସଦାଶୟ ବ୍ୟକ୍ତି ମାତ୍ରେ ଆନନ୍ଦିତ ହେବେ । ଭାରତର ପୂର୍ବ ଗୌରବ ବହୁଦିନରୁ ଲୋପ ହୋଇଅଛି । ହିନ୍ଦୁମାନେ ମୂର୍ଖତା ହେତୁ ଆପଣା ଧର୍ମଶାସ୍ତ୍ରର ଆଲୋଚନା ଛାଡ଼ି କେବଳ ଅନ୍ଧଭକ୍ତିର ବଶବର୍ତ୍ତୀ ହୋଇ ବର୍ତ୍ତମାନ ଚଳୁଅଛନ୍ତି ସେ ସବୁ ଆଚାର ବ୍ୟବହାର ଉଦ୍ଦେଶ୍ୟ ବା ଦୋଷ ଗୁଣ ବିଚାର କରିବାର ଶକ୍ତି ବହୁଦିନରୁ ଲୁପ୍ତ ହୋଇଯାଇ ଅଛି । ଭାଗ୍ୟକୁ ଇଂରାଜମାନେ ଏ ଦେଶର ରାଜା ହୋଇଅଛନ୍ତି ଏବଂ ସେମାନଙ୍କ ଉଦାର ଶିକ୍ଷାନୀତିହେତୁ ଆମ୍ଭେମାନେ ଜ୍ଞାନ ଓ ବିଦ୍ୟାଶିକ୍ଷା ଆପଣାର ଅବସ୍ଥା ଓ କର୍ତ୍ତବ୍ୟପ୍ରତି ଦୃଷ୍ଟି କରିବାକୁ ସକ୍ଷମ ହୋଇଅଛୁଁ । ଅଳ୍ପ ଲୋକମାନେ କହନ୍ତି ଯେ ଇଂରାଜ ଏକାକାର କରିବାକୁ ବସିଅଛନ୍ତି କିନ୍ତୁ ପ୍ରକୃତ ବୁଝିବାକୁ ଗଲେ ଇଂରାଜମାନେ ହିନ୍ଦୁଧର୍ମ ରକ୍ଷାନିମିତ୍ତ ଧନ୍ୟବାଦର ପାତ୍ର ଅଟନ୍ତି । କାରଣ ସେମାନେ ଉଦାର ନୀତିରେ ଶିକ୍ଷାଦାନର ବ୍ୟବସ୍ଥା କରି ନ ଥିଲେ ଲୋକେ ଆପଣା ଧର୍ମଶାସ୍ତ୍ର ବିଚାର କରିବାକୁ ସକ୍ଷମ ହୋଇଥାନ୍ତେ କି ?

ହିନ୍ଦୁମାନଙ୍କର ସମାଜନୀତି ବଡ଼ ବିଶୃଙ୍ଖଳ ହୋଇଅଛି ଏବଂ ତହିଁକୁ ଉପଯୁକ୍ତ ସଂସ୍କାରର

Digitized by srujanika@gmail.com

Split by PDF Splitter



ଜନ୍ମଭର ଅଟା ନାହିଁ ଏକଥା ବନଭୁଦଳ ଅଧିକ ଲୋକେ ବୁଝିଥାନ୍ତୁ ଅଛନ୍ତି । ଆହୁରି ପ୍ରଷର ବିଷୟ ଯେ ଶିକ୍ଷା ବିଷୟରେ ପଛଲୁ ପଡିଥିବା ଏହି ଉତ୍କଳଖଣ୍ଡରେ ମଧ କେହି୨ ଏହିରେ ମନୋଯୋଗୀ ହୋଇଅଛନ୍ତି । କରଣସଭା ଓ ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ରଙ୍କ ପ୍ରକାଶିତ କ୍ଷୁଦ୍ର ପତ୍ରିକା ଏଥିର ଉଦାହରଣ ଅଟଇ ଗୋବିନ୍ଦ ବାବୁଙ୍କ ଉଦ୍ଦେଶ୍ୟ ଅତି ମହତ ଓ ପ୍ରଶସ୍ତ ଅଟଇ ମାତ୍ର ତାହାଙ୍କ ସମସ୍ତ ଅଭିପ୍ରାୟ ପ୍ରକାଶ ହୋଇ ନ ଥିବାରୁ ଆମ୍ଭମାନଙ୍କର କିଛି କହିବାର ସମୟ ହୋଇ ନାହିଁ ।

ସମ୍ପ୍ରତି ଦେହୁଡ଼ା ନିବାସୀ ବାବୁ ରୁଦ୍ରନାରାୟଣ ପଟ୍ଟନାୟକ ଜାତିସଂସ୍କାର ନାମକ ଖଣ୍ଡିଏ ପୁସ୍ତକ ରଚନା [illegible] କରିଅଛନ୍ତି ଏବଂ କୁମାର ସତ୍ୟେନ୍ଦ୍ରନାଥ [illegible] ତହିଁର ପ୍ରଥମଭାଗ ବାଲେଶ୍ୱର ଦେ[illegible] ଯନ୍ତ୍ରାଳୟରେ ମୁଦ୍ରିତ କରାଇ ବିନାମୂଲ୍ୟ[illegible] [illegible]ରଣ କରୁଅଛନ୍ତି । ଆମ୍ଭେମାନେ ତହିଁ[illegible] [illegible]ଣ୍ଡ ଉପହାର ପ୍ରାପ୍ତ ହୋଇଥିବାର କୃ[illegible] [illegible]ହିତ ସ୍ୱୀକାର କରୁଅଛୁଁ । ଏ ପୁସ୍ତକରେ [illegible] ବ୍ରାହ୍ମଣର ଶ୍ରେଷ୍ଠତ୍ୱ ଓ ଲକ୍ଷଣ, କେଉଁ ବ୍ରାହ୍ମଣ ପ୍ରକୃତରେ ନିନ୍ଦାର ଯୋଗ୍ୟ ଏବଂ କେମନ୍ତ ବ୍ରାହ୍ମଣଙ୍କୁ କ୍ରିୟାକଳାପ ସମୟରେ ଭୋଜନ କରାଇବ ଏହି କଥାମାନ ଶାସ୍ତ୍ରର ପ୍ରମାଣସହିତ ବଡ଼ ସୁନ୍ଦର ଓ ସୁଯୋଗ୍ୟରୂପେ ବର୍ଣ୍ଣିତ ହୋଇଅଛି ଏବଂ ତାହା ପାଠ କରି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ଆମ୍ଭେମାନେ ହିନ୍ଦୁମାନଙ୍କୁ ଏ ପୁସ୍ତକ ଶ୍ରଦ୍ଧାପୂର୍ବକ ପଢ଼ିବାକୁ ଅନୁରୋଧ କରୁଅଛୁଁ ଏବଂ ତହିଁସଙ୍ଗେ ପ୍ରକାଶକ କୁମାରଙ୍କୁ ମଧ ପ୍ରାର୍ଥନା କରୁଅଛୁଁ କି ଓଡ଼ିଶାର ଭିନ୍ନଭିନ୍ନ ସ୍ଥାନରେ ଅନ୍ତତଃ ଛଅହଜାର ପୁସ୍ତକ ବିତରଣ କରି ଏ ବିଷୟରେ ହିନ୍ଦୁମାନଙ୍କର ଅଜ୍ଞାନ ଅନ୍ଧକାର ଦୂର କରନ୍ତୁ । ପୁସ୍ତକର କଳେବର କାଗଜପତ୍ର ଆଦିର ମୂ ୩୯ ପୃଷ୍ଠା ସୁତରାଂ ୨ ହଜାରର ଛପାଖର୍ଚ୍ଚା ଅଧିକ ହେବ ନାହିଁ । ଅଥଚ ଏହାଦ୍ୱାରା ଗୋଟିଏ ସାମାଜିକ ସଂସ୍କାର ହେଲେ ଅନଥିନାୟ ଉପକାର ହେବ ।

ସମାଜ ସଂସ୍କାର ଅନେକ ବିଷୟରେ ଆବଶ୍ୟକ ସନ୍ଦେହ ନାହିଁ କିନ୍ତୁ ସମସ୍ତ ସଂସ୍କାର ଏକାପ୍ରକାର ଆବଶ୍ୟକ ବା ସହଜ ନୁହଇ । ଯେଉଁ ସଂସ୍କାର ଅତ୍ୟନ୍ତ ଆବଶ୍ୟକ ଏବଂ ସହଜରେ ହୋଇ ପାରେ ଅଗ୍ରେ ତାହାହିଁ କରିବା ଉଚିତ । ସଂକ୍ଷିପ୍ତ ଗ୍ରନ୍ଥକାର ରୁଦ୍ରନାରାୟଣ ବାବୁ ଯେଉଁ ସଂସ୍କାରର ସୂତ୍ରପାତ କରୁଅଛନ୍ତି ତାହା ଯେମନ୍ତ ସହଜ ତେମନ୍ତ ଅତ୍ୟାବଶ୍ୟକୀୟ ଅଟଇ ଅତଏବ ତାହାଙ୍କ ସୁବିବେଚନାକୁ ପ୍ରଶଂସା କରୁଅଛୁଁ । ଯେ ଯଥାର୍ଥ କହିଅଛନ୍ତି କି ବ୍ରାହ୍ମଣ ହିନ୍ଦୁର ପୂଜନୀୟ ଏବଂ ସଜୀବ ଦେବତା ଅଟନ୍ତି । ଜ୍ଞାନଧର୍ମର ଉପଦେଶଦେବା ଏହାଙ୍କ କାର୍ଯ୍ୟ । ଅତଏବ ଶାସ୍ତ୍ରମତେ ଏହି ଜାତି କର୍ତ୍ତବ୍ୟ ପରାୟଣ ହେଲେ ହିନ୍ଦୁଧର୍ମ ରକ୍ଷା ହେବ ଲଭୁବା କିଛି ଫଳ ନାହିଁ । ପ୍ରକୃତ ବ୍ରାହ୍ମଣ କିଏ ଏବଂ କେଉଁ ବ୍ରାହ୍ମଣଙ୍କୁ ଭୋଜନ କରାଇଲେ ପିତୃଲୋକଙ୍କର ଗତି ହେବ ଏ ବିଷୟରେ ସେ ଅନେକ ଶାସ୍ତ୍ରରୁ ପ୍ରମାଣ ଉଦ୍ଧାର କରି ଲେଖିଅଛନ୍ତି । ପରିଚୟସ୍ୱରୂପ ଆମ୍ଭେମାନେ ନିମ୍ନଲିଖିତ ବଚନମାନ ଅର୍ଥସହିତ ଏଠାରେ ପ୍ରକାଶ କଲୁଁ ଯଥା ।—

" ଶମୋଦମସ୍ତପଃ ଶୌଚଂ କ୍ଷାନ୍ତି ରାର୍ଜ୍ଜବମେବଚ ।
ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ୍ମ ସ୍ୱଭାବଜମ୍ ।" ଭଗବଦ୍ଗୀତା ।

ଶମ, ଦମ, ତପ, ଶୌଚ, କ୍ଷମା, ସରଳତା, ଜ୍ଞାନ ଓ ଈଶ୍ୱରନିଷ୍ଠା ବ୍ରାହ୍ମଣର ସ୍ୱାଭାବିକ ଲକ୍ଷଣ ।

" ଯୋ ନାଧୀତ୍ୟ ଦ୍ୱିଜୋ ବେଦମନ୍ୟତ୍ର କୁରୁତେ ଶ୍ରମମ୍ ।
ସ ଜୀବନ୍ନେବ ଶୂଦ୍ରତ୍ୱମାଶୁ ଗଚ୍ଛତି ସାନ୍ୱୟଃ ।" ୨ୟ ୧୬୮ ମନୁ ।

ଯେଉଁ ଦ୍ୱିଜ ବେଦ ଅଧ୍ୟୟନ ନ କରି ଅନ୍ୟତ୍ର ଶ୍ରମ କରନ୍ତି, ସେ ସବଂଶେ ଜୀବଦ୍ଦଶାରେ ଶୂଦ୍ରତ୍ୱ ପ୍ରାପ୍ତ ହୁଅନ୍ତି ।

ଯଥୋଷରେ ବୀଜମୁପ୍ତ୍ୱା ନ ବପ୍ତା ଲଭତେ ଫଳମ୍ ।
ତଥାନୃଚେ ହବିର୍ଦ୍ଦତ୍ତ୍ୱା ନ ଦାତା ଲଭତେ ଫଳମ୍ ।୩ୟ ୧୪୨ ମନୁଃ

ଯେମନ୍ତ କ୍ଷାରଯୁକ୍ତ ଭୂମିରେ ବୀଜବପନ କଲେ, ବପନକାରୀ ଫଳ ଲାଭ କରି ପାରନ୍ତି ନାହିଁ, ସେହିରୂପ ଅବେଦଜ୍ଞ ବ୍ରାହ୍ମଣଙ୍କୁ ଦ୍ରବ୍ୟ ପ୍ରଦାନ କଲେ, ଦାତା ଫଳଲାଭ କରି ପାରନ୍ତି ନାହିଁ

ବେଦପୂର୍ଣ୍ଣମୁଖଂ ବିପ୍ରଂ ସୁଭୁକ୍ତମପି ଭୋଜୟେତ୍ ।
ନ ଚ ମୂର୍ଖଂ ନିରାହାରଂ ଷଡ୍ରାତ୍ରମୁପବାସିନଂ । ଅତ୍ରିସଂହିତା
୪ ର୍ଥ ଅଃ ।

ବେଦବିତ୍ ବିପ୍ର ଯଦି ଉତ୍ତମରୂପ ଆହାର କରି ଥାଆନ୍ତି, ତଥାପି ତାହାଙ୍କୁ ଭୋଜନ କରାଇବ । କିନ୍ତୁ ଛଅରାତ୍ରି ଉପବାସ ଥିଲେ ସୁଦ୍ଧା ମୂର୍ଖ ବ୍ରାହ୍ମଣଙ୍କୁ ଭୋଜନ କରାଇବ ନାହିଁ ।

ପ୍ରେତଶ୍ରାଦ୍ଧୋକ୍ତବିଧିନା ଶ୍ରାଦ୍ଧଂ କୃତ୍ୱା ତତ୍ତ୍ୱବିତଃ ।
ବ୍ରହ୍ମଜ୍ଞାନ୍ ବ୍ରାହ୍ମଣାନ୍ ଶୀଲାନ୍ କ୍ଷୁଧିତାନପି ଭୋଜୟେତ୍ । ୧୦ମ
ଉଲ୍ଲାସ, ମହାନିର୍ବାଣତନ୍ତ୍ର ।

ଅର୍ଥାତ୍ ତତ୍ତ୍ୱବିତ୍‌ମାନେ ପ୍ରେତ ଶ୍ରାଦ୍ଧୋକ୍ତ ବିଧିଅନୁସାରେ ଶ୍ରାଦ୍ଧ କରି ବ୍ରହ୍ମଜ୍ଞ ବ୍ରାହ୍ମଣଶୀଳ ଏବଂ କ୍ଷୁଧିତମାନଙ୍କୁ ଭୋଜନ କରାଇବେ ।

ଯଥା କାଷ୍ଠମୟୋ ହସ୍ତୀ ଯଥା ଚର୍ମ୍ମମୟୋ ମୃଗଃ ।
ବ୍ରାହ୍ମଣସ୍ତ୍ୱନଧୀୟାନାସ୍ତ୍ରୟସ୍ତେ ନାମଧାରକାଃ । ୮ମ ଅଃ ପରାଶର ସଂହିତା ୨୭ ଶ୍ଲୋକ ଏବଂ ୨ୟ ଅଃ ୧୫୭ । ମନୁଃ ।

ଯେପରି କାଷ୍ଠ ନିର୍ମ୍ମିତ ହସ୍ତୀ, ଚର୍ମ୍ମମୟ ମୃଗ, ଅଧ୍ୟୟନହୀନ ବ୍ରାହ୍ମଣହିଁ ସେହିରୂପ । ଏମାନେ ନାମମାତ୍ର ଧାରଣ କରି ଅଛନ୍ତି । ଗୁଣ କିଛିହିଁ ଧାରଣ କରି ନାହାନ୍ତି ।

ଉପରଲିଖିତ ବଚନମାନଙ୍କରୁ ବିବେଚକ ପାଠକମାନେ ଅବଶ୍ୟ ବୁଝିପାରିବେ ଯେ ବ୍ରାହ୍ମଣତ୍ୱ କ୍ରିୟାଉପରେ ନିର୍ଭର କରଇ ବଂଶ ଉପରେ ନୁହଇ । ଏହି ସିଦ୍ଧାନ୍ତ ଯୁକ୍ତିସିଦ୍ଧାନ୍ତ ପାରମ୍ପର୍ଯ୍ୟ ସେଣ ପାଦ କହିଅଛନ୍ତି ତ ସେଗମ୍ବରଙ୍କ ପୁତ୍ରହେବା ଯଥେଷ୍ଟ ନୁହଇ ଧର୍ମ ଆଚରଣ କରିବାର ଆବଶ୍ୟକ । ବ୍ରାହ୍ମଣମାନେ ସର୍ବଦା ଜ୍ଞାନ ଓ ଧର୍ମର ଚର୍ଚ୍ଚା କରିବେ ଏବଂ ତାହାଙ୍କୁ ସେହିକାର୍ଯ୍ୟରେ ଉତ୍ସାହିତ କରିବା ଏବଂ ସେମାନଙ୍କର ସାଂସାରିକ ଅଭାବ ମୋଚନ ନିମିତ୍ତ ସେମାନଙ୍କୁ ଦାନ ଓ ପୂଜା କରିବାକୁ ହେବ । ପ୍ରାଚୀନ ଶାସ୍ତ୍ରକାରଙ୍କ ଉଦ୍ଦେଶ୍ୟ ଏହି ଏବଂ ଏଥିପାଇଁ ଦେବ ଏବଂ ପିତୃକାର୍ଯ୍ୟରେ ସେମାନଙ୍କ ନିର୍ବାହର ବନ୍ଦୋବସ୍ତ କରି ଦେଇଅଛନ୍ତି । ବର୍ତ୍ତମାନର ହିନ୍ଦୁମାନେ ମୂର୍ଖତା ହେତୁ ଏ ମହତ ଉଦ୍ଦେଶ୍ୟ ବୁଝି ନ ପାରି ନାମମାତ୍ର ପଇତାଥିବା ବ୍ରାହ୍ମଣଙ୍କୁ ଧାନ୍ୟ ଚୂଡ଼ା ପାଣିସ୍ୱାଦହ ଗୁଡ଼ପାଣି ଓ କଥାସହିତ ପଇସାଏ ବା ଅଧଲାଏ ଦକ୍ଷିଣାଦେଇ ଆପେ ପାପ ଅର୍ଜୁଅଛନ୍ତି ଏବଂ ସଜ୍ଜନର ପ୍ରାପ୍ୟ ଦୁର୍ଜ୍ଜନକୁ ଦେଇ ଜ୍ଞାନ ଓ ଧର୍ମର ଲୋପସାଧନ କରୁଅଛନ୍ତି । ଏ ସମ୍ବନ୍ଧରେ ଆମ୍ଭମାନଙ୍କର ଆହୁ ଯାହା ବକ୍ତବ୍ୟ ଅଛି ଆଗାମିରେ ପ୍ରକାଶ କରିବୁଁ ।

---

# ସାପ୍ତାହିକ ସମ୍ବାଦ ।

ଗତ ଶନିବାର "ବାଲ୍ୟାଶ୍ରମର" ଦ୍ୱିତୀୟ ଅଧିବେଶନ ହୋଇଥିଲା । ପଣ୍ଡିତ ଶ୍ରୀ ଗଦାଧର ତ୍ରିପାଠୀଙ୍କ ସଙ୍କଳିତ "ଖାଦ୍ୟାଖାଦ୍ୟ" ବିଷୟରେ ଗୋଟିଏ ପ୍ରବନ୍ଧ ପଠିତ ହୋଇଥିଲା ।

## କଲିକତା–ଗେଜେଟ ।

ଡଟକଣ୍ଟ ଏବଂ ଜଏଣ୍ଟମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଏ, ପି, ସେନେଲ ସାହେବ ରାଜସ୍ୱ ଓ ବାଣିଜ୍ୟ କାର୍ଯ୍ୟ ବିଭାଗରେ ଭାରତୀୟ ଗବର୍ଣ୍ଣମେଣ୍ଟର ଅଧୀନରେ ଅବସ୍ଥାପିତ ହେଲେ ।

ବାଲେଶ୍ୱର ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ମିଃ ଡି, ପି, ଡ୍ରାକ୍ସ ସାହେବ ଆଗାମୀ ମେମାହ ତା ୭ ରିଖଠାରୁ ଅଠମାସର ଛୁଟୀ ଗ୍ରହଣ କରିଅଛନ୍ତି ।

ମହାନଦୀବନ୍ଧରର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ଘସ୍ ଟକ୍ କୁଷ୍ଟକାନୁନ୍ଦି ସାହେବ ଗତ ଜାନୁଆରୀମାସ ତା ୨୨ ରିଖଠାରୁ ଷାଠିଏଦିବସର ଛୁଟୀପ୍ରାପ୍ତ ହୋଇଅଛନ୍ତି ।

---

ଏବର୍ଷେତ ଶୁଦ୍ଧ ୯ ସେର ଜଳରେ ବାରବର୍ଷା ରାତ୍ରିର ଛଣି ଯନପାଇ ତନ ଜଳସ୍ରୋତରେ ମିଶ୍ରିତକରି ଶରୀରେ ରଖିବାକୁ ହେବ । କନ୍ତଷଣ ଉପରେ ହତ ଘଲରଙ୍ଗ ଧାରଣ କରିବ ଯେତେବେଳେ ତହିଁରେ ୨୦ ଗଜ ଲମ୍ବା ଏକଖଣ୍ଡ ଲୁଗା ରଙ୍ଗ କର ହୋଇପାରେ ।

ମେଦନୀପୁରରେ ଜଣେ ଡାକ୍ତର ଜଣେ ହସ୍ପୋଟ କନେଷ୍ଟବଲଙ୍କ ନାମରେ ଔଷଧର ମୂଲ୍ୟ ନଅପଇସା ସ୍ୱଦାଲତେ ଡାକ୍ତରୋଟରେ ନାଲିଶ କରିବାରୁ ମୁନସଫ ବାବୁ ଡାକ୍ତରଙ୍କୁ ଦଣ୍ଡିଲେ । ବାଃ ଏତ ବଡ ମକଦ୍ଦମା ।—ଉପଯୁକ୍ତ ଏବଂ ଟଙ୍କାର ନା ଏହା ବର୍ତ୍ତମାନର ଶିକ୍ଷାର ଗୁଣ ?

Digitized by srujanika@gmail.com

Split by PDF Splitter



ଅମେରିକାରେ ଦୁଇଜଣ ଷ୍ଟୀମର ଜାହାଜର କପ୍ତାନ ପଦରେ ନିକଟରେ ନିଯୁକ୍ତ ହୋଇଅଛନ୍ତି । ଅମେରିକାର ସବୁ ବିଷୟରେ ବଡ଼ ଅଦ୍ଭୁତ !

କଲିକତାରେ ନିକଟରେ ଅଣାଗୋଟିଏର ପୋଷାକ ଓ ଦଶହଜାର ମୂଲ୍ୟର ସାମଗ୍ରୀ ନଷ୍ଟ ହେଲା ।

ବୁଦ୍ଧିଅନାମ୍ନୀ ନାରୀଙ୍କୁ କର୍ଣ୍ଣେଲ ଡସ୍ଥାଭେଲ ଅପମାନ କରି କର୍ମଚ୍ୟୁତ ହୋଇଥିବାର ପାଠକମାନେ ଅବଗତ ଅଛନ୍ତି । ସାହେବ ମହୋଦୟ ଜାଣିପାରିଲେ ଯିବା ସମୟେ ବୁଦ୍ଧିଅକୁ କ୍ଷତିପୂରଣ ପାଞ୍ଚଶହଟଙ୍କା ଯାଚିବାରୁ ସେ ଗ୍ରହଣ ନ କରି ତାହୁଁ ସେ ସେଠାର ଯୁବତୀ କଲେଜକୁ ଉକ୍ତ ଟଙ୍କା ଦାନ କରିଦେଲେ । ବୁଦ୍ଧିଅ ଧନ୍ୟ !

ଅମ୍ବାଲାର ସେସନ ଜଜସାହେବଙ୍କଠାରେ ନିକଟରେ ଗୋଟିଏ ନରହତ୍ୟା ମକଦମାର ବିଚାର ହୋଇଥିଲା । ଏଥିରେ ତିନିଜଣବ୍ୟକ୍ତି ସୁବ୍ଧନାମକ ଏକବ୍ୟକ୍ତିକୁ ନାଲରେ ଫିଙ୍ଗିଦେଇ ତାହାର ପ୍ରାଣନାଶ କରିଥିବାର ଅଭିଯୋଗ ହୋଇଥିଲା । ଜଜସାହେବଙ୍କ ବିବେଚନାରେ ମକଦମା ପ୍ରମାଣ ହେବାରୁ ସେ ତିନିଜଣ ଅସାମୀଙ୍କ ପ୍ରତି ଫାଶି ଦଣ୍ଡର ଆଜ୍ଞା ଦେଲେ । ତହୁଁ ସେମାନେ ଲାହୋରର ପ୍ରଧାନ କୋର୍ଟରେ ଅପିଲ କଲେ ଓ ତହିଁର ଶୁଣାଣି ପୂର୍ବେ ମୃତ ବ୍ୟକ୍ତି ବାହାରି ସୁସ୍ଥ ଓ ଜଜଙ୍କୁ ବଡ଼ ଲଜ୍ଜା ଦେଲା । ଏଥିରୁ ଏଡ଼କଷ୍ଟରପତ୍ର ଯଥାର୍ଥ ଟ୍ରାଜ଼ୁଲି କରିଅଛନ୍ତି କି ଜଜସାହେବ ବର୍ତ୍ତମାନ ଅଫିସେଇଟ କଲେ ଯେ ମୃତ ବ୍ୟକ୍ତି ବାହାର ନାହିଁ ତାହାର ଅଶରୀ ଆତ୍ମା ଭୂତସ୍ୱରୂପ ବାହାରିଛି ମୃତ୍ୟୁକାରିଙ୍କ ପ୍ରାଣଦଣ୍ଡ ଦେଖିବା ପାଇଁ ଜଜସାହେବ ଏତକ କଲେ ତାଙ୍କ ବିବେଚନା ସମ୍ପୂର୍ଣ୍ଣ ଠିକ ହୋଇଯିବ !! ଏପରି ବିଷୟରେ ତାହାର କରିଦେବେ ।

ଲକ୍ଷ୍ନୌରେ ନିକଟରେ ଗୋଟିଏ ଚଳ୍ତିପତ୍ର (ନୂତନ ପତ୍ର) ହୋଇଥିଲା ଯେ ତାହା ସ୍ଥିର ଓ ମଣିରେ ପୂର୍ଣ୍ଣ ଥିଲା । "ପାଇସ କଣ?" 'ଖୋଦା ଉପର ଫାଡ଼କେ ଦେଗା' ଏହି ଉକ୍ତି ଯେ ଠିକ ସତ୍ୟ ।

ଜାପାନଦ୍ୱୀପରେ ବିଷୟର ପ୍ରବନ୍ଧ ପ୍ରଣାଳୀରେ ଖ୍ରୀଷ୍ଟଧର୍ମ ପ୍ରଚାର ଓ ନିର୍ବାଚନପ୍ରଥା ପ୍ରଚଳ ହେବାର ସେଠାର ସଭା ଆଜ୍ଞା ଦେଇଅଛନ୍ତି । ଧନ୍ୟ ଜାପାନ । ଭାରତବର୍ଷ କି ଏତେ ସ୍ଥିର ଯେ ନିର୍ବାଚନପ୍ରଥାର ଫର୍ଦ୍ଦ ବଙ୍ଗମାନଙ୍କ ଅନେକ ଦାକ୍ଷିଣ ଶତ୍ରୁ ହେଉଅଛନ୍ତି । ନାଗରିକମିତ୍ରର ଶତ୍ରୁମାନେ ଜାପାନକଥା ଶୁଣିକଣ ଲଜ୍ଜିବେ ।

କାଶୀରେ ତାନ୍ତ୍ରିକର ଶବ ଶଙ୍କର ବଣସ ହିନ୍ଦୁ ଦେ. ବି, ଅଇ, ଇ, ଟ ୭୦୦୦୦ଙ୍କା ବ୍ୟୟରେ ଗୋଟିଏ ଶିବାଳୟ ସ୍ଥାପନ କରିଅଛନ୍ତି ଓ ଏଥିର ନିର୍ବାହ ସକାଶେ ଅନେକଜଣ ରକ୍ଷିଅଛନ୍ତି । ଏହା ଭିନ୍ନ ଅଭି ଅର୍ଥବହୁଶ୍ରୁଟଙ୍କା ଧର୍ମହୀନାନ୍ତ ଓ ନାନାବି ସାଧାରଣ ହିତକାର୍ଯ୍ୟରେ ବର୍ତ୍ତମାନରେ ବ୍ୟୟ କରିଅଛନ୍ତି । ବର୍ତ୍ତମାନ ପାଶ୍ଚାତ୍ୟ ସଭ୍ୟତାର ସମୟେ ଏପରି ହିନ୍ଦୁ ଧର୍ମକାର୍ଯ୍ୟ ବିରଳ । ଧନ୍ୟ ଏହାଙ୍କର ବଦାନ୍ୟତା !

ମାଲ୍ୟରର ଡାକ୍ତର ସୁରୁଦାସ ବାନର୍ଜୀ କଲିକତା ମ୍ୟୁନିସିପାଲ୍ଟିର କମିଶନର ହେବାରୁ ଏଥିର ମଙ୍ଗଳବାଦ୍ୟସ୍ୱରୂପ ଅଟଳ ବଙ୍ଗୀୟ ଓକିଲମାନେ ଗୁଣ ନାଚଶାଳ କରିଥିଲେ, ସେଥିରେ, ଶରକଟକାଳ ନାଚରଙ୍ଗ ଯଥେଷ୍ଟ ହୋଇଥିଲା । ହାଇକୋର୍ଟର ଦନଦେଶୀୟ ଜଜ ଓ ଅନ୍ୟଦେଶୀୟମାନେ ଅନାହୁତ ହୋଇଥିଲେ । ଉତ୍ତମ ।

## ଯାଜପୁର ସମ୍ବାଦ ।

ଏବର୍ଷ ପଇପୋଡ଼ି ଏହି ସମୟକୁ ଏ ଅଞ୍ଚଳରେ ଅଭାବ ହେଲାଣି । ଏ ନଗରରେ ଦୁଇ ସ୍ୱର ବ୍ୟକ୍ତିଙ୍କ ଘର ପୋଡ଼ି ଯାଇଅଛି । ମାତ୍ର ମୋଫସଲର କେତେକ ସ୍ଥାନରେ ପରା ପୋଡ଼ି ଯାଇ ଲୋକମାନଙ୍କର ବହୁତେଷ କ୍ଷତି ହୋଇଥିବାର ଶୁଣାଯାଏ । ଧାନ ଚାଉଳ ଶିସ୍ତା ହେବରୁ ମୋଫସଲରେ ଲୋକମାନଙ୍କ ଚୌର୍ଯ୍ୟ ବୃଦ୍ଧି ହୋଇଥିବାର ଶୁଣାଯାଏ ।

ଏବର୍ଷ ନାଗରଯାତ୍ରା ଉପଲକ୍ଷରେ ବହୁପରିମାଣ ଯାତ୍ରୀ ଏ ନଗରବାଟେ କପିଳାସ ଓ ଶ୍ରୀ ମହାଦେଣାସ୍ୱବ ଓ ଶ୍ରୀ ବୃଷଭେଶ୍ୱରଙ୍କ ଧାମକୁ ଗମନ କରିଥିଲେ । ବର୍ତ୍ତମାନ ସୁଦ୍ଧରେ ଫେରି ଅଧ୍ୟଅଛନ୍ତି ।

କଟକ କଲେକ୍ଟରର ହେଡ଼କ୍ଲର୍କ ବାବୁ ଗଣେଶପ୍ରସାଦ ହିନ୍ଦୁ,ତାଙ୍କ ଜ୍ୟେଷ୍ଠପୁତ୍ରର ଉପନୟନ ଉପଲକ୍ଷରେ ତାଙ୍କ ମୃତ ପିତାଙ୍କର ମକାମରେ ବହୁପରିମାଣ ଅର୍ଥ ବ୍ୟୟକରି ଉତ୍ସବରେ କାର୍ଯ୍ୟ ସମାପ୍ତ କରି କଟକମୁକାମକୁ ପ୍ରସ୍ଥାନ କରିଅଛନ୍ତି । ବାବୁ ମହୋଦୟ ଏ ନଗରର ସମସ୍ତ ଭଦ୍ରଲୋକମାନଙ୍କୁ ନିମନ୍ତ୍ରଣ କରିଥିଲେ ।

ଏଠାରେ ବର୍ତ୍ତମାନ ମୋଟଚାଉଳ ସେ ୧୪ ର ଓ ସରୁଚାଉଳ ସେ ୧୬ ର ଲେଖାଁ ଏ ବକ୍ରୟ ହେଉଅଛି । ଅନେକ ଲୋକ ଦୁର୍ଭିକ୍ଷର ବର୍ଷ ଅନୁଭବକରିବାକୁ ଆରମ୍ଭ କଲେଣି ।

ଏବର୍ଷ ଆମ୍ବଫଳ ପ୍ରାପ୍ତ ନାହିଁ ବୋଲିବାକୁ ହେବ । ଏବେ ଗଛରେ ଅଳ୍ପପରିମାଣ ଯାହା ଅଛି ପାଚିବା ସମୟପର୍ଯ୍ୟନ୍ତ ରହିବ ନାହିଁ ।

ଫସଲ ହାନି ହେବାରୁ ଏବର୍ଷ ଚକାହର ସଂଖ୍ୟା ଅତ୍ୟନ୍ତ ଊଣା ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଅମ୍ଭର ନିମ୍ନଲିଖିତ ବିଷୟଟିକୁ ଆପଣଙ୍କର ପତ୍ରିକାର ଏକକୋଣରେ ଯତ୍କିଞ୍ଚିତ ସ୍ଥାନ ଦାନ କରି ବାଧିତ କରିବା ହେବେ ।

Indian Postal Guide ର 56 Clause ରେ ଲେଖାଅଛି କି କୌଣସିବ୍ୟକ୍ତି Indian Post Card ର ଶିରୋନାମା ପୃଷ୍ଠାରେ କେବଳ ପାଇବା ବ୍ୟକ୍ତିର ନାମ ଓ ଠିକଣା ଛଡ଼ା ଆଉ କିଛି ଲେଖି ପାରିବେ ନାହିଁ । ଯଦି କେହି ବ୍ୟକ୍ତି ଭ୍ରମବଶତଃ କୌଣସି କଥା ଲେଖନ୍ତି ତାହା ହେଲେ ଉକ୍ତ Card ଉପରେ ଅର୍ଦ୍ଧ ଅଣା ମାସୁଲ ବସି ତାହା ପାଇବା ବ୍ୟକ୍ତିଠାରୁ ଅସୁଲ କରାଯିବ । ମଧ୍ୟ ସାଧାରଣଙ୍କୁ ଏବିଷୟରେ ସତର୍କ କରି ଦେବା ଲାଗି କର୍ତ୍ତୃପକ୍ଷ Card ଉପରେ ଇଂରାଜୀଭାଷାରେ ସ୍ପଷ୍ଟରୂପେ The address only to be written on this side ଛାପି ଦେଇଅଛନ୍ତି । ମାତ୍ର ତଥାପି ଏପରି ଭ୍ରମର ଉଦାହରଣ ଅତି ବିରଳ ନୁହେଁ । ପ୍ରାୟ ପ୍ରତି ଡାକଘରେ ଏପରି କାର୍ଡ଼ର ଦୈନିକସଂଖ୍ୟା ୨।୪ ଖଣ୍ଡରୁ ନ୍ୟୂନ ନୁହେଁ । ଏହାର କାରଣ ଯେ ଇତରଲୋକଙ୍କର ଇଂରାଜୀ ଭାଷାନଭିଜ୍ଞତା ଏହା ବୋଲିବା ବାହୁଲ୍ୟମାତ୍ର । ଡାକଘର ସମ୍ପର୍କୀୟ ଲୋକମାନଙ୍କୁ ଏପରି ହୁକୁମ ନାହିଁ ଯେ ସେମାନେ Card କ୍ରେତାମାନଙ୍କୁ Card ଦେଲ ସମୟରେ ଏବିଷୟରେ ସତର୍କ କରି ଦେବେ । ମଧ୍ୟ ସବୁ ସମୟରେ ଓ ସମସ୍ତେ କିଛି ଡାକସମ୍ପର୍କୀୟ କର୍ମଚାରୀମାନଙ୍କଠାରୁ Card ଖରିଦ କରନ୍ତି ନାହିଁ । ତେଣୁ ଅଜ୍ଞଲୋକେ ପ୍ରାୟ ଅନେକ ସ୍ଥଳରେ ଏହି ନିୟମଟିର ବିପରୀତକାର୍ଯ୍ୟ କରନ୍ତି । ଅତଏବ ଏତଦ୍ୱାରା ଅମ୍ଭର କର୍ତ୍ତୃପକ୍ଷମାନଙ୍କୁ ସବିନୟ ପ୍ରାର୍ଥନା ଏହି ଯେ ସେମାନେ ଏବିଷୟରେ ଟିକିଏ ମନୋଯୋଗୀ ଳ ହେବ[illegible] କଲେକି ଏହି ଅଯଥା ମାସୁଲରୁ [illegible] ଶରୂପେ ରକ୍ଷା ପାଇବେ ନାହିଁ ।

The addres[illegible] to be written on this side [illegible]ଲେ ଏହି ଇଂରାଜୀ ବାକ୍ୟଟିକୁ ପ୍ରଦେଶ[illegible]ଷାରେ ଛାପାଇବା ବ୍ୟତୀତ ଆଉ କି ତ[illegible] ଉପାୟ ଅବଲମ୍ବିତ କରିପାରନ୍ତି ? ଯଦି କୌଣସି ଉପାୟ ଥାଏ ତେବେ ଶୀଘ୍ର ତାହା ଅବଲମ୍ବନ କରି ଅସଂଖ୍ୟ ଅଜ୍ଞଲୋକଙ୍କୁ ଏହି ଦାରୁଣ ମାସୁଲର ଯନ୍ତ୍ରଣାରୁ ରକ୍ଷା କରନ୍ତୁ ଅମ୍ଭର ଏହି ପ୍ରାର୍ଥନା । ଇତି ।

ଆପଣଙ୍କରି
ବଶମ୍ବଦ
ଶତ୍ରୁଘ୍ନପ୍ରସାଦ ଚୌଧୁରୀ
ଦାମୋଦରପୁର
ଭୁଆଁପାଲ ପୋଃ

---

ମହାଶୟ !

( ପ୍ରହେଳିକା । )

କବି ଅଗ୍ରଗଣ୍ୟ ଅଟଇଁ ମୁହିଁ ।
ବିଦ୍ୟାରେ ସମ୍ପର୍କ ମୋହୋର ନାହିଁ ।
କଠିନ କର୍କଶ ମୋହୋର ପ୍ରିୟ ।
କୋମଳରେ ମଧ ଅଟଇଁ ପ୍ରିୟ ।
ବୈଦ୍ୟମଧ୍ୟରେ କବିଜ ହୋଇଁ ।
ନଗରର ଶେଷେ ବସଇଁ ମୁହିଁ ।
ମୁଁ ତ ଥିଲେ ବାକ୍ୟ ପୂର୍ଣ୍ଣ ନ ହେବ ।
ବ୍ୟଞ୍ଜନର ଅନ୍ତେ ମୋତେ ଦେଖିବ ।
ନ ଖାଏଟି କେହି ।
ଯଦକେ ନରସ ଅଟଇଁ ମୁହିଁ ।

—∘୦✲୦∘—

Digitized by srujanika@gmail.com

ବନ୍ଧୁ ପିତା ମୋର ଅଟନ୍ତି ଯେଣୁ ;
ଭାବ କୃଷ୍ଣଚନ୍ଦ୍ର ହୋଇଲ ତେଣୁ ।
ନାମଅଟେ ମୋର ଭଜ ଅକ୍ଷର ;
ମଧ୍ୟମ ଲୋପଟେ ହୁଏ ସଞ୍ଚାର ।
ଜୀବହିଂସା ମୋର ଅଟଇ ଧର୍ମ୍ମ ;
ପ୍ରାଣୀରକ୍ଷା ମଧ୍ୟ ଅଟଇ କର୍ମ ।
ବସ ଜାମ ମୋର ;
କହିବେ କିଏ ଅଟଇ ଯାହାର ।

ଶ୍ରୀ ଶ୍ରୀ ଜଗଣ୍ଡି ମାଛ ।

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଯାଜପୁର ମନ୍‌ସଫ୍‌କଚିରୀର ଅଫିସର | | ବକୀୟା | ଟ ୬୷ |
| କଟକଷ୍ଟ କଲେକ୍ଟର | | " | ଟ ୧୨ |
| ବାବୁ ଗଣେଶପ୍ରସାଦ ସିଂହ କଟକ | | ଅଗ୍ରିମ | ଟ ୧୮ |
| " ନାରାୟଣପ୍ରସାଦ ମିଶ୍ର | " | " | ଟ ୧୮ |
| ରେଭରେଣ୍ଡ ଡବଲିଉ ମିଲର | " | " | ଟ ୩୮ |
| " | " | ବକୀୟା | ଟ ୩୮ |
| ବାବୁ ଗୋପୀନାଥ ସାହୁ | " | ଅଗ୍ରିମ | ଟ ୧୮ |
| " ଦୀନବନ୍ଧୁ ମହାନ୍ତି | " | " | ଟ ୨୮ |
| ମୁନସି ରୋସନ ମହମ୍ମଦ | " | ବକୀୟା | ଟ ୦୷ |
| ଚୌଧୁରୀ ଘନସ୍ୟାମ ଶିବନାରାୟଣ ପହରାଜ ବସ୍ତା | | ଅଗ୍ରିମ | ଟ ୩୮ |
| ବାବୁ ରଘୁନାଥ ମିଶ୍ର | କଟକ | " | ଟ ୧୮ |

# ବିଜ୍ଞାପନା ।

## ହିନ୍ଦୁବାଲ୍ୟାଶ୍ରମ ।

ଅଦ୍ୟ ଶନିବାର ସନ୍ଧ୍ୟା ସ ୭ ଘଟିକା ସମୟରେ ଶ୍ରୀ ଗୋପାଳଜିଉଙ୍କ ମନ୍ଦିରରେ ବାଲ୍ୟାଶ୍ରମର ଦ୍ୱିତୀୟ ଅଧିବେଶନ ହେବ । ପଣ୍ଡିତ ଶ୍ରୀଦେବେନ୍ଦ୍ରନାଥ ବିଦ୍ୟାଭୂଷଣ "ନୀତି-ଶିକ୍ଷା" ବିଷୟରେ ଉପଦେଶ ପ୍ରଦାନ କରିବେ । ଜନସାଧାରଣଙ୍କର ଶୁଭାଗମନ ପ୍ରାର୍ଥନୀୟ ।

ରାଧାବିନୋଦ ବୋଷ,
ସମ୍ପାଦକ ।

### NOTICE.

Tenders are invited in Form No. 7 M. for the construction of a separate building for the Sanscrit School at Pooree. The Estimate amounts to Rs 2306.

The work to be commenced on the 15th May 1889 and completed by the 15th July 1889.

Rs. 100 to accompany each tender as earnest money.

Tenders will be opened by the Executive Engineer on the 28th March 1889 afternoon. For further particulars apply to the Executive Engineer Pooree Dn. at Cuttack.

Sd. J. R Swinden
*Executive Engineer*
*Pooree Division.*

### ଚମତ୍କାର ମହୌଷଧ

ମଦର୍ସ ସିଗଲ ସିରପ ଓ ତହିଁର ପିଲ୍ ଏ ଔଷଧ ବାଇ ଓ ପେଟଫମ୍ପା ଓ ଜ୍ୱର ଆଦି ଅନେକ ବେମାରରେ ଉପକାରୀ । ଡାକ୍ତର ସ୍ମିଥ ଷ୍ଟେନିଷ୍ଟ୍ରିଟ କୋମ୍ପାନୀଙ୍କ ଉଦ୍ଯୁକ୍ତ ଆମ୍ଭର ଚଉଧୁରୀବଜାର ଦୋକାନରେ ବିକ୍ରୟ-ସକାଶେ ମହଜୁଦ ଅଛି ଗ୍ରାହକବର୍ଗ ଆବଶ୍ୟକ-ମତେ ଇଲାସ କଲେ ପାଇ ପାରିବେ ।

ମଦର୍ସସିଗଲସିରପ  ସି ୧ ୬ ଟ ୧୷୵
ପିଲ  ବା ୧ ୬ ଟ ୧୮
୧୩।୨।୮୯  ଶ୍ରୀ ଆରତବଲ୍ଲଭକର
କୋମ୍ପାନି

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତବ୍ୟ କରାଯାଉ ଅଛି ଯେ ଆଗାମି ମାର୍ଚ୍ଚମାସ ତା ୧୫-ରିଖ ପ୍ରାତଃକାଳରେ ଜେନରଲ ହାସପାତା-ଲଠାରେ କମ୍ପାଉଣ୍ଡରମାନଙ୍କର ପରୀକ୍ଷା ହେବ ଯେବେ କେହି ପରୀକ୍ଷୋତ୍ତୀର୍ଣ୍ଣ ହେବାକୁ ଇଚ୍ଛା କରନ୍ତି ତେବେ ସେ ଅଗଭୂସ ଫିସ୍ ଟ ୩ କା ସିଭିଲ ସର୍ଜନଙ୍କ ସମୀପରେ ଦାଖଲକରି ଉକ୍ତ ତାରିଖରେ ଜେନରଲ ହାସପାତାଲରେ ଉପସ୍ଥିତ ହେବେ ଏବଂ ଯେବେ କେହି ଏ ସମ୍ବନ୍ଧରେ ବିଶେଷ କରି ଜାଣିବାକୁ ଇଚ୍ଛା କରନ୍ତି ତେବେ କଟକଜିଲାର ଶ୍ରୀଯୁତ ସିଭିଲ ସର୍ଜନଙ୍କ ଅଫିସଠାକୁ ଗଲେ ସକଳ ବିଷୟ ଅବଗତ ହୋଇପାରିବେ ।

E. BOVILL.
୬।୨।୮୯  ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶା
ମେଡିକଲ ସ୍କୁଲ

### ପ୍ରାକୃତିକଭୂଗୋଳ ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତି
ଡାକ୍ତର, ବାଲୁବଜାର କଟକ

### ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନରି ପଦାର୍ଥ, ବହୁପ୍ରକାର ଖେଳଣା, ବଲ-ଗାଡି, ଜାମିନ, କୋଟ, ବେଣୀ ଓ ବିଲାତିଘୋଡା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ପରିଶ୍ରମ ଜନ୍ୟେ ଶତକରା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା, ଉତ୍ପତ୍ତିର କାରଣ, ବ୍ୟାଧି ଭୋଗର କାଳ, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ଅବସ୍ଥା ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପଉଚତ ସ୍ଥାନକୁ ଭାଲୁପେବଲ୍ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତିକ ମାତ୍ର କହିପାରୁଁ ଯେ ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack stores } ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ଭେଷଜଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Split by PDF Splitter

Digitized by srujanika@gmail.com

# ମେହରୋଗ ।

୧୮୭୫ ସାଲଠାରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ରୋଗୀମାନଙ୍କୁ ଅବଗତ କରାଉଅଛୁ ସେମାନଙ୍କର ଉପକାର୍ଥେ ରୋଗଶାନ୍ତିକାରୀ ଔଷଧ ନୂତନ ସାମାନ୍ୟ ଅର୍ଥବ୍ୟୟ ସହାୟେ ସେବନର ମାତ୍ର ଦଶ ଭାଗ କରିଅଛୁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ସେହିମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଔଷଧ ବ୍ୟବହାରରେ ଉପଶମ ନ ହେଲେ ଆଉ ଶିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପରଚିତପୁର ନଂ ମନ୍ଦିର ଲଗରେ ସି, ବେ, ପଣ କମ୍ପାନିଙ୍କଠାରେ ଏବଂ କଟକ ବଡ଼ବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ୫୦ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଅମୃତ ଚଉଧୁରୀବଜାର ସ୍ଥିତ ଦୋକାନରେ ଗଦାଗର ଉତ୍ତମ ମଦରା ଓ ଅଷ୍ଟ୍ର ଇତ୍ୟାଦି ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଅମ୍ଭ ଦୋକାନରେ ତଲାସ କଲେ ପାଇପାରିବେ । ସେଥିରେ ସୁଲଭ ଇତ୍ୟାଦି ବସ୍ତୁ ବଜାରପ୍ରାପ୍ତ ନୁହେ ନାହିଁ ଅବୁ ଯାହାଙ୍କର ନୂତନ ବର୍ମ ଗାଡ଼ି ବେଶୀ ମଦରା ଦରକାର ହେବ ତାଙ୍କର ବର୍ମାର ଅଡ଼ଦର ଦଳ ପୂର୍ବରୁ ଫରମାସ ଦେଲେ ଅମ୍ଭେମାନେ କଲିକତାରୁ (ଫଜେଲ ସରଫରାଜୁ) କରାଇ ଅପେକ୍ଷା ସୁଲଭ ମୂଲ୍ୟରେ ପାଇ ପାରିବେ ।

ଚାନ୍ଦନୀ }
କଟକ } ଶ୍ରୀ ଅଭିରାମଦାସଙ୍କ ।

---

# ବ୍ଲାଙ୍କିକାଗଜ ।

ଉତ୍କଳଦୀପିକା ଯନ୍ତ୍ରଧାର ସଂପାଦକ କଟକ ଚୌଧୁରୀ ବଜାର ବାବୁ ଗୋଷ୍ଠବିହାରୀଙ୍କର ପ୍ରସ୍ତୁତ କଳା ଇତ୍ୟାଦି ବାବୁ ଅର୍ଡରିଦାର ଲିମିଟେଡ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୬ ପେଜି ଖାଳି | ଦ ୧୮ | ଟ ୨୯୵ | ଖ ୧୮ ଟ ୦ ୵୬ |
| ୧୮ ପେଜି | ,, | ,, ଟ ୨୬ | ,, ଟ ୦ ୵୩ |
| ୧୨ ପେଜି | ,, | ,, ଟ ୨। | ,, ଟ ୦ ୵ |
| ୨୨ ପେଜି ଲବଲପୁରଙ୍କେଟ୍ | ,, | ଟ ୪। | ,, ଟ ୦ ୵୬ |

ଶ୍ରୀଯୁକ୍ତ ବାବୁ ଗୋଷ୍ଠବିହାରୀଙ୍କର ସ୍ତ୍ରୀଙ୍କର ଚଉଧୁରୀବଜାର ତଥା ଜକାଷ୍ଟ୍ର ଅମ୍ଭମାନଙ୍କ ଦୋକାନରେ ଉତ୍ତରଭୋଣା ଓ କଲମ ଓ ରେଶମାଓଲେର ଲୁଗା ଓ ଷ୍ଟିଲକଲମ ଓ କଳି କଶ ଇତ୍ୟାଦି ସବୁପ୍ରକାର ବିକ୍ରୟ ହେଉ ଅଛି, ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପରିଉକ୍ତ ଆଉ ନେକେକ ଫେନ୍ସି ଜିନିସପତ୍ର ବିକ୍ରୟ ସହାୟେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ଅନେକ ଜିନିଷ ବିକ୍ରୟ ସହାୟେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କ ବିକ୍ରୟ କରାଯିବ । ସବୁ ଜିନିଷ ଆତ୍ମମାନ ବିକ୍ରୟ ହେବା ନେ ଅପଣା ମଫସଲ ସହାୟେ ଜିନିଷ ନେବାକୁ ହେଲେ ଏକ ଟଙ୍କାରୁ ଊର୍ଦ୍ଧ ଟଙ୍କା ୫୦/୬ ଦଶଦିନରେ ଜମା ହେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଅମ୍ଭଙ୍କଠାରୁ ଘର ଭାଡ଼ା ଉପରେ ଥିବ । ସବୁ ହେଲେ ଜିନିଷ ପତ୍ର ମୂଲ୍ୟ ତାଙ୍କ ଦେବାକୁ ହେବ ।

ଫର୍ଦ୍ଦ ।

| | |
|---|---|
| ଉତ୍ତର ଦେଶେଣ ଦ | ନୂଆଦି ଅର୍ଦ୍ଦ । |
| ଜହ୍ନୁରେ ସୂକ ଦେରେ | ହୋବେଭୋଜନ । |
| ଗ୍ଲୋବ । | ଖାତ ଚିଶ୍ୱର ଓ |
| ଦଉଦରଣୀ | ବଳ ଇଞ୍ଚି ଓ ସ୍ୱାଗ |
| ଫରେଶାନ୍ ଦେଖ ଜରଣା | ଦଢ଼ି |
| ଗେଣ୍ଡ ଷଡ଼ାଓ ଓ ଦୋର | ଜର୍ଦ୍ଦ ବୁଲଫସଲିର |
| ସକ୍ରନ । | ଏବେଷ କ୍ରସ |
| ଲୁଗା ଧୋଇ ଜରଣା | ନେଉଅଷ ଉପରୋକ୍ତ ଓ |
| କଳବା ବାଇଗ ଗେଣ | ଦେଖ ଅବେ ଆଉ |
| ବିଳ ଓ ଜଳବ । | ୨ ବୋକଣ ଗୁଡ଼ିକ |
| ସେରୁଇଲ ଲାଇଟା ସବୁ । | ବାମିଜ ଓ ବୁଟ୍‌ଭା । |
| ଭଲା ସବାରୁ ଓଠି | ବଟେଷ ଅବରୋଧ |
| ବାକସ ଓ ଉତାଣା | ଏବେ ଗୀଦଣା |
| ଟେଟ୍ଙ୍କ ଧକ୍ଷ | ଅଧିନେକ ଗେଞ୍ଜିରି |
| ଟିକଣ ଜଣ । | ଅଷ ଏ ଜେବେଲିଲେ |
| ଲଗଣ ଆଲୁଚ । | ରେଷ ବଞ୍ଚେ ଜେଥ |
| ତାହାଜ ବାଜଣ ଷର୍ଟ ଲେ | ଜବ ଲବାର ଜେର |
| ଲୁଗା ପଡ଼ଖାତ ହୁଏ । | ବାପୂଜିଲ୍ ଲେଖା ଓ |
| ଅଧୋଲ ଗେଞ୍ଜ—ଓସାଗ | ଉବେ ଦେଉ ଉସାର |
| ସୁଲଭ ହୁଏ । | ଦେରୋବ୍ରିଜ, ଦବ |
| ଷ୍ଟିଲ ହୁକ । | ଲ ଉଚେ । |
| ଓଷ୍ଠର ସୃଦ୍ଧ ହଜା । | |
| ପୋର୍ଶ୍ଲୁକର ଓ ଟିଉରର | ଉପ ଓ ପାଉଦରଲୋକ |
| କେଷ୍କବ ମେଭ ଓ ଉଚ୍ଚର | ଶିତା |
| ଭରେ ଘରେ | କଲସିହ ଟେଉରେ ହଟ |
| ନୂତନ ଖାଉ ଘଟ୍ଟାର | ଲାଉଦାର ହାଉ |
| ଲେଟିକାବେରେ ଷଉ | ମସପାମା |
| ଓ ଗୁଟିଲେ ବଡ଼ା | ରେକ ବୁ ପେନ୍‌ସିଲ |
| ଚେବ । | କଳାଉଣୀ ଗାଡ଼ୀ ଓ ଲୋକ |
| ଅଉଳା ଉଲ୍ଲା | ଓ ଉଠ |
| ୧୨ × ୧୦ ଇଞ୍ଚ | ମନସ୍ତୁପାକାଷ ଓ ଔର୍‌ |
| ୧୪ × ୧୨ ଇଞ୍ଚ | ପାଉ ପାଇଁରୋଭ ଓ |
| ୧୬ × ୧୪ ,, | ସାଗ । |
| ମୋଜା ଓ ମୋଜାବଉ | ଡିଟେଂ ଖାଉ |
| ଉରନ ଧୂଷ ଜଳସ୍କୋଟ | ଏଣ୍ଟିମୋଷ ଅର୍ଥାତ୍ ଘସା- |
| ବଗଣ ଷ୍ଟାଣ୍ଡ ଜଡ଼ା ଓ | ଜନ ଘପାଉ ଅଷଉ |
| ସ୍ୱକଳା | ଉଷ୍ମର କରକା କମରେ |
| ଭେନେସ୍ତ୍ରେଜ । | ଦଇବାର ହୁଏ । |

# ପିଚଗାର ।

ଏ ଗାଉକୁ ଦେଉଣସି ଥାନରେ ଉଞ୍ଚି ରଖିରେ ଇଉବାଇ କୋଠାଘରର ଛାତରେ ଦେଲେ ପାଣିଲଗା ବନ୍ଦ ହେବ ସବୁର ମଝିଅରେ ଲେପିଦେଲେ ମଜବୁତ ଓ ଉଲ ଥିବ ନାହିଁ ।

କରିଲ ଡମକ୍ତା ଓ ସାଜରେ ଲଗାଇବାର ଜାତି ମଧ୍ୟ ଅଛି ।

ଅଭିରାମଦାସ କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସହାୟେ
ଧାଡ଼ିପ୍ରତି ଟ ୵୦
ଅର୍ଦ୍ଧସ୍ତମ୍ଭକୁ ଟ ୨
ପୃଷ୍ଠା ଏକ ସ୍ତମ୍ଭକୁ ଟ ୩୲

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ଖର୍ଚ୍ଚ ଟ ୧୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସହାୟେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଚତୁର୍ଥ ଅର୍ଦ୍ଧେକ ହେବ ।

ଅଧିକ ଦିନ ସହାୟେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ ହେବ ।

---

ଇଷ୍ଟେଟ ଉତ୍କଳଦୀପିକା ଏହାର ଖର୍ଚ୍ଚ ଉତ୍କଳଦୀପିକା ଯନ୍ତ୍ରରେ ଶ୍ରୀ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

Split by PDF Splitter



# ଅତିରିକ୍ତ

ଉତ୍କଳଦୀପିକା ତା ୯ ଇଖ ମାର୍ଚ୍ଚ ସନ ୧୮୮୯ ମସିହା ।

## ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ।

ଉତ୍କଳସମ୍ମିଳନୀର ଦ୍ୱିତୀୟ ଅଧିବେଶନ ଫିବ୍ରୋରି ମାସ ତା ୨ ଇଖ ସନ୍ଧ୍ୟା ଘ ୮ ଟା ସମୟରେ କଟକ ବାଙ୍କାବଜାରସ୍ଥିତ ସାମନ୍ତ ଶ୍ରୀ ନନ୍ଦକିଶୋରଦାସଙ୍କ ବସାଠାରେ ହୋଇଥିଲା । ଏ ଦିନ ନିମ୍ନଲିଖିତ ସଭ୍ୟମାନେ ଉପସ୍ଥିତ ଥିଲେ ।

ସାମନ୍ତ ଶ୍ରୀ ରାସବିହାରୀ ନାୟକ
" " ପଦ୍ମନାଭ ଦାସ
" " ଜଗତ୍‌ବନ୍ଧୁ ଦାସ
" " ଦାମୋଦରପଟ୍ଟନାୟକ
" " କୃଷ୍ଣଚରଣ ମହାନ୍ତି
" " ଜଗବନ୍ଧୁ ମହାନ୍ତି
" " ଲକ୍ଷ୍ମଣ ମହାନ୍ତି
" " ବନମାଳୀ ଦାସ
" " ରାଘବାନନ୍ଦ ଦାସ
" " ଅଭିମନ୍ୟୁ ମହାପାତ୍ର
" " ଜଗନ୍ନୈକୃଷ୍ଣ ମହାନ୍ତି
" " କୃଷ୍ଣମୋହନପଟ୍ଟନାୟକ
" " ଶ୍ରୀଧର ମହାନ୍ତି
" " ଲକ୍ଷ୍ମୀଚରଣ ମହାନ୍ତି
" " ଉଦ୍ଧବଚରଣ ମହାନ୍ତି
" " ଭାଗବତ ଭଞ୍ଜ
" " ଗୁଣନିଧି ଦାସ
" " ସୁଦର୍ଶନ ଦାସ
" " କାଶିନାଥ ଦାସ
" " ଅନନ୍ତଚରଣ ମହାନ୍ତି
" " ବଧିବାମନ ଦାସ
" " ଭଗବାନ ମହାନ୍ତି
" " କୃପାସିନ୍ଧୁ ଦାସ
" " କାଳନ୍ଦିଚରଣ ଦାସ
" " ଅଭିରାମ ଦାସ
" " ନନ୍ଦକିଶୋର ମହାନ୍ତି
" " ଗୁରୁଚରଣ ଦାସ
" " ବାନାମ୍ବର ମହାନ୍ତି
ସାମନ୍ତ ଶ୍ରୀ ବୃନ୍ଦାବନଦାସ
" " ଉଦୟନାଥ ପଟ୍ଟନାୟକ
" " କାଶିନାଥ ମହାନ୍ତି
" " ମଧୁସୂଦନ ଜଗଦେବ । ଗା । ଟାଙ୍ଗୋଲ
" " ଶିବଚରଣ ପଟ୍ଟନାୟକ
" " କୃଷ୍ଣଚନ୍ଦ୍ର ମହାନ୍ତି
" " ରାଜକିଶୋର ଦାସ । ଗା । ଜୟପୁର
" " ମାଧୁଧର ଦାସ
" " ରାଜକିଶୋର ଦାସ । ଗା । ଉସାଣିଆ
" " ବ୍ରଜକିଶୋର ଦାସ

ଏପରି ବ୍ରାହ୍ମଣାଦି ପ୍ରାୟ ଅନେକ ଦର୍ଶକ ଉପସ୍ଥିତ ଥିଲେ ।

( ୨ ) ଅଦ୍ୟ ସଭାରେ ସଭାପତି ସାମନ୍ତ ଶ୍ରୀ ନନ୍ଦକିଶୋର ଦାସ ଓ ସହକାରୀ ସଭାପତି ସାମନ୍ତ ଶ୍ରୀ ହରେକୃଷ୍ଣ ଦାସ ଅନୁପସ୍ଥିତ ଥିବାରୁ ସାମନ୍ତ ଶ୍ରୀ ଜଗବନ୍ଧୁ ଦାସଙ୍କ ପ୍ରସ୍ତାବ, ସାମନ୍ତ ଶ୍ରୀ ଦାମୋଦର ପଟ୍ଟନାୟକଙ୍କ ଅନୁମୋଦନ ଓ ସର୍ବସମ୍ମତି ଅନୁସାରେ ଅଦ୍ୟ ଦିବସ କାର୍ଯ୍ୟ ନିର୍ବାହ ନିମନ୍ତେ ସାମନ୍ତ ଶ୍ରୀ ରାସବିହାରୀ ନାୟକ ସଭାପତି ପଦରେ ମନୋନୀତ ହୋଇ ଆସନ ଗ୍ରହଣ କଲାରୁ ସଭାର କାର୍ଯ୍ୟ ଆରମ୍ଭ ହେଲା ।

( ୩ ) ପ୍ରଥମ ଅଧିବେଶନର କାର୍ଯ୍ୟାବଳୀ ପଠନ ହୋଇ ସ୍ୱୀକୃତ ହେଲା ।

( ୪ ) ସମ୍ମିଳନୀ ପ୍ରଥମ ଅଧିବେଶନରେ ଯେଉଁ ଯେଉଁ ନିୟମାନୁସାରେ ସଭାର କାର୍ଯ୍ୟ ନିର୍ବାହ ହେବ ତାହା ସବୁ ସ୍ଥିର କରିବା ନିମନ୍ତେ ସାମନ୍ତ ଶ୍ରୀ ନନ୍ଦକିଶୋର ଦାସ, ସାମନ୍ତ ଶ୍ରୀ ହରେକୃଷ୍ଣ ଦାସ, ସାମନ୍ତ ଶ୍ରୀ ଗୋକୁଳାନନ୍ଦ ଚୌଧୁରୀ ଓ ସାମନ୍ତ ଶ୍ରୀ ବାନାମ୍ବର ମହାନ୍ତିଙ୍କ ପ୍ରତି ଭାର ଦିଆ ଯାଇ ଥିଲା । ସେମାନଙ୍କ କୃତ ନିମ୍ନଲିଖିତ ନିୟମାବଳୀ ସାମନ୍ତ ଶ୍ରୀ ବାନାମ୍ବର ମହାନ୍ତିଙ୍କଦ୍ୱାରା ପଠିତ ହେଲା । ତାହା ଏହି:—

### ଉତ୍କଳ ସମ୍ମିଳନୀର ନିୟମାବଳୀ ।

୧ମ—ଏ ସଭାର ଅଧିବେଶନ ପ୍ରତି ମାସରେ ଏକଥର ହେବ ।

୨ୟ—ସଭାପତି ସମସ୍ତ ଅଧିବେଶନରେ ସଭାପତିର ଆସନ ଗ୍ରହଣ କରି କାର୍ଯ୍ୟ ସମାଧା କରିବେ । ତାଙ୍କ ଅନୁପସ୍ଥିତ ସମୟରେ ସହକାରୀ ସଭାପତି ତଦ୍ରୂପ କରିବେ । ଉଭୟଙ୍କ ଅନୁପସ୍ଥିତ ସମୟରେ ସଭ୍ୟମାନେ ଆପଣାମାନଙ୍କରୁ ଜଣେ ସଭାପତି ମନୋନୀତ କରି କାର୍ଯ୍ୟ ଚଳାଇବେ ।

୩ୟ—ବିଶେଷ ଅଧିବେଶନ କୌଣସି ସମୟରେ ସଭାପତି ଅଥବା ସହକାରୀ ସଭାପତିଙ୍କ ଇଚ୍ଛାମତେ ଆହୂତ ହୋଇ ପାରିବ ମଧ୍ୟ ସଭ୍ୟମାନଙ୍କ ମଧ୍ୟରୁ ଅନ୍ୟୂନ ସାତ ଜଣ ସଭାପତି ବା ସହକାରୀ ସଭାପତିଙ୍କୁ ଲେଖିଲେ ସେ ସଭା ଆହ୍ୱାନ କରିବାକୁ ବାଧ୍ୟ ହେବେ ।

୪ର୍ଥ—ଅଧିକାଂଶ ମତ ଅନୁସାରେ ଉପସ୍ଥିତ ବିଷୟମାନ ମୀମାଂସିତ ହେବ । ସମାନ ମତ ହେଲେ ସଭାପତିଙ୍କର ମତ ପ୍ରବଳ ହେବ ।

୫ମ—ଜଣେ ସ୍ୱତନ୍ତ୍ର କୋଷାଧ୍ୟକ୍ଷ ନିଯୁକ୍ତ ହେବା ପର୍ଯ୍ୟନ୍ତ ସମ୍ପାଦକ ବର୍ତ୍ତମାନ କୋଷାଧ୍ୟକ୍ଷର କାର୍ଯ୍ୟ କରିବେ ଏବଂ ସହକାରୀସମ୍ପାଦକ ହିସାବ ରଖିବେ ଓ ଅନ୍ୟାନ୍ୟ ଯେ କାର୍ଯ୍ୟ ସମ୍ପାଦକଙ୍କଦ୍ୱାରା ଅର୍ପିତ ହେବ ତାହା ନିର୍ବାହ କରିବେ ।

୬ଷ୍ଠ—ଏଥିପର ନୂତନ ସଭ୍ୟ ସଭାଭୁକ୍ତ ହେବାର ପ୍ରସ୍ତାବ ବିଧିମତେ ଅନୁମୋଦନ ହେଲାରୁ ଉପସ୍ଥିତ ସଭ୍ୟମାନଙ୍କ ମତ ଅନୁସାରେ ମନୋନୀତ ହେବ ।

୭ମ – ମଫସଲସ୍ଥ ଭିନ୍ନ ସ୍ଥାନରେ ଏ ସଭାର ଶାଖାସଭା ସ୍ଥାପନ ହେବା ବିଷୟରେ ଯତ୍ନ କରାଯିବ ।

ଉଲ୍ଲିଖିତ ନିୟମମାନ ସର୍ବସମ୍ମତି ଅନୁସାରେ ସ୍ୱୀକୃତ ହେଲା ।

(୫) ସାମନ୍ତ ଶ୍ରୀ ଦାମୋଦର ପଟ୍ଟନାୟକ ଏହି ପ୍ରସ୍ତାବ କଲେ କି ଉତ୍କଳସମ୍ମିଳନୀ ସଭାରେ ସାମନ୍ତ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି, ସାମନ୍ତ ଶ୍ରୀ ରାଜକିଶୋର ଦାସ । ଗ୍ରା । ଜୟପୁର, ସାମନ୍ତ ଶ୍ରୀ ମାଧୁଧର ଦାସ, ସାମନ୍ତ ଶ୍ରୀ ଶିବଚନ୍ଦ୍ର ପଟ୍ଟନାୟକ, ସାମନ୍ତ ଶ୍ରୀ ରାଜ-

Digitized by srujanika@gmail.com

କିଶୋର ଦାସ । ପ୍ର । ଢ଼ଙ୍କାଣିଆ ଓ ସାମନ୍ତ ଶ୍ରୀ ମଧୁସୂଦନ ଜଗଦେବ । ସା । ଟାଙ୍ଗୋଲ । ଢ । ଖୋର୍ଦ୍ଧାଙ୍କୁ ସଭ୍ୟ ପଦରେ ମନୋନୀତ କରାଯାଉ ।

ଏ ପ୍ରସ୍ତାବ ସାମନ୍ତ ଶ୍ରୀ ଜଗବନ୍ଧୁ ଦାସ ଅନୁମୋଦନ କଲାରୁ ସର୍ବସମ୍ମତି ଅନୁସାରେ ସ୍ଥିର କରାଗଲା ।

(୬) ଯେଉଁ ଛାତ୍ରମାନେ ବିଦ୍ୟାଶିକ୍ଷା କରିବାପାଇଁ ମଫସଲରୁ ଆପଣା ଘରଛାଡ଼ି ସଦରରେ ବାସ କରୁଅଛନ୍ତି ସେମାନଙ୍କ ସଙ୍ଗେ କେହି ଅଭିଭାବକ ନ ଥିଲେ ସେମାନଙ୍କ ଅଭିଭାବକଙ୍କ ସମ୍ମତିକ୍ରମେ କିପରି ତାଙ୍କର ତତ୍ତ୍ୱାବଧାରଣ ହୋଇ ପାରିବ ଏ ବିଷୟରେ ପ୍ରସ୍ତାବ କରିବାର ଭାର ସାମନ୍ତ ଶ୍ରୀ ରାସବିହାରୀ ନାୟକ, ସାମନ୍ତ ଶ୍ରୀ ଜଗଦାନନ୍ଦ ଦାସ, ସାମନ୍ତ ଶ୍ରୀ ଚତୁର୍ଭୁଜ ମହାନ୍ତିଙ୍କପ୍ରତି ଅର୍ପିତ ଥିଲା । ଉକ୍ତ ପ୍ରସ୍ତାବ ସେମାନଙ୍କ ମଧ୍ୟରୁ ସାମନ୍ତ ଶ୍ରୀ ରାସବିହାରୀ ନାୟକ ଆଗତ କଲେ । ଯଥା :—

ବିଦେଶୀୟ ଛାତ୍ରମାନଙ୍କ ନିମନ୍ତେ ସାଧାରଣ ଛାତ୍ରାବାସ ନିର୍ମାଣ କରାଇ ସେଠାରେ ସେମାନଙ୍କୁ ଏକତ୍ରାବସ୍ଥିତ କରାଗଲେ ସେମାନଙ୍କର ଅର୍ଥ ବ୍ୟୟର ଲାଘବ ଓ ତତ୍ତ୍ୱାବଧାରଣର ସୁବିଧା ହୋଇ ପାରିବ ମାତ୍ର ସେପରି ଛାତ୍ରାବାସ ପ୍ରସ୍ତୁତ କରିବାନିମନ୍ତେ ଅର୍ଥର ସାପେକ୍ଷ ଓ ପିଲାମାନଙ୍କୁ ଛାତ୍ରାବାସରେ ରଖିବାକୁ ହେଲେ ସେମାନଙ୍କ ଅଭିଭାବକମାନଙ୍କର ମତ ପ୍ରଥମେ ସଂଗ୍ରହ କରିବା ଆବଶ୍ୟକ । ଅତଏବ ବର୍ତ୍ତମାନ ଏଠାରେ ପଢୁଥିବା ମଫସଲ ନିବାସୀ ଶ୍ରୀ କରଣପିଲାମାନଙ୍କ ନାମ, ବାସସ୍ଥାନ, ଓ ସେମାନଙ୍କ ଅଭିଭାବକମାନଙ୍କ ନାମର ଏକ ତାଲିକା ଓ ପ୍ରତ୍ୟେକ ପିଲାର ବସାଖର୍ଚ୍ଚ ମାସକୁ ବର୍ତ୍ତମାନ କେତେକେତେଖାଏ ବ୍ୟୟ ହେଉଅଛି ଓ ଏକତ୍ରାବସ୍ଥିତ ହେଲେ କେତେ ଖର୍ଚ୍ଚ ପଡ଼ିପାରେ ତାହା ସ୍ଥିରକରି ଆଗାମି ସଭାରେ ଆଗତ କରିବା କାରଣ ସାମନ୍ତ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି, ସାମନ୍ତ ଶ୍ରୀ ଦାମୋଦର ପଟ୍ଟନାୟକ ଓ ସାମନ୍ତ ଶ୍ରୀ ଅଭିମନ୍ୟୁ ମହାପାତ୍ରଙ୍କ ପ୍ରତି ଭାର ଦିଆଯାଉ ।

ଏ ପ୍ରସ୍ତାବ ସାମନ୍ତ ଶ୍ରୀ ଗୁଣନିଧି ଦାସ ଅନୁମୋଦନ କଲାରୁ ସର୍ବସମ୍ମତି ଅନୁସାରେ ତାହା ସ୍ଥିର କରାଗଲା ।

(୭) ଯେଉଁ ଶ୍ରୀ କରଣ ପିଲାମାନେ ଅର୍ଥାଭାବରୁ ବିଦ୍ୟାଶିକ୍ଷା କରିବାକୁ ଅସମର୍ଥ ସେମାନଙ୍କୁ କିପରି ସାହାଯ୍ୟ କରାଯାଇ ପାରିବ ଏ ବିଷୟରେ ସାମନ୍ତ ଶ୍ରୀ ନନ୍ଦକିଶୋର ଦାସ, ସାମନ୍ତ ଶ୍ରୀ ରାସବିହାରୀ ନାୟକ, ସାମନ୍ତ ଶ୍ରୀ ପଦ୍ମଚରଣ ଦାସ ଓ ସାମନ୍ତ ଶ୍ରୀ ଗୋକୁଳାନନ୍ଦ ଚୌଧୁରୀଙ୍କ ପ୍ରତି ଭାର ଥିଲା । ସେମାନଙ୍କର ଏହି ପ୍ରସ୍ତାବ ସାମନ୍ତ ଶ୍ରୀ ରାସବିହାରୀ ନାୟକ ସଭାରେ ଆଗତ କଲେ କି ଗରିବ ପିଲାମାନଙ୍କମଧ୍ୟରୁ କାହାକୁ ସ୍କୁଲ ଦରମା, କାହାକୁ ବସାଖର୍ଚ୍ଚ ଅଥବା କାହାକୁ ଉଭୟ ବେତନ ଓ ବସାଖର୍ଚ୍ଚ ଦେବା ଏବଂ ଅନ୍ୟାନ୍ୟ ଉପାୟଦ୍ୱାରା ସାହାଯ୍ୟ କରାଯାଇ ପାରିବ ମାତ୍ର ଏହି ମହତ୍‌କାର୍ଯ୍ୟ ସକାଶେ ବିଶେଷ ସହାନୁଭୂତି ଓ ଅଧିକ ଅର୍ଥ ଆବଶ୍ୟକ କରେ ଏବଂ ଅର୍ଥସଂଗ୍ରହ କି ପରିମାଣରେ ହୋଇ ପାରିବ ତାହା ପ୍ରଥମେ ଦେଖିବା ଆବଶ୍ୟକ । ଏଣୁ ସେ ପ୍ରସ୍ତାବକଲେ କି ଉକ୍ତ କାର୍ଯ୍ୟସକାଶେ ଚାନ୍ଦା ସଂଗ୍ରହ କରିବାର ଭାର ସାମନ୍ତ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି, ସାମନ୍ତ ଶ୍ରୀ ଦାମୋଦର ପଟ୍ଟନାୟକ, ସାମନ୍ତ ଶ୍ରୀ ଅଭିମନ୍ୟୁ ମହାପାତ୍ର ଓ ସାମନ୍ତ ଶ୍ରୀ ଗୁଣନିଧି ଦାସଙ୍କ ପ୍ରତି ଭାର ଦିଆ ଯାଉ ।

ଏ ପ୍ରସ୍ତାବକୁ ସାମନ୍ତ ଶ୍ରୀ ବନମାଳି ଦାସ ଅନୁମୋଦନ କଲାରୁ ସମସ୍ତଙ୍କ ସମ୍ମତିକ୍ରମେ ଧାର୍ଯ୍ୟ କରାଗଲା ।

(୮) ବିବାହାଦି କ୍ରିୟା କଳାପରେ ବର୍ତ୍ତମାନ ଶ୍ରୀ କରଣମଣ୍ଡଳରେ ଯେପରି ବହୁବ୍ୟୟ ହେଉଅଛି ତାହା କିପରି ଲାଘବ କରାଯାଇ ଯାହାନୁସାରେ ଉକ୍ତ କାର୍ଯ୍ୟମାନ ସମ୍ପନ୍ନ କରାଯାଇ ପାରିବ ଏ ବିଷୟର ଭାର ସାମନ୍ତ ଶ୍ରୀ ନନ୍ଦକିଶୋର ଦାସ, ସାମନ୍ତ ଶ୍ରୀ ଦାନାକର ମହାନ୍ତି, ସାମନ୍ତ ଶ୍ରୀ ଭାଗବତ ଭଞ୍ଜ, ସାମନ୍ତ ଶ୍ରୀ କୃଷ୍ଣମୋହନ ପଟ୍ଟନାୟକ ଓ ସାମନ୍ତ ଶ୍ରୀ ଦାମୋଦର ପଟ୍ଟନାୟକଙ୍କ ପ୍ରତି ଅର୍ପିତ ଥିଲା । ସେମାନଙ୍କଦ୍ୱାରା ବିବାହ ବିଷୟର ନିମ୍ନଲିଖିତ ପ୍ରସ୍ତାବମାନ ସାମନ୍ତ ଶ୍ରୀ ଦାମୋଦର ପଟ୍ଟନାୟକଙ୍କଦ୍ୱାରା ଆଗତ ଓ ପଠିତ ହେଲା ।

ବିବାହ ପ୍ରସ୍ତାବ ।

ବିବାହ କାର୍ଯ୍ୟ ଉପଲକ୍ଷରେ ଯେ ଯାହା ବ୍ୟୟ କରିବାକୁ ଇଚ୍ଛା କରନ୍ତି ସେ ତାହା କରିପାରନ୍ତି । ସେ ବିଷୟ ସଭାରେ ଆଲୋଚନା କରିବାର ଆବଶ୍ୟକ ନାହିଁ । କେବଳ ସାମାଜିକ ନିୟମ ଓ ଲୌକିକ ପ୍ରଥା ଅନୁସାରେ ଯାହା ବହୁବ୍ୟୟ ହୁଏ ତାହା ଊଣା କରିବା ଉଦ୍ଦେଶରେ ନିମ୍ନଲିଖିତ ନିୟମମାନ ହେବା ଉଚିତ ।

(କ) କୌଣସି ଲୋକର ଶୁଭାଶୁଭ କାର୍ଯ୍ୟ ଉପସ୍ଥିତ ହେଲେ ସେ ଆପଣା ବନ୍ଧୁ ବାନ୍ଧବମାନଙ୍କୁ ନିମନ୍ତ୍ରଣ କରନ୍ତି ଓ ଏପରି ନିମନ୍ତ୍ରଣ ଆବଶ୍ୟକ ଅଟେ । ମାତ୍ର ଯେଉଁମାନଙ୍କୁ ନିମନ୍ତ୍ରଣ କରାଯାଏ ସେମାନେ ସାହାଯ୍ୟ କରିବା ଦୂରେ ଥାଉ କାର୍ଯ୍ୟଗ୍ରାହୀଲୋକଙ୍କୁ ଅଧିକ ଦାୟଗ୍ରସ୍ତ କରନ୍ତି । ସେମାନେ ନିଜେ ଗଲେ ସେମାନଙ୍କର ବେହେରାଖର୍ଚ୍ଚ କାର୍ଯ୍ୟଗ୍ରାହୀକୁ ଦେବାକୁ ପଡ଼େ ଓ ଗଲେ ବା ନ ଗଲେ ବେଭାର ପଠାଇ ନିଜେ ଖର୍ଚ୍ଚାନ୍ତ ହୁଅନ୍ତି ଓ କାର୍ଯ୍ୟଗ୍ରାହୀକୁ ମଧ୍ୟ ତଦପେକ୍ଷା ବିଶେଷ କ୍ଷତିଗ୍ରସ୍ତ କରାନ୍ତି । ଏ ପ୍ରଥା ଭଲ ନୁହେ । କୌଣସି ଲୋକର ସେପରି କାର୍ଯ୍ୟ ଉପସ୍ଥିତ ହେଲେ ପରସ୍ପର ଆପଣାକୁ ଦାୟଗ୍ରସ୍ତ ନ କରି ସାହାଯ୍ୟ କରିବା ଉଚିତ ଏଣୁ ନିମ୍ନଲିଖିତ ନିୟମ ବ୍ୟବସ୍ଥାକୁ ପ୍ରଚଳ ହେବ ଯଥାଃ—

ନିମନ୍ତ୍ରଣ ଅନୁସାରେ ବେଭାର ଦେବାର ହେଲେ ମାଙ୍ଗଳିକାର୍ଯ୍ୟରେ ବର ଅଥବା କନ୍ୟାଙ୍କ ଶିର ମଙ୍ଗଳଲୋଡ଼ା ଦିଆଯିବ । ଆଉ କିଛି ଦିଆ ଯିବ ନାହିଁ । କେବଳ ପରିବାର କ୍ଷମତା ଓ ଇଚ୍ଛା ଅନୁସାରେ ଦିଆଯାଇ ପାରିବ ମାତ୍ର ଅଧିକ ଆଡ଼ମ୍ବର ବା ବ୍ୟୟରେ ଦେବାକୁ ହେବ ନାହିଁ ।

ଏ ପ୍ରସ୍ତାବ ସମସ୍ତଙ୍କ ସମ୍ମତିରେ ଗୃହୀତ ହେବା ବେଳେ ସାମନ୍ତ ଶ୍ରୀ ଲକ୍ଷ୍ମଣ ମହାନ୍ତି ଏହି ପ୍ରସ୍ତାବ କଲେ କି ନିମନ୍ତ୍ରଣ ପତ୍ରରେ ଯେଉଁ ୨ ସ୍ଥଳରେ ଜାନ ବାହାନ ନେଇ ଉପସ୍ଥିତ ହେବାର କଥା ଉଲ୍ଲେଖ କରି ନିମନ୍ତ୍ରଣପତ୍ର ପଠାଇବାର ପ୍ରଥା ଅଛି ତାହା ଆଉ ହେବ ନାହିଁ ।

ସାମନ୍ତ ଶ୍ରୀ ଲକ୍ଷ୍ମଣମହାନ୍ତିଙ୍କ ପ୍ରସ୍ତାବ ଗୃହୀତ ହୋଇ ନିମ୍ନଲିଖିତରୂପେ ସର୍ବସମ୍ମତିରେ ନିୟମ ସ୍ଥିର ହେଲା :—

(ଖ) ବିବାହାଦି କାର୍ଯ୍ୟ ଉପଲକ୍ଷରେ ନିମନ୍ତ୍ରଣ ହେଲେ ଜାନ ବାହାନ ନେଇ ଆସିବାକୁ କାହାରିକୁ ନିମନ୍ତ୍ରଣ ପତ୍ରରେ ଲେଖା ହେବ ନାହିଁ ।

(ଗ) ନିମନ୍ତ୍ରଣ ଅନୁସାରେ କେହି କାହା ଘରଠାକୁ ଗଲେ ଗୃହଖର୍ଚ୍ଚା ପ୍ରଭୃତି ଓ ଲୁଗା ଦେବାର ତାକୁ ଦିଆଯିବ ନାହିଁ ଓ ସେ କାର୍ଯ୍ୟଗ୍ରାହୀକୁ ଉପରୋକ୍ତ ଅନୁସାରେ ଯେଉଁ ମଙ୍ଗଳଲୋଡ଼ା ବେଭାର ଦେଇଥିବେ ତାହା ମଧ୍ୟ ତାଙ୍କୁ ଫେରାଇ ଦିଆ ଯିବ ନାହିଁ ।

ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ଅନୁମୋଦନ କରିବାରୁ ତାହା ଧାର୍ଯ୍ୟ କରାଗଲା ।

(ଘ) ମଙ୍ଗଳାମଙ୍ଗଳ ଯେ କୌଣସି କାର୍ଯ୍ୟରେ କାର୍ଯ୍ୟଗ୍ରାହୀଠାକୁ ଯେ ବେଭାର ପଠାଯାଏ ତହିଁରେ ବେଭାର ଫେରାଇ ଦେବା ପ୍ରଥା ଏଣିକିଠାରୁ ରହିତ ହେବ ।

Digitized by srujanika@gmail.com

Split by PDF Splitter



140(...)

ଅପରନ୍ତୁ ଉତ୍କଳଦୀପିକା ।

ତା ୧୮ ରିଖ ମଇ ସନ ୧୮୮୯ ମସିହା ।

ଗତ ପ୍ରବେଶିକା ପରୀକ୍ଷାରେ ଓଡ଼ିଶାର ସ୍କୁଲସମୂହରୁ ନିମ୍ନଲିଖିତ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

୧ ମ ଶ୍ରେଣୀ ।

| | | |
|---|---|---|
| ମହେନ୍ଦ୍ରନାଥ ଦତ୍ତ | ରେ: କଲେଜିୟେଟ ସ୍କୁଲ | |
| ଶ୍ୟାମମୋହନ ଘୋଷ | " | " |
| ଭୋଳାନାଥ କର | " | " |
| ମୁରଲିଧର ରାୟ ଚୌଧୁରୀ | ପୁରୀ | " |

୨ ୟ ଶ୍ରେଣୀ ।

| | | |
|---|---|---|
| ଜନ୍, ଟି, ଅର୍ | କଟକ ମିସନ ହାଇସ୍କୁଲ | |
| ବୃନ୍ଦାବନ ଦାସ | " | " |
| ଚୈତନ୍ୟପ୍ରସାଦ ଦାସ | ଭଦ୍ରକ | " |
| ରଘୁନାଥ ବୋସ୍ | ପୁରୀ | " |
| ଯୋଗୀନ୍ଦ୍ରଚନ୍ଦ୍ର ମିତ୍ର | " | " |
| ଭୁଜଙ୍ଗଧର ରାୟ ଚୌଧୁରୀ | " | " |
| ହେମନ୍ତକୁମାର ସେନ | " | " |
| ଅବଦୁଲ ମଜିଦ | ବାଲେଶ୍ୱର | " |

୩ ୟ ଶ୍ରେଣୀ ।

| | | |
|---|---|---|
| ଜନାର୍ଦ୍ଦନ ଚକ୍ରବର୍ତ୍ତୀ | କଟକ ସାମ୍ୟବାପା | ସ୍କୁଲ |
| ରମଣୀମୋହନ ଚକ୍ରବର୍ତ୍ତୀ | " | " |
| ଦୁର୍ଗାଦୟାଲ ଚୌଧୁରୀ | ବାଲେଶ୍ୱର | " |
| ନାରାୟଣପ୍ରସାଦ ଦେଶ | " | " |
| ଗୋବିନ୍ଦବଲ୍ଲଭ ମିତ୍ର | " | " |
| ଦ୍ୱାରକାନାଥ ଦାସ | କେନ୍ଦ୍ରାପଡ଼ା | " |
| ଦିବ୍ୟାସବୁଲା | " | " |
| କମିରଉଦ୍ଦୀନ ମହମ୍ମଦ | " | " |
| ରଘୁନାଥ ଦାସ | କଟକ | ପ୍ୟାରୀମୋହନ ଏକାଡେମୀ |
| କାଶୀନାଥ ମହାନ୍ତି | " | " |
| ଦାମୋଦର ମିଶ୍ର | " | " |
| ହରେକୃଷ୍ଣ ମିଶ୍ର | ରେ: କଲେଜିୟେଟ | ସ୍କୁଲ |
| ଉମିଦଉଦ୍ଦୀନ ମହମ୍ମଦ | " | " |
| ସ୍ୱପ୍ନବିହାର ସେନ | " | " |
| ଅର୍ଦ୍ଧେନ୍ଦୁଚନ୍ଦ୍ର ମହାପାତ୍ର | ସାଜପୁର ହାଇସ୍କୁଲ | |
| ଜବାହିରଲାଲ ଦାସ | " | " |

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter



ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ଅନୁମୋଦନ କରିବାରୁ ତାହା ଧାର୍ଯ୍ୟ ହେଲା ।

(ଡ) ବିବାହସମ୍ବନ୍ଧ ସ୍ଥିର କରିବାବେଳେ ପ୍ରଥମେ କନ୍ୟାକର୍ତ୍ତା କେହି ସାମନ୍ତ ମର୍ଯ୍ୟାଦା ଓ କେତେ ଯୌତୁକ ସାମଗ୍ରୀ ଦେବେ ଏହା ଅନେକ ସ୍ଥାନରେ ସ୍ଥିର ହେବାର ପ୍ରଥା ଅଛି, ଏ ପ୍ରଥା ଉଚିତ ନୁହେଁ । କେବଳ ଉପଯୁକ୍ତପାତ୍ର ବିବେଚନାରେ ସମ୍ବନ୍ଧ ସ୍ଥିର କରିବା ଉଚିତ; ଏଣୁ ବର୍ତ୍ତମାନ ପ୍ରଥା ରହିତ କରି କେବଳ ପାତ୍ରର ଯୋଗ୍ୟାଯୋଗ୍ୟ ବିବେଚନାରେ ବିବାହସମ୍ବନ୍ଧ ସ୍ଥିର କରିବା ନିମନ୍ତେ ନିମ୍ନଲିଖିତ ନିୟମ ପ୍ରସ୍ତାବିତ ହେଲା । ଯଥା:—

ବିବାହସମ୍ବନ୍ଧ ସ୍ଥିର କରିବା ସମୟରେ ଅଥବା ତଦ୍ଭିନ୍ନ ଅନ୍ୟ କୌଣସି ସମୟରେ ସାମନ୍ତ ମର୍ଯ୍ୟାଦା ବା ଯୌତୁକ ଦେବାନେବା ବିଷୟରେ ଉଭୟପକ୍ଷରୁ କୌଣସି କଥାବାର୍ତ୍ତା ହେବ ନାହିଁ । କନ୍ୟାକର୍ତ୍ତା ଆପଣା ଇଚ୍ଛା ଓ କ୍ଷମତା ଅନୁସାରେ ଯୌତୁକ ଦେବେ ଓ ପ୍ରତ୍ୟେକ ବିବାହରେ ବରପକ୍ଷ ସାମନ୍ତମାନଙ୍କୁ ମର୍ଯ୍ୟାଦାସ୍ୱରୂପ ମୋଟରେ ଏକ ଯୋଡ଼ରୁ ପାଞ୍ଚଯୋଡ଼ଲୁଗା ଅଥବା ଏକଟଙ୍କାରୁ ପାଞ୍ଚଟଙ୍କାପର୍ଯ୍ୟନ୍ତ ଅନଧିକ ଯାହା ପାରନ୍ତି ଦେବେ ଏଥିରୁ ବେଶି କେହି ତାହାକୁ ମର୍ଯ୍ୟାଦାସ୍ୱରୂପ ଦେବେ ନାହିଁ ।

ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ସ୍ଥିର କଲେ ।

(ଢ) ବରପକ୍ଷକୁ କନ୍ୟାପକ୍ଷରୁ ପାଥେୟ ଓ ଲଆଜମାନ ବିଦାୟୀସ୍ୱରୂପ ଟଙ୍କା ଓ ଲୁଗା ଦେବାର ପ୍ରଥା ଅଛି । ଏହା ଗୋଟିଏ କୁପ୍ରଥା । ଉଭୟପକ୍ଷ କାର୍ଯ୍ୟଗାମୀ । ସୁତରାଂ ଏକପକ୍ଷ ଅନ୍ୟପକ୍ଷର ବ୍ୟୟ ସାହାଯ୍ୟ କରିବାର କୌଣସି କାରଣ ନାହିଁ । ଅତଏବ ନିୟମ କରାଯାଉ ଯେ କନ୍ୟାପକ୍ଷରୁ ବରପକ୍ଷକୁ ପାଥେୟ ବା ଲଆଜମାନ ବିଦାୟୀ ଦେବାର ପ୍ରଥା ରହିତ ହେବ ଏବଂ କୌଣସି ସ୍ଥଳେ ଯେବେ ବରପକ୍ଷରୁ ବରଯାତ୍ରୀସଙ୍ଗେ ଆସିଥିବା ଲଆଜମାନଙ୍କ ବିଦାୟୀ ସ୍ୱରୂପ କିଛି ଦେବାର ପ୍ରଥା ଥାଏ ତାହା ମଧ୍ୟ ରହିତ ହେବ ।

ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ଧାର୍ଯ୍ୟ କଲେ ।

(ଣ) ବର୍ତ୍ତମାନ ପ୍ରଥା ଅଛି ଯେ ବର ସହିତ ଯେଉଁ ସାମନ୍ତମାନେ ଯାଆନ୍ତି ସେମାନେ ଚାଲି ଯାଆନ୍ତି ନାହିଁ । କୌଣସି ବାହାନରେ ଯାଆନ୍ତି । ଏହା ସମସ୍ତଙ୍କପକ୍ଷରେ ସହଜ ନୁହେଁ । ବ୍ରାହ୍ମଣ ଜମା ଅନ୍ୟ କୌଣସି ଜାତି ବା ଅନ୍ୟ କୌଣସି ପ୍ରଦେଶରେ ଏ ପ୍ରଥା ନାହିଁ । ବରପକ୍ଷରୁ ଯେଉଁମାନଙ୍କୁ ନିମନ୍ତ୍ରଣ ହୁଏ ସେମାନେ ଯାଇ ପାରିଲେ ବରଘରଠାରୁ ଯିବେ। କିନ୍ତୁ ବରଘରଠାରୁ ଯିବେ ବୋଲି ଯେ ସମସ୍ତଙ୍କୁ କନ୍ୟାଘରଠାକୁ ଯିବାକୁ ହେବ ଏମନ୍ତ ନୁହେଁ । ଅନେକେ ବରଘରଠାରେ ରହି ବରକର୍ତ୍ତାର ବିଶେଷ ସାହାଯ୍ୟ କରି ପାରନ୍ତି । ଯେଉଁମାନେ ଯିବାକୁ ଇଚ୍ଛା କରିବେ ଚାଲି କରି ବା ଆପଣା ବ୍ୟୟରେ ବାହାନରେ ବର ଘରଠାରୁ ଯିବେ କିନ୍ତୁ ଏହି ନିୟମ ହେବ ଯେ ବରଣିଯାଗାଠାରୁ ଅର୍ଥାତ ବରକର୍ତ୍ତା ସ୍ଥିର କରିବା ସ୍ଥାନଠାରୁ ସମସ୍ତଙ୍କୁ କନ୍ୟାକର୍ତ୍ତା ଘରଠାକୁ ଚାଲି ଯିବାକୁ ହେବ । ତାଙ୍କ ସଙ୍ଗରେ ଯେ ଯାନମାନ ଯାଇଥିବ ତାହା ପଥରେ ରହିବେ ।

ଏ ପ୍ରସ୍ତାବ ସମ୍ବନ୍ଧରେ କେତେକ ସଭ୍ୟଙ୍କର ମତଭେଦ ହେବାରୁ ଏହି ସ୍ଥିର ହେଲା ଯେ ଏ ପ୍ରସ୍ତାବ ବିଷୟରେ ମଫସଲସ୍ଥ ଶ୍ରୀକରଣ ସାମନ୍ତମାନଙ୍କର ମତାମତ ଜାଣିବା ଆବଶ୍ୟକ । ଅତଏବ ସେମାନଙ୍କ ମତ ସଂଗ୍ରହ କରାଯିବା ବିଷୟରେ ଯତ୍ନ କରାଯାଉ ।

(ତ) ସମ୍ମତି ଓ ସ୍ୱୀକାର ଏ ଦୁଇ ଶବ୍ଦର ଅର୍ଥ ଏକ କିନ୍ତୁ ଅଳ୍ପକାଳ ହେଲା ଏହା ଦୁଇଥର ହେବାର ପ୍ରଥା କେତେକ ସ୍ଥାନରେ ଚଳ ଆସୁଅଛି ଏବଂ ତହିଁର ଆଡ଼ମ୍ବର ମଧ୍ୟ ଦିନକୁଦିନ ବଢ଼ୁଅଛି ଏହେତୁ ସ୍ୱୀକାର ଦିବାର ପ୍ରଥା ରହିତ ହୋଇ କେବଳ ସମ୍ମତିପତ୍ର, ଶ୍ରୀ ମହାପ୍ରସାଦ, ଗୁଆ, ଚନ୍ଦନ ଓ ଫୁଲ ନୂତନ ଚୌପଦାରେ ମଧ୍ୟସ୍ଥଙ୍କ ସହିତ କର୍ଣ୍ଣେ ବାରିକ ନେଇ ଯିବାର ଉଚିତ ଆଉ କୌଣସି ସାମଗ୍ରୀ ଯିବ ନାହିଁ ବା ଆଉ କେହି ଯିବେ ନାହିଁ ।

ଏହା ସମସ୍ତଙ୍କ ସମ୍ମତିରେ ସ୍ଥିର ହେଲା ଏଥି ଉପରୁ ସାମନ୍ତ ଶ୍ରୀ ଉଦ୍ଧବଚରଣ ମହାନ୍ତି ପ୍ରସ୍ତାବ କଲେ ଯେ ମଧ୍ୟସ୍ଥ ଓ ବାରିକଙ୍କୁ କେବଳ କିଛି ରାସ୍ତା ଖରଚ ଦିଆଯିବ । ଆଉ କିଛି ଦିଆଯିବ ନାହିଁ । ତାଙ୍କ ପ୍ରସ୍ତାବ ଗ୍ରହଣ କରାଯାଇ ଏହି ନିୟମ ସ୍ଥିର କରାଗଲା ଯଥା :—

(୧) ସମ୍ମତିପତ୍ର ନେଇ ଯାଉଥିବା ଭଲଲୋକ ଓ ବାରିକଙ୍କୁ କେବଳ ପାଥେୟ ଦିଆଯିବ ଆଉ କିଛି ବିଦାୟୀ ଦିଆଯିବ ନାହିଁ ।

(ଥ) ବରକୁ ବରଣ କରି ଆଣିବାର ଆଡ଼ମ୍ବର ଦିନକୁଦିନ ବଢ଼ୁଅଛି ଓ କ୍ରମେ ବରଯାତ୍ରୀ ସଙ୍ଗେ ବାଜା ରୋଷନାଇ ଓ ଆତସବାଜି ଯିବାର ଆରମ୍ଭ ହୋଇଅଛି । ଏପରି ବୃଥାବ୍ୟୟ ରହିତ ହେବାର ଉଚିତ । ଏଣୁ ଏହି ନିୟମ ହେବ । ଯଥା :— ବରଯାତ୍ରୀ ସଙ୍ଗେ ଶଙ୍ଖ ଓ ମଶାଲ ଛଡ଼ା ଆଉ କିଛି ଯିବ ନାହିଁ ।

ଏ ପ୍ରସ୍ତାବକୁ ସମସ୍ତେ ଏକମତରେ ଧାର୍ଯ୍ୟ କଲେ ।

(ଦ) 'ଡ' ପ୍ରସ୍ତାବରେ ଲେଖା ଅଛି ଯେ କନ୍ୟାକର୍ତ୍ତା ଆପଣା କନ୍ୟାକୁ ଯଥାଇଚ୍ଛା ଯୌତୁକ ଦେବେ ବିବାହ ସମ୍ବନ୍ଧ ହେବା ପୂର୍ବରୁ ସେ ବିଷୟର କୌଣସି ଜବାବ ହେବ ନାହିଁ ଉକ୍ତ ପ୍ରସ୍ତାବରେ ବରକୁ କିଛି ଦେବାର ଉଲ୍ଲେଖ ନାହିଁ; ସେ ବିଷୟରେ ଏହି ନିୟମ ଉଚିତ ଯଥା :—

କନ୍ୟାକର୍ତ୍ତା ବରକୁ ଯୋଡ଼ିଏ ବସ୍ତ୍ର ଦେବେ ଅଧିକ ଯାହା ଦେବାକୁ ଇଚ୍ଛା କରିବେ ତାହା ଦେଇ ପାରନ୍ତି । ମାତ୍ର ବର ପକ୍ଷରୁ ତହିଁରେ କୌଣସି ଆପତ୍ତି ହେବ ନାହିଁ କାରଣ ଶାସ୍ତ୍ରରେ କନ୍ୟାକୁ ସାଲଙ୍କାର କରି ଦାନ କରିବାର ବିଧିଅଛି ମାତ୍ର ବରକୁ ଅଳଙ୍କାର ଦେବାର ବିଧି ନାହିଁ ।

ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ସ୍ଥିର କଲେ ।

(ଧ) ଯୌତୁକରେ କନ୍ୟାକର୍ତ୍ତା ଯେତେ ପ୍ରକାର ଏପରି ଅନେକ ପଦାର୍ଥ ଦିଅନ୍ତି କି ଯଦ୍ଦ୍ୱାରା କନ୍ୟାର କିଛି ଉପକାର ହୁଏ ନାହିଁ ଏଣିକି ସେପରି ଅନାବଶ୍ୟକୀୟ ଦ୍ରବ୍ୟ ନ ଦେଇ ତହିଁ ପରିବର୍ତ୍ତରେ କିଛି ଟଙ୍କା ଇଚ୍ଛାନୁସାରେ ଦେଇ ପାରିବେ ।

ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ସ୍ଥିର କଲେ ।

(ନ) ବାଜା ରୋଷନାଇ ପ୍ରଭୃତି ଯାହାର ଯାହା ଇଚ୍ଛା ସେ ଆପଣା ଘରଠାରେ କରିବ ମାତ୍ର ବର ସହିତରେ କନ୍ୟା ଘରଠାକୁ ନିମ୍ନଲିଖିତ ତାଲିକାରୁ ଅଧିକ ଯିବ ନାହିଁ ।

(୧) ବାଜା—କୌଣସି ରକମର ଏକ ସୁର ବାଜା, ଶଙ୍ଖ, ମହୁରି ଓ ତୁରି ।

(୨) ରୋଷନାଇ—ଯିବା ଲୋକଙ୍କ ଅନ୍ଧାର ନୋହିବା ଭଳି ମଶାଲ ଡମ୍ବା ଅନ୍ୟାନ୍ୟ ଆଲୋକ ।

(୩) ବାଣ—କେବଳ ମହତାପ ।

ଏ ପ୍ରସ୍ତାବକୁ ସମସ୍ତେ ଏକବାକ୍ୟ ହୋଇ ସ୍ଥିର କଲେ ।

(ପ) ଚତୁର୍ଥୀକାର୍ଯ୍ୟ ବର ଘରଠାରେ ହୁଏ ଓ ସେ କାର୍ଯ୍ୟ ସହିତ କନ୍ୟାକର୍ତ୍ତାର କୌଣସି ସମ୍ପର୍କ ନାହିଁ । ସୁତରାଂ କନ୍ୟାକର୍ତ୍ତାଙ୍କୁ ସେଥି ନିମନ୍ତେ ନିମନ୍ତ୍ରଣ ହେବ ନାହିଁ ।

Digitized by srujanika@gmail.com

Split by PDF Splitter



ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ସ୍ଥିର କଲେ ।

(ଣ) କୁମାର ପୂର୍ଣ୍ଣିମାଦିନ କନ୍ୟାକର୍ତ୍ତା କନ୍ୟା ଓ ଜାମାତାଙ୍କ ନିମନ୍ତେ ବସ୍ତ୍ର ଦେଇ ପାରିଲେ ପଠାଇବେ—ଅନ୍ୟ କାହାରି ନିମନ୍ତେ କିଛି ଦେବେ ନାହିଁ । ଅନ୍ୟ କୌଣସି ପୂର୍ଣ୍ଣିମାରେ ଦେବାର ଯାହା ପ୍ରଥା ଅଛି ତାହା ରହିତ ହେବ ଏଥିରୁ ଏମନ୍ତ ବୁଝିବାକୁ ହେବ ନାହିଁ ଯେ କେହି ଅପଣା କନ୍ୟା ବା ଜାମାତାଙ୍କୁ ଅନ୍ୟ କୌଣସି ସମୟରେ କିଛି ପଦାର୍ଥ ଦେବା ସକାଶେ ତାହାରିଙ୍କୁ ନିଷେଧ କରାଯାଉଅଛି ସେ ଇଚ୍ଛାଧୀନ କଥା ।

ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ସ୍ଥିରକଲେ ।

(ତ) ବର୍ତ୍ତମାନ ଘଷୋଲାଦି ଭାରର ସଂଖ୍ୟା ବୃଦ୍ଧିକରି ପଠାଇବାର ଯେ ପ୍ରଥାଅଛି ତାହା ନିତାନ୍ତ ମନ୍ଦ, ଏହା ଏକାବେଳକେ ରହିତ ହେବ ।

ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ସ୍ଥିରକଲେ ।

(ଥ) କେହି ଅପଣା ଜାମାତାକୁ ଅପଣା ଗୃହ-ଠାକୁ ନିମନ୍ତ୍ରଣ କରନେଲେ ପ୍ରଚଳିତପ୍ରଥା ଅନୁ-ସାରେ ଅନେକ କ୍ଷତିଗ୍ରସ୍ତ ହେବାକୁ ହୁଏ ସେହି ହେତୁ ଅନେକେ ଅପଣା ଜାମାତାକୁ ଗୃହଠାକୁ ନିମନ୍ତ୍ରଣକରି ଅଣିପାରନ୍ତି ନାହିଁ । ଏହେତୁ କେହି ଅପଣା ଜାମାତାକୁ ନିମନ୍ତ୍ରଣକରି ଅଣିଲେ ପ୍ରଥ-ମରେ କେବଳ ଯୋଡ଼ିଏ ଲୁଗା ପିନ୍ଧାଇବେ ଅଉ-କିଛି ଦେବେ କାହିଁ । ଅଉ ଯେତେଥର ଅଣିବାକୁ ହେବ ସେଥିନିମନ୍ତେ ଲୁଗା ଦେବାର ଅବଶ୍ୟକ ନାହିଁ ଏବଂ ଜାମାତା କାହାରିଙ୍କୁ ଦଣ୍ଡବତ ହେବେ ନାହିଁ ।

ଏ ପ୍ରସ୍ତାବକୁ ସମସ୍ତେ ଏକମତ ହୋଇ ସ୍ଥିରକଲେ ।

(ଦ) କେହି ଅପଣା ବିବାହିତା କନ୍ୟାକୁ ଅପଣା ଘରକୁ ଅଣିଲେ ବିବାହ ଯୌତୁକପରି ପ୍ରଥମରେ ବେଉରଅଦି ଦେବାର ପ୍ରଥାଅଛି ଏହେତୁ ଅନେକ କନ୍ୟା ବିବାହ ହେଲାପରେ ପିତ୍ରାଳୟ ଦର୍ଶନ କରିବାରେ ଏକାବେଳକେ ବଞ୍ଚିତ ହୁଅନ୍ତି ଏ ବଡ଼ କଷ୍ଟକର ପ୍ରଥା, ଏହା ରହିତ କରିବା ନିତାନ୍ତ ଅବଶ୍ୟକ ଏଥିରେ ସନ୍ଦେହ ନାହିଁ । ଏଣୁକରି ଏହି ନିୟମ ହେବ ଯେ କନ୍ୟାକୁ ଘରକୁ ଅଣିଲେ ତାହାକୁ ଶ୍ୱଶୁରାଳୟକୁ ବିଦାୟ କଲାବେଳେ ଖଣ୍ଡିଏ ଶାଢ଼ୀ ଓ କିଛି ମିଷ୍ଟାନ୍ନ ଦେବାକୁ ହେବ, ଅନ୍ୟ କାହାରିନିମନ୍ତେ ସଂଖ୍ୟାଦି ଦେବାକୁ ହେବ ନାହିଁ, ବା ଅଲଙ୍କାର ଦେବାକୁ କେହି ବାଧ ହେବେ ନାହିଁ ।

ସପ୍ତମଙ୍ଗଳା ଓ ଚନ୍ଦ୍ରବନାପନା ବିଷୟର ମତା-ମତ ଅଗାମି ସଭାରେ ଅଲୋଚିତ ହେବା କାରଣ ସ୍ଥଗିତ ହେଲା ।

(୯) ଏସଭାର ଉଦ୍ଦେଶ୍ୟ ସର୍ବସାଧାରଣଙ୍କୁ ଜଣା-ଇବା ସକାଶେ ସଭାରୁ ଏଥିପୂର୍ବେ ଯାହା ପ୍ରସ୍ତାବିତ ହୋଇଥିଲା ସେଥିସମ୍ବନ୍ଧେ ସହକାରୀ ସମ୍ପାଦକ ଶ୍ରୀ ସାମନ୍ତ ଦାମୋଦର ପଟ୍ଟନାୟକ ଏହିକଥା ଜଣାଇଲେ କି ସଭାର ପ୍ରସ୍ତାବ ଅନୁସାରେ ପ୍ରଥମ ଅଧିବେଶନର କାର୍ଯ୍ୟାବଳୀ ଖ ୧୦୦୦ ଣ୍ଡ ଛପା ହୋଇ ନିମ୍ନଲିଖିତ ଅନୁସାରେ ବିତରିତ ହୋଇଅଛି ।

| | | |
|---|---|---|
| ପୁରୀଜିଲ୍ଲା ସକାଶେ | ... ... | ଖ ୧୦୦ ଣ୍ଡ |
| ଗଡ଼ଜାତ | „ ... .. ... | ଖ ୧୦୦ ଣ୍ଡ |
| ବାଲେଶ୍ୱର | „ .. ... .. | ଖ ୧୦୦ ଣ୍ଡ |
| ଖୋର୍ଦ୍ଧା | „ ... ... ... | ଖ ୪୦ ଣ୍ଡ |
| ଭଦ୍ରଖ | „ .. .. ... | ଖ ୨୫ ଣ୍ଡ |
| ପିପିଲି | „ ... ... ... | ଖ ୧୦ ଣ୍ଡ |
| ଯାଜପୁର | „ .. ... ... | ଖ ୩୦ ଣ୍ଡ |
| କେନ୍ଦ୍ରାପଡ଼ା | „ ... .. .. | ଖ ୨୫ ଣ୍ଡ |
| ବାଙ୍କି | „ .. ... ... | ଖ ୧୦ ଣ୍ଡ |
| କଲିକତା | „ ... .. ... | ଖ ୨ ଣ୍ଡ |
| ଗଞ୍ଜାମ | „ .. ... ... | ଖ ୫୦ ଣ୍ଡ |

ଏତଦ୍‌ବ୍ୟତିରେକେ କଟକ ନଗରରେ ଥିବା ପ୍ରଧାନ୨ ଲୋକମାନଙ୍କୁ କାର୍ଯ୍ୟାବଳୀ ବିତରଣ ହୋଇଅଛି । କଟକ ଜିଲ୍ଲାର ମଫସଲ ଓ ଅନ୍ୟାନ୍ୟ ସ୍ଥାନରେ ତାଲିକା ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ହୋଇ ନ ଥିବାରୁ ବିବରଣୀ ସକଳସ୍ଥାନକୁ ପଠା ହୋଇପାରି ନ ଥିଲା ଏଣିକି ତାହା ପଠାଯିବ ।

(୧୦) ଶ୍ରୀ କରଣସାମନ୍ତମାନଙ୍କର ପ୍ରଧାନ୨ ବସତି ଓ ତହିଁରେ ଥିବା ପ୍ରଧାନ୨ ବ୍ୟକ୍ତିମାନଙ୍କର ତାଲିକା ପ୍ରସ୍ତୁତ କରିବାକାରଣ ଶ୍ରୀ ସାମନ୍ତ ଚତୁର୍ଭୁଜ ମହାନ୍ତି, ଶ୍ରୀ ସାମନ୍ତ ଗୁଣନିଧି ଦାସ, ଶ୍ରୀ ସାମନ୍ତ ଭୁବନଚରଣ ମହାନ୍ତି, ଶ୍ରୀ ସାମନ୍ତ କୃଷ୍ଣମୋହନ ପଟ୍ଟନାୟକ ଓ ଶ୍ରୀ ସାମନ୍ତ ସୁଦର୍ଶନ ଦାସ ପ୍ରଭୃତିଙ୍କ ଉପରେ ଯାହା ଭାର ଥିଲା ସେମାନେ ୩୧୮ ଗ୍ରାମ ଶ୍ରୀ କରଣଙ୍କବସତିର ନାମ ଅଗତ କରିଥିଲେ, ବାକି ଶ୍ରୀ କରଣମାନଙ୍କର ତାଲିକା ସଂଗ୍ରହ କରି ସେ ସାମନ୍ତମାନଙ୍କ ନାମ ଧାମ ଏକ ବହିରେ ଲେଖି ଅଗାମି ସଭାରେ ତାହା ଉପସ୍ଥିତ କାରଣ ସଭା ଶ୍ରୀ ସାମନ୍ତ ଗୁଣନିଧି ଦାସଙ୍କ ପ୍ରତି ଭାର ଅର୍ପଣ କଲେ ।

(୧୧) ଶ୍ରୀ ସାମନ୍ତ କୃଷ୍ଣଚରଣ ମହାନ୍ତି ପ୍ରସ୍ତାବ କଲେ ଯେ ଏ ଅଧିବେଶନର ବିବରଣୀର ଗୋଟିଏ ପ୍ରତିଲିପି କଟକ, ବାଲେଶ୍ୱର, ପୁରୀ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଖୋର୍ଦ୍ଧା, ଗଡ଼ଜାତ, ଗଞ୍ଜାମ, ଓ ସମ୍ବଲପୁର ପ୍ରଭୃତି ସ୍ଥାନନିବାସୀ ଶ୍ରୀ କରଣ ସାମନ୍ତମାନଙ୍କଠାକୁ ପଠାଯାଉ, ଏବଂ ଅନୁରୋଧ କରାଯାଉ ଯେ ସେମାନେ ଏ ସଭାର କାର୍ଯ୍ୟାବଳୀ ପ୍ରତି ଅପଣା୨ର ମତାମତ ଅଗାମି ଚୈତ୍ରମାସ ତା ୨୦ ରିଖ ଅର୍ଥାତ୍ ମାର୍ଚ୍ଚମାସ ତା ୩୧ ରିଖ ପୂର୍ବରୁ ଲେଖି ଏସଭାକୁ ପଠାଇବେ ।

ଏ ପ୍ରସ୍ତାବ ଶ୍ରୀ ଅଭିମନ୍ୟୁ ମହାପାତ୍ର ଅନୁମୋଦନ କଲାରୁ ସର୍ବସମ୍ମତି ଅନୁସାରେ ତାହା ଧାର୍ଯ୍ୟ ହେଲା ।

(୧୨) । ଜ । କଟକ । ପ୍ର । ପାଏନା । ମୌ । ବୋଧପୁରସ୍ଥ ଶ୍ରୀ କରଣସାମନ୍ତମାନେ ଗୋଟିଏ ଶାଖାସଭା ସ୍ଥାପନ କରି ଉତ୍କଳସମ୍ମିଳନୀ ସଭାରେ ପ୍ରସ୍ତାବିତ ବିଷୟମାନ ଅଲୋଚନା କରି ଅପଣାର ମତାମତ ଲେଖି ପଠାଇଥିବାରୁ ଏବଂ ତହିଁରେ ବିବାହ ସମ୍ବନ୍ଧରେ ଯାହା ଲେଖାଥିଲା ତାହା ଏ ସଭାର ମତ ସଙ୍ଗେ ଅନେକ ଅଂଶରେ ଐକ୍ୟ ହୋଇଥିବାରୁ ଏ ସଭା ଉକ୍ତ ଶାଖାସଭାକୁ ଧନ୍ୟ-ବାଦ ଦେବା ସକାଶେ ଶ୍ରୀ ସାମନ୍ତ କୃଷ୍ଣଚରଣ ମହାନ୍ତି ପ୍ରସ୍ତାବ ଓ ଶ୍ରୀ ଦାମୋଦର ପଟ୍ଟନାୟକ ଅନୁମୋଦନ କଲାରୁ ସାମନ୍ତଙ୍କ ସମ୍ମତି ଅନୁସାରେ ତାହା ସ୍ଥିର କରାଗଲା ।

(୧୩) ବାଲେଶ୍ୱରନିବାସୀ ଶ୍ରୀ ସାମନ୍ତ ସ୍ୱଜନା-ଗ୍ରଗଣ୍ୟ ଦାସ ସଭାପତିଙ୍କଠାକୁ ସହାନୁଭୂତି-ସୂଚକପତ୍ର ପଠାଇଥିବାରୁ ତାଙ୍କୁ ଧନ୍ୟବାଦ ଦେବା ସକାଶେ ସମ୍ପାଦକଙ୍କ ପ୍ରତି ଭାର ଅର୍ପଣ କରାଗଲା ।

(୧୪) ଶ୍ରୀ ସାମନ୍ତ କୃଷ୍ଣଚରଣ ମହାନ୍ତି ଏହି ପ୍ରସ୍ତାବ କଲେ ଯେ ଏ ସଭାର ଦ୍ୱିତୀୟ ଅଧିବେଶନ ମାର୍ଚ୍ଚମାସ ତା ୯ରିଖ ଅର୍ଥାତ୍ ଫାଲ୍‌ଗୁନ ତା ୨୮ରିଖରେ ହେଉ । ଏ ପ୍ରସ୍ତାବ ସମସ୍ତେ ଅନୁମୋଦନ କଲାରୁ ସଭା ଭଙ୍ଗ ହେଲା ।

ସାମନ୍ତ ଶ୍ରୀ ଗିରିଧାରୀ ନାୟକ
ସଭାପତି ।

ଶ୍ରୀ ମଙ୍ଗଳପତ୍ର ପ୍ରେସ ।

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।


ଖ ୨୪ ଶ
ସଂ ୧୧ ସଂଖ୍ୟା

ତା ୧୬ ଇଙ୍ଗ ମାହେ ମାର୍ଚ୍ଚ ସନ ୧୮୮୯ ଇସ୍ବୀ । ମୁ । ଚୈତ୍ର ତ ୪ ନ ସନ ୧୨୯୬ ସାଲ ଏହାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩,
ପଶ୍ଚାଦ୍ଦେୟ ଟ ୩।


### ବିଜ୍ଞାପନ ।

ଭାରତବର୍ଷୀୟ ଡାକବିଭାଗର ଡାଇରେକ୍ଟର ସାହେବ ନିୟମ କରିଅଛନ୍ତି କି ଆଗାମି ଅପ୍ରେଲମାସ ତା ୧ ରଖଠାରୁ ଯେଉଁମାନେ ଭିଲାରେଜଷ୍ଟର୍ଡ, ଭେଲ୍ୟୁପେବଲ ଅର୍ଥାତ ଡାକ ବାହକକୁ ମୂଲ୍ୟ ଦେଇ ଦ୍ରବ୍ୟ ନେବା ପ୍ରଥାରେ ପୁସ୍ତକାଦି ପୁଳନା ପଠାଇବେ ସେମାନଙ୍କର ତାହା ପଠାଇବା ସମୟରେ ଉକ୍ତ ପୁଳିନାର ଡାକମାସୁଲ ଛଡ଼ା ଉକ୍ତ ପୁଳିନାର ମୂଲ୍ୟ ଗ୍ରାହକଠାରୁ ମନିଅର୍ଡ଼ରଦ୍ୱାରା ଆସିବା ନିମିତ୍ତ ଯେତେ କମିଶନ ଲାଗିବ ତାହା ଅଗ୍ରିମ ଦେବାକୁ ହେବ ଓ କୌଣସି କାରଣରୁ ଉକ୍ତ ପୁଳନା ପ୍ରେରକ ନିକଟକୁ ଫେରି ଆସିଲେ ମନିଅର୍ଡ଼ର କମିଶନ ଫେରସ ମିଳିବ ନାହିଁ । ଅତଏବ କଟକ ପ୍ରିଣ୍ଟିଂକମ୍ପାନୀ ଆପଣ ମୋଫସଲସ୍ଥ ଗ୍ରାହକମାନଙ୍କୁ ଉପରଲିଖିତ ନିୟମ ଜଣାଇଦେଇ ପ୍ରାର୍ଥନା କରୁଅଛନ୍ତି କି ଆଗାମି ଅପ୍ରେଲମାସ ଆରମ୍ଭଠାରୁ ଯେଉଁମାନେ ଭିଲାରେଜଷ୍ଟର୍ଡ ଭେଲ୍ୟୁପେବଲ ନିୟମରେ ପୁସ୍ତକ ନେବା କାରଣ ପତ୍ର ଲେଖିବେ ସେମାନେ ଉକ୍ତ ପତ୍ରସହିତ ମନିଅର୍ଡ଼ର ଖର୍ଚ୍ଚ ଦୁଇଅଣା ଅଗ୍ରିମ ଅନୁଗ୍ରହ ପୂର୍ବକ ପଠାଇବେ ଏ ଖର୍ଚ୍ଚ ନ ପଠାଇଲେ ଉକ୍ତ ନିୟମରେ ପୁସ୍ତକ ପଠାଯିବ ନାହିଁ ।

କଟକ
ତା୨ ରଖ ମାର୍ଚ୍ଚ
ସନ ୧୮୮୯

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ

ଗତ ଜାନୁଆରୀ ମାସ ତା ୩୦ ମାସରେ ଶେଷ ହେବା ତିନିମାସରେ ଯେ ସମସ୍ତ ପୁସ୍ତକ ବଙ୍ଗ ଦେଶରେ ପ୍ରସ୍ତୁତ ହୋଇଅଛି ତହିଁର ତାଲିକା ଗତ କଲିକତା ଗେଜେଟରେ ବାହାର ଅଛି । ଏହି ତାଲିକାରେ ଖ ୨୯ ଖ୍ରୁ ଓଡ଼ିୟା ପୁସ୍ତକ ଏହି ସମୟ ମଧ୍ୟରେ ବାହାରିଥିବାର ଏବଂ ତହିଁ ମଧ୍ୟରେ ଓଡ଼ିଶା ପେଟ୍ରିୟଟ ପ୍ରେସର ପ୍ରସ୍ତୁତ କନ୍ଦର୍ପଲଜ୍ଞ ପୁସ୍ତକ ଅଶ୍ଳୀଳ ଥିବାର ଲେଖା ଅଛି । ଅଶ୍ଳୀଳ ପୁସ୍ତକ ପ୍ରକାଶ କରିବା ବିଷୟରେ ଯନ୍ତ୍ରାଳୟର ସାବଧାନ ହେବାର ଉଚିତ ।

ଫରିଦପୁରର ମୁନସଫି ଅଦାଲତରେ ଗୋଟିଏ ନୂତନ ପ୍ରକାରର ମାମଲା ହୋଇଅଛି । ଜଣେ ବ୍ରାହ୍ମଣ ଆପଣା ସ୍ତ୍ରୀକୁ ପାଇବା କାରଣ ନାଲିସ କଲେ । ସ୍ତ୍ରୀ ଉତ୍ତର ଦେଲା କି ସ୍ୱାମୀ ମୁସଲମାନର ଅନ୍ନ ଏବଂ କୁକ୍କୁଟାଦି ମାଂସ ଖାଏ ଏଣୁ ସେ ପ୍ରାୟଶ୍ଚିତ୍ତ ନ କଲେ ତାହାସହିତ ସହବାସ କରିବ ନାହିଁ । ମୁନସଫ ଏହି ହେତୁ ଦର୍ଶାଇ ସ୍ୱାମିକୁ ଡକ୍ରୀ ଦେଲେ କି ଏପ୍ରକାର ଆହାର କରିବା ଶାସ୍ତ୍ରନିଷିଦ୍ଧ ନୁହଇ । ସ୍ତ୍ରୀ ଏହି ଡକ୍ରୀ ଉପରରେ ଅପିଲ କରିଅଛି ବୋଧହୁଏ ହାଇକୋର୍ଟପର୍ଯ୍ୟନ୍ତ ମାମଲା ଯାଇ ଗୋଟିଏ ସ୍ଥିରନିଷ୍ପତ୍ତି ହେବ । ଅପ୍ରାକୃତଃ ମୁନସଫଙ୍କ ବିଚାର ଶୁଣି ସମସ୍ତେ ଚମକି ଉଠିବେ । ହିନ୍ଦୁଧର୍ମର କି ଶେଷରେ ଏହି ଦୁର୍ଦ୍ଦଶା ?

ମଧ୍ୟପ୍ରଦେଶର ପ୍ରଧାନ କମିଶନର ବିଜ୍ଞାପନ ଦେଇଅଛନ୍ତି କି ଆଗାମୀ ଅପ୍ରେଲମାସଠାରୁ ମଣ୍ଡଲା ମିଉନିସିପାଲିଟୀ ମଧ୍ୟରେ ଅକ୍ଟ୍ରୋଇକର ଉଠିଯାଇ ତହିଁ ପରିବର୍ତ୍ତରେ ପରିଟକ୍ସ ବସିବ ଏଥିର ଅଭିପ୍ରାୟ କିଛି ଜଣାପଡ଼ୁ ନାହିଁ କିନ୍ତୁ ଆମ୍ଭମାନଙ୍କର ଧାରଣା ଯେ ପରିଟକ୍ସ ସାକ୍ଷାତ କର ହେବା ଏବଂ ନଗଦ ଦେଣ ପଡ଼ିବାରୁ ସମସ୍ତଙ୍କ କ୍ଳେଶକର ଓ ସାମାନ୍ୟ ଲୋକଙ୍କୁ ବାଧିବ । ଅକ୍ଟ୍ରୋଇକର ଦ୍ରବ୍ୟ ଉପରେ ନିୟମ ଯାଉଥିବାରୁ ଲୋକେ ଅସାକ୍ଷାତ ଭାବରେ ଅଳ୍ପ ଦେଉଥିଲେ ସୁତରାଂ ଜଣା ପଡ଼ୁଥିଲା ନାହିଁ । ସବୁ ମିଉନିସିପାଲିଟୀରେ ପରିଟକ୍ସ ବଦଳରେ ଯେବେ ବାଣିଜ୍ୟଦ୍ରବ୍ୟ ଉପରେ ଟିକସ ନେବାର ନିୟମ ହୁଅନ୍ତା । ତେବେ ଲୋକଙ୍କୁ ବାଧନ୍ତା ନାହିଁ ଅଥଚ ଆୟ ବୃଦ୍ଧି ହୁଅନ୍ତା । ମିଉନିସିପାଲ କମିଶନରମାନଙ୍କର ଅରେ ଏ କଥା ଚିନ୍ତା କରିବାର ଉଚିତ ।

ସ୍ଥାନାନ୍ତରେ ପ୍ରକାଶିତ ପ୍ରେରିତ ପତ୍ରରୁ ପାଠକମାନେ ଅବଗତ ହେବେ ଯେ ଭୋଗରାଇ ଅଞ୍ଚଳରେ ଧାନଚାଉଳ ଲୁଟ ହୋଇଅଛି ଏବଂ ସ୍ତ୍ରୀ ଓ ବାଳକମାନେ ଏଥିରେ ଯୋଗ ଦେଇଥିବାରୁ ସ୍ପଷ୍ଟ ଜଣାଯାଉଅଛି ଅନ୍ନକଷ୍ଟ ଏଥିର ହେତୁ ଅଟଇ । ଆମ୍ଭେମାନେ ସମ୍ବାଦ ବାହୁକାରେ ପାଠକଙ୍କୁ କି ବାଲେଶ୍ୱରର ପୁଲିସ ଓ ମାଜିଷ୍ଟ୍ରେଟ ସାହେବମାନେ ସେ

Split by PDF Splitter
Digitized by srujanika@gmail.com

Split by PDF Splitter



ଅଞ୍ଚଳର ଯାଉଅଛନ୍ତି ଓ ସେକ୍ସନ୍‌ସିଅ ସାହେବ ତଗାଗି ଦାଦନ ଦେବାର ବନ୍ଦୋବସ୍ତ କରୁଅଛନ୍ତି । ଅମ୍ଭେମାନେ ଆଶାକରୁଁ କି ଯେବେ ଟେଲରଙ୍କ ଏ କାର୍ଯ୍ୟ କରିଥିଲେ ଦସ୍ତୁ-ସହିତ ତାହାଙ୍କ ଅପରାଧର ବିଚାର ହେବ ଏବଂ ସେ ଅଞ୍ଚଳର ଅନାବୃଷ୍ଟି ନିବାରଣର କିଛି ବନ୍ଦୋବସ୍ତ ହେବ । ବର୍ତ୍ତମାନ ପ୍ରାୟ ସବୁ-ଅଡ଼େ ଅନାବୃଷ୍ଟି ଉପସ୍ଥିତ ହୋଇଅଛି । କର୍ତ୍ତୃ-ପକ୍ଷଙ୍କର ଏ ସମୟରେ ସତର୍କହୋଇ କାର୍ଯ୍ୟ କରିବାର ଉଚିତ ।

---

ବମ୍ବେଇ ରେଲଗାଡ଼ି କମ୍ପାନି ସଡ଼କ ଉପରେ ପଥର ଜମା କରିଥିଲେ । ଗତ ଅଗଷ୍ଟ ମାସରେ ହେନେରସାହେବ ଓ ଅନ୍ୟଜଣେ ସାହେବ ଗାଡ଼ିରେ ଯାଉଥିଲେ ସେ ପଥର-ଗଦାରେ ଗାଡ଼ି ଲାଗି ଲେଉଟି ପଡ଼ିଲା ଓ ସେ ଦୁହେଁ ଭାରି ଆଘାତ ପ୍ରାପ୍ତ ହେଲେ ଏ ହେତୁ ସେମାନେ ରେଲଗାଡ଼ି କମ୍ପାନିଙ୍କ ନାମରେ ଲକ୍ଷେ ଟଙ୍କାର କ୍ଷତିପୂରଣ ଦାବିରେ ମୋକଦ୍ଦମା କରିଥିଲେ ପ୍ରମାଣ ହେଲା ଯେ ପଥରଗଦା ପାଖରେ ଆଲୁଅ ଦିଆ ହୋଇ ନ ଥିଲା ଓ ହେନେରସାହେବ ସେହି ଅଘା-ତରେ ଯାବଜ୍ଜୀବନ ଲେଙ୍ଗଡ଼ା ହେଲେ ଓ ସ୍ୱାସ୍ଥ୍ୟ ଲାଭ ସକାଶେ ଦୁହିଙ୍କର ବିଳାତ ଗମନ ଆବଶ୍ୟକ ! ଏ ହେତୁ ବମ୍ବେଇ ହାଇକୋର୍ଟ ତିନି ସହସ୍ର ଟଙ୍କା କ୍ଷତିପୂରଣ ତାହାଙ୍କୁ ଡିକ୍ରୀ ଦେଲେ । ଏ ବିଚାରରେ ସେ ଅଞ୍ଚଳର ଲୋକେ ସନ୍ତୁଷ୍ଟ ହୋଇଅଛନ୍ତି । ଏଠା ମ୍ୟୁନି-ସିପାଲିଟିର ଏପରି ଦୋଷରେ ଭାରି ଦୋଷୀ । ଅନେ କେହି ତାଙ୍କୁ ଶିକ୍ଷା ଦେଲେ ହୁଅନ୍ତା ।

---

ଢେଙ୍କାନାଳର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଚିରସ୍ଥାୟୀ ବନ୍ଦୋବସ୍ତ କରିବା ସମୟରେ ଲର୍ଡ କର୍ଣ୍ଣୱାଲିସ ଆଶା କରି-ଥିଲେ କି ଖଜଣା ବୃଦ୍ଧିର ଭୟ ନ ରହିଲେ ଜମିଦାରମାନେ ଆପଣା ସମ୍ପତ୍ତିର ଉନ୍ନତି କରିବାକୁ ପ୍ରବୃତ୍ତ ହେବେ କାରଣ ଉନ୍ନତିରୁ ଯାହା ଅଧିକା ଲାଭହେବ ସେମାନେ ତାହା ଭୋଗ କରିବେ । ମାତ୍ର ବର୍ତ୍ତମାନ ସମୟରେ ଅନାବୃଷ୍ଟି ହେତୁ ଗଡ଼ଜାତରେ ଫସଲ ନଷ୍ଟ ହୋଇଅଛି ଅଥଚ କେତେଜଣ ଅନାଦାୟ ଜମିଦାର ସୁନ୍ଦରୀ ଓ ଜାଲଛୋଷ ଶୋଭା-ଭଳାଯାର ଜଳ ସଞ୍ଚୟପୂର୍ବକ ଅସମୟରେ

ପ୍ରଜାଙ୍କର ଉପକାର କରୁଅଛନ୍ତି ? ପତ୍ରପ୍ରେ-ରକଙ୍କର ଏହି କଥାଟି ଅସଙ୍ଗତ ନୁହଇ । ବାସ୍ତବରେ ପ୍ରତ୍ୟେକ ସ୍ୱତ୍ୱ ଭୋଗକରିବା ସଙ୍ଗେ ସଙ୍ଗେ ଗୋଟିଏ କର୍ତ୍ତବ୍ୟ କାର୍ଯ୍ୟ ଜଡ଼ିତ ରହିଅଛି । କର୍ତ୍ତବ୍ୟ କାର୍ଯ୍ୟ ନ କରି ସ୍ୱତ୍ୱ-ଭୋଗୀ ହେବା ଅନ୍ୟାୟ । ଜମିଦାରମାନେ ଏକଥା ବିଚାର କରିବେ କି ?

---

ଜଗତ୍‌ସିଂହପୁର ଗୋଟିଏ ବୃହତ୍ ପ୍ରଦେଶର କେନ୍ଦ୍ର । ସେଠାରେ ଆପାତତଃ ଗୋଟିଏ ମାଇନର ସ୍କୁଲ ଏକାନ୍ତ ପ୍ରୟୋଜନୀୟ । ଏଠାରୁ ଦେଢ଼ମାଇଲ ଦୂରବର୍ତ୍ତୀ ପୁଳାଙ୍ଗ ଗ୍ରାମରେ ଗୋଟିଏ ମାଇନର ସ୍କୁଲ ହୋଇଥିଲା । ଅନଲ୍ପ ପ୍ରାୟ ଏକବର୍ଷ ହେବ ସରକାରୀ କାଗଜପତ୍ରରେ ତାହାର ଅସ୍ତିତ୍ୱ ବିଦ୍ୟମାନ ଅଛି କିନ୍ତୁ ଗତବର୍ଷ ହେବ ସେ ସ୍କୁଲରୁ କେହି ପରୀକ୍ଷା ଦେଇନା-ହାନ୍ତି ଓ ସ୍କୁଲ କେବେ ହୁଏ କି ନାହିଁ ସନ୍ଦେହ ଅଥଚ ସରକାରୀ ସାହାଯ୍ୟ ଦିଆଯାଉଅଛି । ଶିକ୍ଷାବିଭାଗର ପରିଦର୍ଶକ କର୍ମଚାରୀମାନେ ଏ ବିଷୟରେ ଉଦାସ ହେବା ଉଚିତ କି ? ଆଉ ମଧ୍ୟ ମୋଫସଲରେ କେତେମାଇଲ ଅନ୍ତ-ରରେ ଯୋଡ଼ିଏ ସ୍କୁଲ ମନ୍ଦଅବସ୍ଥାରେ ରଖିବା ଅପେକ୍ଷା ଗୋଟିଏ ସ୍କୁଲକୁ ଭଲକରି ଚଳାଇବା ଉଚିତ । ଆଶାକରୁଁ ଲୋକାଲ ବୋର୍ଡର ସଭା-ପତି ମହୋଦୟ ପୁଳାଙ୍ଗ ଓ ଜଗତ୍‌ସିଂହପୁର ଏହି ଦୁଇସ୍କୁଲର ଅବସ୍ଥା କ୍ରମରୂପେ ବିବେ-ଚନା କରି ଗୋଟିଏ ମୀମାଂସାରେ ଉପସ୍ଥିତ ହେବେ ।

---

ବାଣିଜ୍ୟ ଦ୍ରବ୍ୟ ଉପରେ ଥିବା ମିଥ୍ୟାମାର୍କା ସମ୍ବନ୍ଧୀୟ ଆଇନ ସଂଶୋଧିତ ହୋଇ ଏକ ନୂତନ ଆଇନ ପ୍ରସ୍ତୁତ ହୋଇଅଛି । ଏହି ଆଇନ ସନ ୧୮୮୯ ସାଲର ୪ ଏ ଆଇନ ଅଟଇ ଏବଂ ଏହା ଆଗାମୀ ମାସ ଆରମ୍ଭରୁ ଜାରି ହେବ । ଏଥିରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ନିୟମ ହୋଇଅଛି କି ଯେଉଁ ବାଣିଜ୍ୟ ଦ୍ରବ୍ୟ ଉପରେ ତହିଁର ବିବରଣ ମିଥ୍ୟା ଲେଖାଥାଏ ସେ ଦ୍ରବ୍ୟକୁ ଯେ ବିକ୍ରୟ କରଇ ଅଥବା ବିକ୍ରୟ ନିମିତ୍ତ ଆପଣା ଦୋକାନରେ ରଖିବ ଜଣା ଗଲେ ସେ ମାସ ୩ ମ କାରାବାସ ଦଣ୍ଡ ପାଇବ ମାତ୍ର ସେ ଯେବେ ଦର୍ଶାଇ ପାରିବ ଯେ ଅପରାଧ ତ ବଞ୍ଚାଇବା ଯଥୋଚିତ ସାବଧାନ ହୋଇଥିଲା ଏବଂ ସନ୍ଦେହ କରିବା ମତରେ

ଯାହାଠାରୁ ଉକ୍ତ ଦ୍ରବ୍ୟ ଆଣିଥିଲା ତାହାକୁ ଧରିବା ପକ୍ଷରେ ଆବଶ୍ୟକୀୟ ସନ୍ଧାନ ଦେଇ-ଥିଲା ତେବେ ସେ ଦଣ୍ଡନୀୟ ହେବ ନାହିଁ ଅନେକାଳ ସହର ଛଡ଼ା ମୋଫସଲର ନାନା ହାଟ ଓ ଦୋକାନରେ ଜାଲଲୁଗା ବିକ୍ରୟ ହେଉଅଛି ଏବଂ ଅନେକସ୍ଥଳେ ଯେଉଁ ଥାନ ଉପରେ ଯେତେ ଗଜ ଲେଖାଥାଏ ମାପରେ ତାହା ପଟଇ ନାହିଁ । ଲେଖା ଅନୁସାରେ ମାପ-ରେ ନ ପଡ଼ିଲେ ସେ ଲେଖାକୁ ମିଥ୍ୟା ମାର୍କା ବୋଲି ଯିବ ଏବଂ ଯେ ତାହା ବିକ୍ରୟ କରିବ ବା ବିକ୍ରୟ ନିମିତ୍ତ ରଖିବ ସେ ଦଣ୍ଡନୀୟ ହେବ ଅତଏବ କଳଲୁଗା ବିକ୍ରେତାଙ୍କର ଉଚିତ ଯେ ଏହି ନୂତନ ଆଇନ ପ୍ରତି ଦୃଷ୍ଟି ରଖି ବ୍ୟବ-ସାୟ କରିବେ ।

---

ଏଠା କଲେଜର ପ୍ରଥମବର୍ଷୀୟ ଛାତ୍ରମାନ-ଙ୍କର କ୍ଳାସ ଉଠିବା ସମ୍ବନ୍ଧରେ ଅମ୍ଭେମାନେ କେତେକ ଗୁହାରି ଶୁଣିଅଛୁଁ ଏବଂ ଏ ବିଷୟରେ ଖଣ୍ଡିଏ ଇଂରାଜୀ ପ୍ରେରିତପତ୍ର ପାଇ ଯଥାସ୍ଥା-ନରେ ପ୍ରକାଶ କଲୁଁ । କଲିକତାବିଶ୍ୱବିଦ୍ୟାଳୟର ନିୟ-ମାନୁସାରେ ପ୍ରବେଶିକା ପରୀକ୍ଷା ଦେବାର ଦୁଇବର୍ଷରେ ଫାଷ୍ଟଆର୍ଟସ ଦେବାର ସମୟ ଧାର୍ଯ୍ୟ ହୋଇଅଛି । ଏହି ସୁଯୋଗ ସମସ୍ତ ଛାତ୍ରଙ୍କୁ ଦେବାର ଉଚିତ । କଲେଜର ଅଧ୍ୟକ୍ଷ ଏଥି ବିଷୟରେ କର୍ତ୍ତୃତ୍ୱ ପ୍ରକାଶ କରି କି ଉପକାର କରିବେ ଅମ୍ଭେମାନେ ବୁଝି ପାରୁଁ ନାହୁଁ । ବିଶେଷତଃ ଯେଉଁସ୍ଥଳେ ପ୍ରଥମବର୍ଷୀୟ ୨୬ ଜଣ ଛାତ୍ରଙ୍କ ୨ୟ ବର୍ଷୀୟ କ୍ଳାସକୁ ଉଠାଇ ଦିଆଗଲା ଅବଶିଷ୍ଟ ୫୨ ଜଣଙ୍କୁ ତାହା ଦିଆ ନ ଗଲା ଅଥଚ ପରୀକ୍ଷାର ଫଳ କାହାରିକୁ ଜଣାଇ ଦିଆ ଗଲା ନାହିଁ ଏବଂ ଉଦ୍ଧୃତ କେତେ ଅଳ୍ପ ଯୋଗ୍ୟ ଲୋକ ଉଠିବା ଏବଂ ଅପେକ୍ଷାକୃତ ଅଧିକ ଯୋଗ୍ୟଙ୍କ ପଡ଼ି ରହିବାର କାହାରି ମନରେ ସନ୍ଦେହ ହେଲେ ସେସ୍ଥଳେ କଲେଜର ଅଧ୍ୟକ୍ଷଙ୍କ କାର୍ଯ୍ୟ ସର୍ବସାଧାରଣଙ୍କର ଅନୁମୋଦନୀୟ ହୋଇ ନ ପାରେ । ଅମ୍ଭେମାନେ କହୁ ନାହୁଁ ଯେ କର୍ତ୍ତୃ-ପକ୍ଷମାନେ ଅନ୍ୟାୟ କରିଅଛନ୍ତି କିନ୍ତୁ ଅନ୍ୟାୟ ନ କରିବା ଯଥେଷ୍ଟ ନୁହଇ ସର୍ବରେ ଲୋକେ ତାହା ବୁଝି ପାରନ୍ତି ସେପରି କରିବା ଉଚିତ । ଶିକ୍ଷକଙ୍କ କାର୍ଯ୍ୟ ପ୍ରତି ଯେଉଁରୂପେ ଛାତ୍ରଙ୍କର ସନ୍ଦେହ କରିବାର ଅବକାଶ ନ ଥାଏ ସେପରି କରିବା ଅବଶ୍ୟକ ତାହା ନ କଲେ ସୁଶିକ୍ଷା ପ୍ରତି ବାଧା ଘଟିବ । ଫଳତଃ ଯେଉଁସ୍ଥଳେ

Digitized by srujanika@gmail.com

ଦ୍ୱିତୀୟରେ ଏକ ଶାଖି କଲେଜରୁ ଅଧିକ ନାହିଁ ତେବେ ସ୍ଥଳେ ଅଧିକ ସୁବିଧା ହେବାର କଥା। ଆମ୍ଭେମାନେ ଆଶା କରୁଁ କଲେଜର ଅଧ୍ୟକ୍ଷ ଏଥିର ସୁବିଧା କରିବେ।

---

ବର୍ତ୍ତମାନ ଚୈତ୍ରମାସ ଆରମ୍ଭ, ଏଥି ମଧ୍ୟରେ ଧାନ ଚାଉଳର ମୂଲ୍ୟ ଘେନ ଏବଂ ମୋଫସଲର ନାନାସ୍ଥାନରୁ ସେଥି ବୃଦ୍ଧି ହେବାର ସମ୍ବାଦ ଆସିବା ସଙ୍ଗେ ଏ ନଗରକୁ କଙ୍ଗାଳ ଆସିବାର ଆରମ୍ଭ ହୋଇଅଛି। ଆମ୍ଭେମାନେ ଗତ ସପ୍ତାହ ଏବଂ ଏ ସପ୍ତାହ ଆରମ୍ଭରେ କେତେଗୁଡ଼ିଏ ଲୋକ ପିଲାମାନଙ୍କ ସଙ୍ଗେ ଘେନି ଏଠାରେ ବୁଲିବାର ଏବଂ କେହି କେହି ଭିକ୍ଷା ମାଗିବାର ଦେଖିଅଛୁଁ। ପଚାରିବାରେ ଏକଜଣ କହିଲା କି ସେ ଖଣ୍ଡପଡ଼ାରୁ ଆସିଅଛି ଓ ଏଠାରେ କାର୍ଯ୍ୟ ନ ପାଇବାରୁ ଭିକ୍ଷା କରିବାକୁ ବାଧ୍ୟ ହୋଇଅଛି। ଏକଦଳ ଲୋକ ଝିଲିମିଳି ଅଞ୍ଚଳରୁ ଆସି ଏଠାରେ କାର୍ଯ୍ୟ ଖୋଜୁଥିଲେ। ଏଥିରୁ ଜଣା ହେଉଅଛି ଯେ ଅଳ୍ପ ଦିନରେ ଏମାନଙ୍କର ସଂଖ୍ୟା ବଢ଼ି ଯିବ ଏବଂ ଯେଉଁମାନେ ଆସିଅଛନ୍ତି ବା ଆସିବେ ସେମାନେ ସାହାଯ୍ୟ ନ ପାଇଲେ ବଡ଼ ଶୋଚନୀୟ ଅବସ୍ଥା ଘଟିବ। ଆମ୍ଭେମାନେ ଯାହାଙ୍କୁ ଦେଖିଅଛୁଁ ଅଧିକାଂଶ କାର୍ଯ୍ୟକ୍ଷମ। ମୂଲ ପାଇଲେ ଆପଣାର ପେଟ ଚଳାଇ ପାରିବେ। ଶୁଣିବାରେ ଜାଜପୁର ଓ କେନାଲରେ ମଜୁରି ମାଟି କାର୍ଯ୍ୟ ହେଉଅଛି ଏବଂ ଆଉ କେଉଁଠାରେ ଅବା ହେବ ବୋଲି ସମ୍ଭାବନା ହେଉଅଛି। ଆମ୍ଭେମାନେ ପ୍ରଥମରେ ଜିଲ୍ଲାପୁର ଓ ଡିଷ୍ଟ୍ରିକ୍ଟବୋର୍ଡ ପ୍ରଭୃତିଙ୍କୁ ଅନୁରୋଧ କରୁଅଛୁଁ କି ଯେଉଁସ୍ଥାନମାନଙ୍କରେ ମଜୁରି ମୂଲ କାର୍ଯ୍ୟ ଲାଗିଅଛି ତାହାର ବିଜ୍ଞାପନ ସମ୍ବାଦପତ୍ର ଏବଂ ସଦର ମୋଫସଲର ପ୍ରଧାନ ସ୍ଥାନମାନଙ୍କରେ ପ୍ରକାଶ କରି ଦେଉନ୍ତୁ ଏବଂ ବିଦେଶୀୟ କଙ୍ଗାଳଙ୍କୁ ତାହା ଜଣାଇ ଦେବାର ଭାର ପୁଲିସ ପ୍ରତି ଦିଆଯାଉ। କର୍ତ୍ତୃପକ୍ଷମାନେ ଅବଶ୍ୟ ପୂର୍ବରୁ ସତର୍କ ଥାଇ କାର୍ଯ୍ୟ କରୁଅଛନ୍ତି ତଥାପି ଅଧିକ ସାବଧାନ ହେବା କାରଣ ଆମ୍ଭେମାନେ ଅନୁରୋଧ କରୁଅଛୁଁ।

---

ଜାତୀୟ ସମ୍ମିଳନ।

ଏ ନଗରବାସୀ ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ ଆପଣା ନାତୁଣୀର ବିବାହ ନ ଥାଇ ଗତପୂର୍ବ ରବିବାର ଉତ୍ସବାରମ୍ଭରେ ସମ୍ପନ୍ନ ହୋଇଥିଲା ତହୁପଲକ୍ଷରେ ଗତ ସନିବାର ରାତ୍ରରେ ଅନେକଗୁଡ଼ିଏ ଇଉରୋପୀୟ ଓ ଦେଶୀୟ ଭଦ୍ରଲୋକଙ୍କୁ ଆଧୁନିକ ପ୍ରଥାନୁସାରେ ସଦ୍ବ୍ୟବହାରର ଆମନ୍ତ୍ରଣ କରିଥିଲେ ଏବଂ ବହୁବ୍ୟୟ ଓ ଅତି ପରିପାଟୀରୂପେ ଏଥିର ଅନୁଷ୍ଠାନ ହୋଇଥିଲା। ଇଉରୋପୀୟଙ୍କ ନିମିତ୍ତ ମଦ୍ୟ ମାଂସ ଓ ମିଷ୍ଟାନ୍ନ ପିଷ୍ଟକାଦି ଚଣ୍ଡୀମଣ୍ଡପ ଅଥବା ଦାଲାନଗୃହରେ ଏବଂ ଦେଶୀୟଙ୍କ ନିମିତ୍ତ ଲୁଚି ମିଷ୍ଟାନ୍ନାଦି ଘର ମଧ୍ୟରେ ସୁସଜ୍ଜିତ ରହିଥିଲା ଏବଂ ସମସ୍ତଙ୍କ ସକାଶେ ଚନ୍ଦ୍ରାତପ ଆଚ୍ଛାଦିତ ଏବଂ ଝାଡ଼ ଲଣ୍ଠନଦ୍ୱାରା ଆଲୋକିତ ଅଗଣାରେ ଏହି ଶୁଭକାର୍ଯ୍ୟୋପଲକ୍ଷରେ କଲିକତାରୁ ଆଣାଇଥିବା ଖେମଟାବାଲି ଏବଂ ସ୍ଥାନୀୟ ବାଈଙ୍କର ନୃତ୍ୟ ଗୀତ ହୋଇଥିଲା ଏବଂ ପଲଟନର ଇଂରାଜୀ ବାଦ୍ୟକରମାନେ ମଧ୍ୟରେ ଯୋଗ ଦେଇଥିଲେ। ମୂଳରେ ଏ ରାତ୍ରିର ବ୍ୟାପାର ବଡ଼ ସୁନ୍ଦର ଓ ଆନନ୍ଦଜନକରୂପେ ନିର୍ବାହ ହେଲା ଏବଂ ଇଂରାଜମାନେ ସେଠାରେ ସୁରଭୋଜନ ସମାପନ କରି ସେମାନଙ୍କର ଜାତୀୟ ପ୍ରଥାନୁସାରେ ଯେଉଁ ବକ୍ତୃତାମାନ କଲେ ତହିଁରେ ଆମନ୍ତ୍ରଣକାରୀଙ୍କର ଯଥୋଚିତ ପ୍ରଶଂସା କରି ଅତ୍ୟନ୍ତ ଆପ୍ୟାୟିତ ଓ ସନ୍ତୋଷ ହୋଇଥିବାର ପ୍ରକାଶ କଲେ ଓ ସେମାନଙ୍କର ଅନ୍ୟାନ୍ୟ ରସାତ୍ମକ ବକ୍ତୃତା ଏବଂ ପ୍ରଫୁଲ୍ଲଚିତ୍ତଦ୍ୱାରା ତାହା ବ୍ୟକ୍ତ ହେଉଥିଲା। ପ୍ରାୟ ରାତ୍ର ଗୋଟାଏ ବାଜିବା ପର୍ଯ୍ୟନ୍ତ ଆମୋଦ କରିଥିଲେ। କିନ୍ତୁ ଦେଶୀୟ ଲୋକଙ୍କର ସେପରି ଆମୋଦ ହୋଇଥିଲା କି ନାହିଁ ଆମ୍ଭେମାନେ ନିଃସନ୍ଦେହରୂପେ କହି ପାରୁ ନାହୁଁ। କାରଣ ଏମାନେ ଅଧିକାଂଶ ରାତ୍ର ୮ ୧୧ ଘ ବେଳେ ବାହାର ଆସିଲେ ଏବଂ ଏମାନେ ଏକତ୍ରେ ବସି ଜଳପାନ କରିବାର ଦେଖାଗଲା ନାହିଁ। ଯାହା ହେଉ ଜଣେ ଅତ୍ୟନ୍ତ ସମ୍ଭ୍ରାନ୍ତ ନୈଷ୍ଠିକ ବ୍ରାହ୍ମଣଙ୍କ ଘରଠାରେ ଇଉରୋପୀୟମାନଙ୍କର ଭୋଜନ ବର୍ତ୍ତମାନ ସଭ୍ୟତାକୁ ଅନେକ ଅଗ୍ରସର କଲା ବୋଲିବାକୁ ହେବ। ଏପର୍ଯ୍ୟନ୍ତ ଜାତିଦ୍ୱେଷ ପରିତ୍ୟକ୍ତ ହେବା ସୁଖର ବିଷୟ ଅଟଇ ଏବଂ ଯେତେବେଳେ ଇଂରାଜ ଓ ଦେଶୀୟଲୋକମାନେ ଆପଣା ଆପଣାର ରୁଚି ଅନୁସାରେ ଖାଦ୍ୟଦ୍ରବ୍ୟ ଅର୍ଥାତ ଇଂରାଜମାନେ ରୋଷ୍ଟ କଟଲେଟ ଏବଂ ଦେଶୀୟମାନେ ଲୁଚି ମଣ୍ଡାକୁ ଏକତ୍ରେ ବସି ଭୋଜନ କରି ପରସ୍ପର ପ୍ରତି ସହୃଦତା ଦେଖାଇବେ ସେତେବେଳେ ଅଧିକ ସୁଖର ବିଷୟ ହେବ। ଭରସା କରୁଁ ସେ ଦିନ ଆସିବାକୁ ଅଧିକ ବିଳମ୍ବ ନାହିଁ।

---

ତହସିଲଦାରଙ୍କ ମୋକଦ୍ଦମା।

ପୁରୀ ଓ ବାଲେଶ୍ୱର ତହସିଲଦାରଙ୍କ ମଧ୍ୟରେ ଅପବାଦ ରଟାଇବାର ଯେଉଁ ମୋକଦ୍ଦମା ଲାଗିଥିଲା ତାହା ସହଜରେ ନିଷ୍ପତ୍ତି ପାଇଲା ଅତଶ୍ୟ ସନ୍ତୋଷର ବିଷୟ ଅଟଇ ଏବଂ ଭଗବାନବାବୁ କ୍ଷମାପ୍ରାର୍ଥନା କରିବାରୁ ଆଶାକରୁଅଛୁ ତହସିଲଦାରଙ୍କ ମଧ୍ୟରେ ଆଉ ମନୋମାଳିନ୍ୟ ରହିବ ନାହିଁ ଏହା ମଧ୍ୟ ସୁଖର ବିଷୟ ଅଟଇ। କିନ୍ତୁ ଆମ୍ଭେମାନେ ଦୁଃଖର ସହିତ କହୁଅଛୁଁ ଯେ ମୋକଦ୍ଦମା ଯେଉଁ ରୀତି ଓ ଫଳରେ ଆମ୍ଭେମାନେ ସନ୍ତୋଷ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ। ଭଗବାନବାବୁ ପ୍ରକାଶ୍ୟ ଅଦାଲତରେ କ୍ଷମାପ୍ରାର୍ଥନା କରିବାରୁ ତାହା ଗୃହୀତ ହେଲା ଏବଂ ତଦନୁସାରେ ମୋକଦ୍ଦମା ନିଷ୍ପତ୍ତି ହେଲା। ତେବେ ଅର୍ଥଦଣ୍ଡ ହେଲା କାହିଁକି ? ଯେଉଁ ମୋକଦ୍ଦମା ରଫାରଯୋଗ୍ୟ ଓ ଯହିଁରେ କ୍ଷମାପ୍ରାର୍ଥନା କରିବା ମହତ୍ତ୍ୱପଣିଆ ଅଟଇ ସେଥିରେ ଅଦାଲତ ଅର୍ଥଦଣ୍ଡ ଦେଇ କେଉଁ ମହତ୍ତ୍ୱ ଲଭିଲେ ? ସେଦିନ ବର୍ତ୍ତମାନର ସଙ୍ଗବାଡ଼ିର ବ୍ୟାପାର ଘେନି କଲିକତାର ଷ୍ଟେଟ୍ସମ୍ୟାନପତ୍ର ଉପରେ ଏତେବଡ଼ ଗୁରୁତର ମୋକଦ୍ଦମା ହୋଇ ହାଇକୋର୍ଟର ଦୌରା ନିଷ୍ପେଲରେ ଦୂଇଅର ଉପସ୍ଥିତ ହେଲା ଏବଂ ଆସାମି କ୍ଷମାପ୍ରାର୍ଥନା କରିବାରୁ ପରିତ୍ୟକ୍ତ ହେଲା। ଏ ମୋକଦ୍ଦମା ତହିଁ ତୁଳନାରେ କିଛି ନୁହଇ ଓ ରଫାଯୋଗ୍ୟ ମୋକଦ୍ଦମା ଥିବାରୁ କ୍ଷମାପ୍ରାର୍ଥନା ତୁଲ୍ୟରୁ ଅଧିକ ନ ଥାଏ। ଅଥଚ ସାମାନ୍ୟ ଅଙ୍କ ହେଉ ପଛକେ ଅର୍ଥଦଣ୍ଡ ହେଲା। ଏ ବିଷୟରୁ ବଦାନ୍ତ ଭଲ ବୋଲିଯାଇ ନ ପାରେ। ଦ୍ୱିତୀୟରେ ଦେଖିବାକୁ ହେବ ଯେ ଜଣେ ଡେପୁଟି ମାଜିଷ୍ଟ୍ରେଟ ସର୍ବସାଧାରଣଙ୍କ ସମ୍ମୁଖରେ ଜଣେ ଉଚ୍ଚକର୍ମଚାରୀ ଘୁଷ ନେବାର ଦେଖିଥିବାର କହିବାରୁ ଭଗବାନବାବୁ ସେକଥା ଆପଣା ବନ୍ଧୁଙ୍କୁ ଲେଖିପଠାଇଲେ। ଏଥିପାଇଁ ତାହାଙ୍କ ଉପରେ ଅପବାଦ ରଟାଇବାର ଅଭିଯୋଗ ହେଲା। ଭଗବାନବାବୁ ଆପଣା ସଫାଇ ସାକ୍ଷୀମାନଙ୍କୁ କମିଶନଦ୍ୱାରା ଯୋବାନବନ୍ଦି କରାଇବା ଉଦ୍ଦେଶରେ ଯେଉଁ ପ୍ରଶ୍ନାବଳୀ ଦାଖଲ କରିଥିଲେ

Split by PDF Splitter

Digitized by srujanika@gmail.com

ତହିଁର ଭିତରୁ ଜଣାଯାଉଥିଲା ଯେ ଫର୍ୟାଦୀ-ପକ୍ଷବାଲା ବାଲେଶ୍ୱରରେ ଥିବାସମୟରେ ଲୁଗା ଓ ଦ୍ରବ୍ୟ ଭେଟ ନେଉଥିବା ଓ ପଞ୍ଚଲିଖିତ ବିଷୟମାନ ପ୍ରକୃତରେ ହୁଜୁର ମୁନସିଙ୍କଠାରୁ ଶୁଣିଥିବାର ପ୍ରମାଣ କରିବାକୁ ପ୍ରସ୍ତୁତ ଥିଲେ । ଏହି ପ୍ରମାଣକୁ ମାଜିଷ୍ଟ୍ରେଟ ସାହେବ ଅଗ୍ରାହ୍ୟ କଲେ ଏବଂ ତହିଁର ଏହି ହେତୁ ଦର୍ଶାଇଲେ ଯେ ପ୍ରଥମ ଲିଖିତ ବିଷୟରେ ବାଲେଶ୍ୱର କାର୍ଯ୍ୟସଙ୍ଗ ପ୍ରକାର କାର୍ଯ୍ୟର ସମ୍ପର୍କ ନାହିଁ ଏବଂ ଶେଷଲିଖିତ ବିଷୟଟି ଅପ୍ରାସଙ୍ଗିକ ଏବଂ ଏହାସ୍ପଷ୍ଟ କହିଲେ ଯେ ଏପ୍ରକାର ପ୍ରଶ୍ନ କରିବା ପୂର୍ବେ ସାଧାରଣ ଉପକାର ଉଦ୍ଦେଶରେ ଆସାମି ଏକାର୍ଯ୍ୟ କରିଅଛି ଏପରି ପ୍ରମାଣ କରିବାର ଆବଶ୍ୟକ । ଏଥିକୁ ସରକାରୀ ଲୋକର ଦୂଷିତହେବା କଥା ପ୍ରକାଶ କରିବା ସାଧାରଣ ଉପକାରର କଥା ଅଟଇ ଏଥିର ଆଉ କି ପ୍ରମାଣ ଆବଶ୍ୟକ । ଯେବେ ସେକଥା ସତ୍ୟ ହେବ ତେବେ କେହି ଶତ୍ରୁଭାବଶତଃ କହିଲେ କି ସେ ଦୋଷ ଧରାଯିବ ନାହିଁ ? ଆଉ ଯେବେ ପ୍ରକୃତରେ ଆସାମୀ ପ୍ରମାଣ କରିପାରନ୍ତି କି ଫରିୟାଦୀ ଏକସ୍ଥାନରେ ଘୁଷ ନେଉଅଛି ଏବଂ ଅନ୍ୟସ୍ଥାନରେ ସେ ଘୁଷ ନେବାର ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଅଛି ତେବେ ଘୁଷ ନେବା କଥାଟା ସତ୍ୟ ନ ହେଲେ ସୁଦ୍ଧା ତାହା ପ୍ରକାଶ ବା ବିଶ୍ୱାସ କରିବା କି ଦଣ୍ଡନୀୟ ହୋଇପାରେ ? ସରକାରୀ କର୍ମଚାରୀର ଘୁଷନେବା ଅପରାଧ ପ୍ରମାଣ କରିବା କଠିନ ବୋଲି କେତେ ଅମଲା ଘୁଷ ନେଉଅଛନ୍ତି ଅଥଚ ଏ ବିଷୟର ମୋକଦମା ପ୍ରାୟ ହୁଅଇ ନାହିଁ । ଏଥିରେ ଯେବେ କେହି ବିଶ୍ୱସ୍ତ ସୂତ୍ରରୁ ସେକଥା ଶୁଣିଥିବା ଏବଂ ତାହାର ବିଶ୍ୱାସ କରିବାର କାରଣ ଥିବାର କହିଲେ ଅଥଚ ତାହାଙ୍କୁ ପ୍ରମାଣ ଦେବାକୁ ଉପଯୁକ୍ତ ସୁଯୋଗ ଦିଆଯିବ ନାହିଁ ଓ ତହିଁର ବିହିତ ତଦନ୍ତ ହେବ ନାହିଁ ତେବେ ଏ ଅପରାଧ ନିବାରଣ ହେବାର ଉପାୟ କାହିଁ । ଏ ମୋକଦମାର କ୍ରମବିଧାନ କେବଳ ଲୋକେ ଏଣିକି ବୁଝିଲେ ଯେ କେହି ଅମଲା ଘୁଷ ନେବାକଥା କୌଣସିମତେ ଶୁଣିଲେ ତାହା ପ୍ରକାଶ କରିବ ନାହିଁ ଅଥଚ ଫରିୟାଦୀଙ୍କର ଦୁର୍ନାମ ଘରଣାରରୂପେ ଯୌଚ ହୋଇଗଲା ଏମନ୍ତ ମଧ୍ୟ ବୋଲିଯାଇ ପାରୁ ନାହିଁ । କାରଣ ଜଣେ ଶୁଣିବାଲୋକର ଦଣ୍ଡହେଲା ବୋଲି ଯେ ବ୍ୟକ୍ତି ଦୁର୍ନାମ କରିଥିଲା ତାହାର କଥା ମିଥ୍ୟା ବୋଲି ପ୍ରମାଣ ହେଲା ନାହିଁ । ଫରିୟାଦ ତାହାକୁ ମିଥ୍ୟା ବୋଲି ପ୍ରମାଣ କରିଥିଲେ ସନ୍ତୋଷଜନକ ପ୍ରତିକାର ହୋଇଥାନ୍ତା ।

# ସାପ୍ତାହିକ ସମ୍ବାଦ ।

ଅସ୍ମମାନଙ୍କ କମିଶନର ସାହେବ କଟକାରୁ ବାଲେଶ୍ୱର ଗସ୍ତରୁ ଫେରି ଆସିଅଛନ୍ତି ।

ଶ୍ରୀଯୁକ୍ତ ଓଇଲେନ ସାହେବ ଆଗାମି ସୋମବାର ଛୁଟିରୁ ଫେରିଆସି ଏଠାସ୍ଥାର ଜଜ ଅଦାଲତର ଭାର ନେବାର କଥା ଅଛି । ଏବଂ ଜଜ ଷ୍ଟେଲସାହେବ ଗଡ଼ଜାତମହଲମାନ ଚାର୍ଜି ନବାତ୍ରର ବନ୍ଦୋବସ୍ତରେ ନିଯୁକ୍ତ ରହିବେ ।

ଶୁଣାଯାଏ ଯେ ଓଇଲେନସାହେବ ଅଧିକଦିନ ଏଠାରେ ନ ରହି ସ୍ଥାନାନ୍ତରକୁ ବଦଳି ହେବେ ଏବଂ ବର୍ତ୍ତମାନର ଏକ୍‌ଟିଂ ଜଜ ଏଠାରେ ବାହାଲ ହେବେ ।

ସ୍କୁଲ ସମୂହର ଇନସ୍ପେକ୍ଟର ବାବୁ ବ୍ରଜମୋହନ ମଲ୍ଲିକ ବାଲେଶ୍ୱରରେ କିଛିଦିନ ରହି ସେଠାର ସ୍କୁଲମାନ ଦେଖି ଗତ ରବିବାର ଏନଗରରେ ପହୁଞ୍ଚିଥିଲେ । ବର୍ତ୍ତମାନ ପୁରୀ ଯାଇଅଛନ୍ତି ।

ଗତ ରବିବାରଠାରୁ ୬ ଦିନ ପର୍ଯ୍ୟନ୍ତ ଏ ନଗରର ଶ୍ରୀମଦ୍ ଭାଗବତ ଭକ୍ତିପ୍ରଦାୟିନୀସଭାର ବାର୍ଷିକ ଉତ୍ସବ ହୋଇଥିଲା ଏବଂ ତଦୁପଲକ୍ଷରେ ଗତ ସୋମବାର ସନ୍ଧ୍ୟାସମୟରେ ନାମ ମହାତ୍ମ୍ୟ ସାକାର ଉପାସନା କର୍ତ୍ତବ୍ୟ ଏବଂ ମାଦକଦ୍ରବ୍ୟ ସେବନ ନିଷେଧ ଏହି ତିନିବିଷୟରେ ବକ୍ତୃତା ହୋଇଥିଲା । ପ୍ରଥମ ଦୁଇବକ୍ତୃତା ପଣ୍ଡିତ ନୀଳକଣ୍ଠ ଷଡ଼ଙ୍ଗୀ ଏବଂ ଶେଷଟି ପଣ୍ଡିତ ରାମଚନ୍ଦ୍ର ଶାସ୍ତ୍ରୀ ପ୍ରଦାନ କରିଥିଲେ ।

ସ୍ଥାନାନ୍ତରେ ପ୍ରକାଶିତ ବିଜ୍ଞାପନରୁ ପାଠକମାନେ ଅବଗତ ହେବେ ଯେ ଏଠା କାଷ୍ଟନମେଣ୍ଟ ଏଥର ଖାଟିହାଉସ, ଅଲୁଅ, ଶାଡ଼ ଓ ସଡ଼କ ଓ ଘଟରେ ଜଳଦେବାର କାର୍ଯ୍ୟମାନ କଣ୍ଟ୍ରାକ୍ଟ ଦିଆଯିବ । ପ୍ରାର୍ଥୀମାନେ ଚଳିତମାସ ତା ୨୮ ଦିନ ମଧ୍ୟରେ ପଲିଟିକଲ ଏଜେଣ୍ଟ ସାହେବଙ୍କ ନିକଟରେ ଆବେଦନ କରିବେ ।

ଚୌଧୁରୀ ରଘୁନାଥ ସାମନ୍ତଙ୍କ କେଶଙ୍କ କନ୍ୟାର ବିବାହ କିମ୍ବା ଚଳିତ ମାସ ତା ୧୦ ଦିନରେ ସମାରୋହ ସହିତ ସମ୍ପାଦ୍ ହୋଇଅଛି । ବରର ଘର ପୁରୁଷୋତ୍ତମ ଶାସନମଣ୍ଡ-ପୁରରେ ଅଛି, ଏତେଦୂରକୁ ବର ଆଣି ବିବାହ ଦେବା ଦେବତ ବ୍ରାହ୍ମଣସମାଜ ହେବାରୁ ସଚରା ହୋଇଅଛି ।

ପୁରୀ ସ୍ଥାନୀୟ ଅଷ୍ଟଉଦ୍‌ଘୋଷଣୀସଭାର ଚଳିତମାସ ତା ୩ ଦିନର ବିବରଣୀରୁ ପ୍ରକାଶ ଯେ ମନ୍ଦିରମଧ୍ୟରେ ସମ୍ପ୍ରତି ଯେଉଁ ଚୋରିମାନ ଘଟିଥିଲା କେବଳ ତମଶୋଭ ତହିଁର କାରଣବୋଲି ମାନେଜରଙ୍କ ଅନୁସନ୍ଧାନରେ ପ୍ରକାଶ ପାଇଅଛି । ମାନେଜର ମନ୍ଦିରକାର୍ଯ୍ୟ ସମ୍ପର୍କରେ ଅନେକ ସଦୁପଦେଶ ଦେଇଅଛନ୍ତି ମାତ୍ର ସେ ନ ରହିଲେ ସେସବୁ କାର୍ଯ୍ୟରେ ପରିଣତ ହୋଇ ପାରିବ ନାହିଁ ।

ପୁରୀର ସଷ୍ଟିତସ୍କୁଲ ସ୍ଥାନରେ ଗୋଟିଏ ହଲ୍ଲଗୃହ ଟ ୨୦୦୦୧୯ ଙ୍କା ମୂଲ୍ୟରେ ନିର୍ମିତ ହେବ । ଯେଉଁମାନେ ଏଥିର କଣ୍ଟ୍ରାକ୍ଟ ନେବାକୁ ଇଚ୍ଛା କରିବେ ସେମାନେ ତହିଁର ବିସ୍ତାରିତ ନିୟମମାନ ସ୍ଥାନାନ୍ତରେ ପ୍ରକାଶିତ ବିଜ୍ଞାପନରୁ ଅବଗତ ହୋଇ ଚଳିତମାସ ତା ୨୮ ଦିନ ମଧ୍ୟରେ ଆବେଦନ କରିବେ ।

ବାବୁମାନେ ପାଠକଙ୍କୁ କ ଉଦୁଖର ପ୍ରଧାନ ଜମିଦାର ଅବଦୁଲଗନି ମିଅଁଙ୍କ ସନ୍ତ ପ୍ରାପ୍ତ ଦଶହଜାର ଟଙ୍କାର ଦାତବ୍ୟ ଉଚ୍ଚାର ଭେଟ ଯାଇଅଛି ।

ତ୍ରିବାଙ୍କୁଡ଼ର ମହାରଜା ସୁରଜାରେ ଟିମ୍ବିକା ଗାତାବା ପାଇଁ ବାର୍ଷିକ ୨୧ ହଜାର ଟଙ୍କା ଖରଚ ମଞ୍ଜୁର କରିଅଛନ୍ତି । ଏହାର ନାମ ଦେଶହିତୈଷିତା । ଅନ୍ୟାନ୍ୟ ସ୍ୱଦେଶହିତୈଷୀ ମହାରଜା ରଜା ଜମିଦାର ଓ ଧନାଢ୍ୟବ୍ୟକ୍ତିମାନେ ଏପ୍ରକାର କାର୍ଯ୍ୟ କରିବାକୁ ଅଗ୍ରଗାମୀ ହେବେ କି ?

ସମ୍ପ୍ରତିକା ଶୁଣିଅଛନ୍ତି ନବ ବଡ଼ଲାଟବାହାଦୁର ଏକଦିନ ଛଦ୍ମବେଶରେ ଓ ଅନ୍ୟ ଏକଦିନ ଘୋଡ଼ାରେ ଚଢ଼ି ନଗର-ଦର୍ଶନରେ ବାହାର ହୋଇଥିଲେ । ସହରର ଭଲ ମନ୍ଦ ଜାଣିବାର ଗୋଟିଏ ପ୍ରଧାନ ଉପାୟ ।

ମାଂସ ଲୁହୀ ଓ ବନ୍ଦି ଟ ରକମରେ ମହାଶିକାର ପ୍ରାୟ ୮ ଲକ୍ଷ ୪୦ ସହସ୍ର ଟଙ୍କା ବ୍ୟୟ ହୋଇଥାଏ । କହୁଲେକଙ୍କ କହୁଲେକ ଖରଚ ।

ଜଣେ ଫକିର କେବଳ ପାଣି ଓ ସୁପାରି ଚୂନ ଖାଇ ଏକପ୍ରକାର ଚୂର୍ଣ୍ଣ ଆହାର କରି ଏକମାସ ଉପବାସ ଥିଲେ । ପାଟଣ ଦେହେର ଶୀଘ୍ର ପରକଟନ ହୋଇଅଛି ଜୋଧପୁର ଯେପରି କୌଣସି ଉଷ୍ଣଜନକ ପୀଡ଼ାକୁ ସତ୍ତ୍ୱର ଅବଲୋକନ କରିଅଛନ୍ତି । ସେ କହନ୍ତି ଅଳ୍ପ ଦିନ ଉପବାସ ରହି ପାରିବେ ।

ବଙ୍ଗଦେଶ "ଅଣାବନ୍ଧାସ୍ୱର୍ଗିକଲାଭସ" ଦେଶୀଜମ୍ବୁର ଛାତ୍ରମାନଙ୍କ ମଦ୍ୟପାନର ଅପକାରିତା ବୁଝାଇ ଦେବାପାଇଁ ଅନେକ ଟିକର ନିଯୁକ୍ତ କରିଅଛନ୍ତି । ଏହି କାର୍ଯ୍ୟରେ ସେମାନେ ଲକ୍ଷାଧିକ ଟଙ୍କା ସଞ୍ଚିତ କରିଅଛନ୍ତି । କାର୍ଯ୍ୟ ଉତ୍ତମ ।

ଷ୍ଟିଫେନସନ ନାମକ ଏକ ନାବିକ କହନ୍ତି ଯେ ଗୋଟିଏ ଜାହାଜ ସାଇଟୁନ ଆଟଲାଣ୍ଟିକ ମହାସମୁଦ୍ର ମଧ୍ୟରେ କବ୍ରକ ଦିନ ଘାଟ ଭଙ୍ଗ ହୋଇ ଯାଇଥିବାର ସମ୍ବାଦ ମିଳିଲା । ଜଣେ କାଦବ ପୋଡି ନ ଅଛି ଏବଂ ଅନ୍ୟମାନଙ୍କୁ ଭକ୍ଷଣ ପାଇ ଅଛନ୍ତି । ଏହିରେ କପ୍ତାନର ଗୋଟିଏ ଅଳ୍ପବୟସ୍କା ସ୍ତ୍ରୀ ଥିଲେ ସେ ଏ ସମୟରେ ବହୁତ ସାହାସିକତା ଦେଖାଇଥିବାର ଜଣାଯାଏ ।

ଭାବ ବଙ୍ଗରେ ଟ ୮୦ ଙ୍କା ଏବଂ ଉର୍ଦ୍ଧ୍ୱ ଟଙ୍କା ବେତନର ଇନସ୍ପେକ୍ଟର କାର୍ଯ୍ୟମାନଙ୍କର ଉପ୍ଲୋକ ସମ୍ବନ୍ଧରେ ପରୀକ୍ଷା ପ୍ରସ୍ତୁତ ହେବାର ନିୟମ ହୋଇଅଛି । ଯେଉଁମାନେ ପରୀକ୍ଷାରେ ସନ୍ତୋଷ ଦେଇ ନ ପାରିବେ ସେମାନଙ୍କୁ ସଦତ କରାଯିବ ବା ତାହାଙ୍କେ କାର୍ଯ୍ୟ ଛଡ଼ିବାକୁ ହେବ ।

ସହୋଦରରେ ଜଣେ ମୁସଲମାନ ଫକୀର ସମ୍ପ୍ରତି ଜମାଲ ଉଦ୍ଦୀନ ଅଫଗାନ ସମସ୍ତ ତିନିଶ ଓ ଆରବରୁ ସହସ୍ରମାନ ମୁସଲମାନ ଜାତିକୁ ଏକତ୍ର କରାଇବା ଉଦ୍ୟମ କରିଅଛନ୍ତି । ମୁସଲମାନଙ୍କ ମଧ୍ୟରେ ଏପରି ଲୋକ ଏହା ପ୍ରଥମ ଦୃଷ୍ଟାନ୍ତ ଅଟେ ଓ ଏହା ଅତ୍ୟନ୍ତ ପ୍ରଶଂସନୀୟ ଓ ଅନୁକରଣୀୟ ।

କଲେଜର ଲେକଟର ଗ୍ରାଣ୍ଟ ଓ ସାହେବ ଓ ତାଙ୍କର ମେମ ମଧ୍ୟମ ଶ୍ରେଣୀର ଲୋକଙ୍କର ସୁଧା ଘନିଷ୍ଠ ପରିଚୟ ସେମାନଙ୍କ ଘରଠାରେ ନିମନ୍ତ୍ରଣ ଦେଇଅଛନ୍ତି । ଏହା ଅତି ଭଲ ଓ ଶ୍ରେୟସ୍କର ।

ମହାରାଜାଙ୍କ ଆସନ୍ତା ଅପ୍ରେଲମାସ ତା ୭ ଦିନରେ ବୃଦ୍ଧି ଓ ପଦୋନ୍ନତି ହେବ ।

ଯାହମାନଙ୍କ ଜ୍ୟେଷ୍ଠ ଯୁବରାଜ ବାହାଦୁରଙ୍କ ସହ ରାଣୀଙ୍କ ଧର୍ମମାତା ହୋଇଥିବାର ପାଠକମାନେ ଜାଣନ୍ତି । ତାହାଙ୍କର ଗୋଟିଏ ସନ୍ତାନ ହୋଇଥିବାରୁ ତାହାର ନାମକରଣ କ୍ରିୟାର କେବଳ ଯୁବରାଜ ଗୋଟିଏ ସୌଭାଗ୍ୟ ଉପହାର ଦେଇଥିଲେ । ତହିଁରେ ତାହାଙ୍କ ରାଜଭକ୍ତିର ପରିଚୟ ପ୍ରକାଶିତ ହୋଇଅଛି । ଉତ୍ତମ ।

ଭାରତ ଉପର ପ୍ରଦେଶର ଅଧିକାଂଶ ନଗରରେ ଗୀଳ ସମ୍ପ୍ରତି ଦଶଟଙ୍କା ହେଉଅଛନ୍ତି ।

Split by PDF Splitter
Digitized by srujanika@gmail.com

## ଖୋରଧାର ସମ୍ବାଦ ।

ଅଳ୍ପଦିନ ପୂର୍ବେ ଖାଣ୍ଡିମାଲପରଗଣା ବାହାଦଲପୁର ଗ୍ରାମରେ ସାମାନ୍ୟ-ଧନୀ ଶିବସାହୁନାମକ ଗୃହଠାରେ ରହି ଚଉଦମାସ ବୟସର କୋଟିଏ ପୁରୁଷ ଉଠାଇନେଇଥିଲେ ଏହାକେ ସେଠାରେ କେତେକଜଣ କାଠୁରିଆ ଧରି ଲଗି-ରହି ସାହାକୁ ଘର ବାହାରକାର ଦେଖିଲେ ବାଟଉଣାଇ ଲଇଥିବା ଓ ଉଂଶମାନେ କେହି ଘରୁ ବାହାର ପାଇଲେ ନାହିଁ । ଆଉ କେତେକ ଉଠାଇଥିଲେ ଉକ୍ତ ଶିବସାହୁ ଘରେ ପଶି ସ୍ତ୍ରୀଲୋକମାନଙ୍କୁ ବାନ୍ଧିଲାଇବାରୁ ସ୍ତ୍ରୀମାନେ ଭୟରେ ଅନ୍ତର୍ହୋଇ ଲୁଚନ୍ତେ ପ୍ରାୟ ଏକହଜାର ଟଙ୍କାର ସମ୍ପତ୍ତି ଡାକାୟତ ନେଇ ଚାଲିଗଲେ । ପୋଲିସ ଏହା ଶୁଣି ତଦାରଖ କରୁଅଛନ୍ତି କିନ୍ତୁ କିଛି ଠିକଣାକରି ପାରି ନାହିଁ ।

ଏଠାରେ ଦୂରଦୂର କୋଶରେ ଶୁଣାଯାଏ ଯେ ଯାହା ଘରେ କିଛି ଥାଇ ଶୁଣିଲ ଅଛି ଅନ୍ୟାନ୍ୟବ୍ୟକ୍ତିମାନେ ରାତ୍ରରେ ତାହା ଘରେ ଘଇଁ ଲଗାଇଦେଇ ଗୋଳମାଲ ଦେଖି ବାହା-ରେଣ ପଳାଇବାରେ ବୃଦ୍ଧି ହେଉ ଅଛନ୍ତି ।

ଏଠାରେ ମୋଟଥାନ ଚାଉଳ ସେ ୫ ର ନଭଦରେ ଗ ୧ ଭଣି ଲଗାଏଁ ମିଳିବାର କଠିନ ହେଉଅଛି ଏଥିର କାରଣ କେବଳ ଦକ୍ଷିଣିଷୁ ଅଧି ଥାନଠାରୁ ମାଣ୍ଡିଅପର୍ଯ୍ୟନ୍ତ ଖୋଡ ଲଣାଗ୍ରାଦ କର ହେବାତଷଦରେ ଅଲ ଅଧିକ ଅଛନ୍ତି ।

ଏଠାରେ ଶାକ୍ତିଧାନ୍ୟର ଫସଲ ନିକୃଷ୍ଟ ହୋଇଅଛି ମଧ୍ୟ ଫଳ କହ ଧରିଲେ କେବଳ ଅଧର୍ଦ୍ଧ ବୃଷ୍ଟି ହେଲ ଥିବାରୁ ଲକ ମାଉଣିକ ବୋଲ କୃଷିମାନେ କହି ଅଛନ୍ତି ।

ଏଠାରେ ବର୍ଷାର ଆଂଶ୍ଚର ଫସଲ ପୂର୍ବ ହେଉ ନ ଥିବା ଏବେ କହ କଥିଲା ଓ ଡାଲିଅଫସଲ କରିବାରେ କୃଷିମାନେ ମନୋଯୋଗୀ ହୋଇଅଛନ୍ତି ମଧ୍ୟ ଏବର୍ଷ ଉକ୍ତ ଉଭୟଫସଲର ବହୁତ ଅଭାବ ହେଉଅଛି ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ନିମ୍ନଲିଖିତ ପତ୍ରଟିକୁ ସଂଶୋଧନ କରି ପ୍ରକାଶ କରିବେ ।

ଗତବର୍ଷ ଉତ୍ପଳଭୂଷଣର ଶ୍ରୀମନ୍ଦିରିକ ବାସନ୍ତିଦେବୀ ଉତ୍ସବ ଗତ ଫେବ୍ରୁଆରି ତା ୧୬-ଖରେ ପ୍ରାରମ୍ଭ ହୋଇ ତା ୨୬ ରଖରେ ଶେଷ ହେଲା । ଉଥାରୁପରେ ମହାପ୍ରଭୁଙ୍କ ବେ-ଢ଼ିଁଠାରେ ରଥଉପରେ କାଳୀକୃଷ୍ଣ ବେଢ଼ିଁଠାରେ ଅତ୍ୟନ୍ତ ନିମନ୍ତ ଅର ବନ୍ଧା ଅର୍ଘ୍ୟ ଗୋଶୋଷ୍ଠ-ସହିତରେ ବୃନ୍ଦାଙ୍କ ଆପର ଦଣ୍ଡାଇଥିବାର ବାଗ୍ରର ସବପାର୍ଶ୍ୱରେ ସ୍ଥାପିତ ଥିଲା । ହସ୍ତୀ, ବୃଷ, ନାନାବର୍ଣ୍ଣ ଘୋଡ଼ା ଜଳରେ ପ୍ରସ୍ତୁତ ଥିଲା । ହେଲେହେଁ କିଛି ନିର୍ବିଘ୍ନରେ ଯାତ୍ରା ହୋଇ ପାରିଲା ନାହିଁ । ପ୍ରଥମ ଦିନ ଠାକୁରାଣୀଙ୍କ ଅଶ୍ୱାରୋହଣ ସମୟରେ ଦେବୀଙ୍କ ଅଗରୁମାଳ ଖଣ୍ଡିଏ ଅଳଙ୍କାର ଛିଡ଼ି ପଡ଼ିଲା । ଦଶମ ଦିନ ଠାକୁ-ରାଣୀଙ୍କ ଶାମାଭଳରେ ବେଦୋକ୍ତପ୍ରକାରେ ହୋମ ଓ ବଳଦାନ ମଧ୍ୟ ହେଲା, ଉକ୍ତଦିନ ସାୟଂକାଳ ଦେବୀଙ୍କ ଭ୍ରମଣସମୟରେ ଭାରି ରୋଷନାଇ ଓ ବାଜାଯନ୍ତ୍ରରେ ଅସ୍ଥିର ପଠା-ଣମାନଙ୍କ ମସଜିଦ ପାଖରେ ହିନ୍ଦୁ ମହମ୍ମଦୀୟ-ମାନଙ୍କ ମଧ୍ୟରେ ଭାରି ଗୋଳମାଲ ଚଳିଲା । ଅମ୍ଭମାନଙ୍କ ପ୍ରତାପହେଲିସି ଓ ନ୍ୟାୟପର ଡେ-ପୁଟୀ କଲେକ୍ଟର ଯାଇ ବାଜା ବନ୍ଦ କରାଇ ଦେବାରୁ ହିନ୍ଦୁମାନେ ଭୁଲ ଦେଲେ ନୋହିଲେ ଭାରି ଗୋଳମାଲ ଘଟିଥାନ୍ତା । ଆରଦିନ ସକାଳୁ ଦେଖିବାରୁ ପଠାଣମାନଙ୍କ ମସଜିଦର ପାଖରେ ଗୋଟାଏ କଣ୍ଟାବୁଦାରୁ ପଡ଼ିଥିବାର ଦେଖାଗଲା ପଠାଣମାନେ ସେଥିଲାଗି ଭାରି କୋପିଅଛନ୍ତି, ଉକ୍ତସମୟରେ ପଠାଣମାନେ ମଉଲବିମାନଙ୍କ ପାଖକୁ ଟେଲିଗ୍ରାଫ୍ କେଇ ଗୋଳମାଲ କରୁ-ଥାବ କଥାଅଛି, ଅତଃପର ସଙ୍ଗତବୋଧ ହେଲେ ଜଣାଇବୁଁ । ଅଲିଧର ଯାତ୍ରା ଶେଷ ଭାରି ରୋଷନାଇ ସମୟରେ ହିନ୍ଦୁମାନଙ୍କ ଖାଣ୍ଡି-ରେ କଏ ନିଆଁ ଲଗାଇଦେବାରୁ ଉତ୍ସବ ଭଙ୍ଗଗଲା । ଏଥିରେ ହିନ୍ଦୁମାନଙ୍କର ବିଶେଷ କ୍ଷତି ହୋଇଅଛି । ଆଉ ଏକଥାରେ ଭାରି ଅଳ୍ପ-କଷ୍ଟ ମାଉଭକ୍ତ ବସନ୍ତିଦେବୀ ପ୍ରତିଗ୍ରାମମାନଙ୍କରେ ଲାଗିଅଛି, ମାଉଭକ୍ତ ଦେବୀଙ୍କୁ କେଲଘଣ୍ଟା ସହର ଭାଙ୍ଗିଗଲା, ହାଟ ଗୁଡ଼ପାଳ ହେଲା ହେଉ ନାହିଁ । ସୁତରାଂ ଭାରତଗଭର୍ଣ୍ଣମେଣ୍ଟଙ୍କ ଅମ୍ଭର ପ୍ରାର୍ଥନା ଏହିକ ଅନ୍ନକଷ୍ଟ ନିବାରଣାର୍ଥେ ଗରିବ ପ୍ରଜା-ମାନଙ୍କୁ ଖାଦ୍ୟସାମଗ୍ରୀ ମାଉଳସ୍ତ ନିବାରଣାର୍ଥେ ପ୍ରତିଗ୍ରାମକୁ ଔଷଧାଦି ସାହାଯ୍ୟ ନ କଲେ ବିଶେଷ ପ୍ରଜାମାନେ ମରିପଡ଼ିବେ ।

ଉତ୍ପଳଭୂଷଣ } ବଶମ୍ବଦ
୫।୩।୮୯ } ଶ୍ରୀ ହରିହର ତ୍ରିପାଠୀ ଶର୍ମ୍ମା

---

ମହାଶୟ !

ଗତ ତା ୨୭ ରଖ ଫେବୃଆରି, ବାଲିଅ-ପାଳ ଥାନାର ଅଧୀନ ମହେଶପୁର ଗ୍ରାମ ନିକ-ଟସ୍ଥ ନେନାଲରେ କଲିକତା ଅଭିମୁଖରେ ଯାଉଥିବା ଗୁଡ଼ିଏ ବୋଝାଇ ଖଣ୍ଡେ ବିସ୍ତିକୁ ଭୋଗରାଇ ଅଞ୍ଚଳର ବହୁସଂଖ୍ୟକ ଲୋକ ଏକ-ତ୍ରିତ ହୋଇ ଲୁଟ କରି ନେଇଅଛନ୍ତି । ଏହି-ଦିନ ବେଳଓଳ ଏହିସ୍ଥାନର ହେଡ଼ମାଇଲ ଚକୀଦାରଙ୍କୁ ବାନ୍ଧି ଛାନ୍ଦିରେ ଶାଗେ ଥାନୁଆ କିସ୍ତିକୁ ଆକ୍ରମଣ କରି ତାହାର ଧାନ ଅପହ-ରଣ କରିଅଛନ୍ତି । ଏହି ଘଟନା ସମୟରେ କ ପ୍ରକାରରେ ଦୁଇଗୋଟା ମନୁଷ୍ୟ ( ଗୋଟିଏ ସ୍ତ୍ରୀ ଓ ଗୋଟିଏ ପୁରୁଷ ) ନେନାଲରେ ପଡ଼ି ମରଯାଇ ଅଛନ୍ତି । ଶୁଣିବାରେ, ଏହି ଡକା-ଏତ ସଂଖ୍ୟା ୩୪ ଶଅ ହେବ । ପୁଣି ଅକାଳ-ବୃଦ୍ଧକଳତା ସମସ୍ତେ ଏହି ଶ୍ରେଣୀରୁକ୍ତ । ଏଦିନ ଭୋଗରାଇର ପୁଲିସ ନାହିଁଥିଲେ ଜାଣୁ ନା । ପ୍ରାୟ ୧୦ ଟାଠାରୁ ସନ୍ଧ୍ୟାପର୍ଯ୍ୟନ୍ତ ଏହି ଘଟନା ଘଟିଥିଲା । ଉକ୍ତ ସ୍ଥାନରୁ ଅଲ୍ଟପୋଷ୍ଟ ୩ ମାଇଲ ହେବ ।

୨୮ ତାରଖରେ ମହେଶପୁର ଗ୍ରାମର ପଶ୍ଚିମ ପାଖରେ ଶୁଣିବାରେ ହଜାର ଲୋକ ଏକ-ତ୍ରିତ ହୋଇ, ନୌକାମାନଙ୍କ ଅପେକ୍ଷାରେ ବସିଥିଲେ । ଏହାବେଳକେ ୧୩ ଖଣ୍ଡ ନୌକା ଲବ ପାଉଥିଅନ୍ତେ, ଆତତାୟୀମାନେ, ସ୍ଥାନରୁ ଜାଳା ବରଷା ଆରମ୍ଭ କଲେ । କିନ୍ତୁ ଜାଣିବା ଆବଶ୍ୟକ ଯେ, ଏହି ଘଟନା ପୂର୍ବରୁ ନୌକା-ବାଲମାନେ ହଜାର ଯାଇ ବାଲିଅପାଳ ଥାନାରେ ଖବର ଦେଇଥିଲେ, ଏବଂ ସେ-ଠାରୁ ସବ୍ ଇଃ ମହାଶୟ ଓ ହେଡ଼ କନ୍ଷ୍ଟେବଲ ଭୋଗରାଇ ଥାଃ ପୋଃ ହେଃ କଃ ମହାଶୟ ଆସି-ଥିଲେ । ଏମାନଙ୍କ ସହିତ ସଙ୍ଗୀନ କନଷ୍ଟେ-ବଲ ପାଏକଆଦ ଅନେକ ଲୋକ ଥିଲେ । ଏହାଛଡ଼ା ନୌକାର ଲୋକ ୭୦।୮୦ ଜଣ ହେବେ । ଏହି ପ୍ରକାରରେ ହଜାର ହାରଣ ଲୋକର ସଂଘର୍ଷ ଉପସ୍ଥିତ ହୁଅନ୍ତେ କ ପ୍ରକାର ଭୟାନକ କାଣ୍ଡ ହୋଇଥିଲା ଦେଖିବା ଲୋକେ ବୁଝିଥିବେ । ଯାହାହେଉ, ସଃ ଇଃ ଙ୍କ ବୌଦ୍ଧ-ଳରେ ଅତ୍ୟାଚାରୀମାନେ ଛତ୍ରଭଙ୍ଗ ହୋଇ ପଳାଇ ଗଲେ । ବନ୍ଦୁକ ଫାଏର କରି କେତେଜଣଙ୍କୁ ଗ୍ରେପ୍ତାର କରିଅଛନ୍ତି ।

ବର୍ତ୍ତମାନ, ବାଲେଶ୍ୱରରୁ ପୁଃ ସାହେବ-ପ୍ରଭୃତି ଆସି ଖୋଜ ତଲାସ କରୁଅଛନ୍ତି । ଅଦ୍ୟପର୍ଯ୍ୟନ୍ତ ୨୧ ଜଣ ଗ୍ରେପ୍ତ ଚାଲାଣ ହୋଇ-ଅଛନ୍ତି । ଶାନ୍ତିରକ୍ଷାପାଇଁ କେତେକଜଣ କନ-ଷ୍ଟେବଲ ଆସି ପ୍ରତିଘାଟରେ ପହରାଗାର୍ଡ଼ ବସି-ଅଛନ୍ତି । ମାତ୍ର ମୋକଦ୍ଦମାର ଚଳିରୂପେ ତଦାରଖ ହେବାର ଦେଖୁ ନାହିଁ ।

ଅମ୍ଭେମାନେ ଶୁଣୁଅଛୁଁ, ସତ୍ୟମିଥ୍ୟା ଈଶ୍ୱର ଜାଣନ୍ତି, ପୁଲିସ ଓ ଭଦ୍ରଲୋକମାନଙ୍କ ଚେଷ୍ଟା କମ । କେବଳ ଶ୍ରୀଯୁକ୍ତ ବାବୁ କୈଳାସଚନ୍ଦ୍ର ଘୋଷ ମହାଶୟ ମୋକଦ୍ଦମା ପ୍ରମାଣପକ୍ଷରେ

Split by PDF Splitter



ଯଥାଶକ୍ତି ଚେଷ୍ଟା କରୁଅଛନ୍ତି । ଏଥିପାଇଁ ବୋଧହୁଏ, କିନ୍ତୁ ମହାତ୍ମା ଅନେକଙ୍କ ଭକ୍ତିଭାଜନ ହେଉଅଛନ୍ତି । କିନ୍ତୁ ସତ୍ୟର ଜୟ ଚିରକାଳ ହେବ । ରାଜଦ୍ରୋହିତା ଯେ ମହାପାତକ, ତାହା ସେ ସ୍ୱଜାତିରୂପେ ଭୁଦଯଙ୍ଗମ କରୁଅଛନ୍ତି ।

ଅବଶେଷରେ ଅମ୍ଭେମାନେ ମହାମହିମ ମାଜିଷ୍ଟ୍ରେଟ ମହୋଦୟଙ୍କ ନିକଟରେ ପ୍ରାର୍ଥନା କରୁଁ, ଏ ମୋକଦ୍ଦମା ବିଷୟରେ ତଦନ୍ତ ହେବା ପକ୍ଷରେ ଯଥାର୍ଥ ଦୋଷ ପ୍ରକୃତ ଅପରାଧିମାନଙ୍କୁ ଦଣ୍ଡ ଦେବେ । ତେବେ ସ୍ୱବିଚାର ହେବ ସନ୍ଦେହ ନାହିଁ ।

ଶେଷରେ ଗୋଟିଏ ସମୟୋଚିତ ପ୍ରାର୍ଥନା କରୁଁ ଯୁକ୍ତି ଅନୁକୂଳ ହେଲେ ଉପେକ୍ଷା କରିବେ । କଟ୍ଟକଛାୱଣିରେ ଭୋଗବାଲ ଇଞ୍ଜିନିୟରୀ ପାଠଶାଳା ବନ୍ଦ ଥିଲା କରନ୍ତୁ । କାରଣ ଏ ଦୁର୍ଦ୍ଦିନ ସମୟରେ ସେ ସ୍କୁଲରେ ଲୋକ ଅତ୍ୟନ୍ତ କଷ୍ଟ ପାଉଛନ୍ତି । କାରଣ ସେମାନେ ମଫସଲରୁ ଆସି ଗୃହକୁ ଫେରିବା କରିବାକୁ ଗଲେ ସେମାନଙ୍କ ହେବ ଅଙ୍ଗୀକାର ନାହିଁ । କେବଳ ଗାଡ଼ି ଓ ଜଳ ମିଶାଇ ଖାଇବେ ରହିବେ, ଏମାନେ କି ଦୋରଥିଲେ ନୁହାନ୍ତି । ପଶ୍ଚାତେ ଏମାନେ ଫେରାଇ କରିବାକୁ ଗଲେ ମହାଶୟଙ୍କ ଅନୁକୂଳ ପଥ ଶେଷ ଗାଡ଼ି ଓ ଜମ ମହାସ୍ତ ଭୁକ୍ତ ପଡ଼ନ୍ତି । ଏହି କାରଣରୁ ଏପ୍ରକାର ଅସୁବିଧା ଘଟିଲା ଘଟୁଅଛି । ଅତ୍ର ଏ ଅଞ୍ଚଳରେ ଉକ୍ତ କାର୍ଯ୍ୟ ଖୋଲ ହେଉ । ଇତି ।

୫।୩।୮୯ ଦେଶହିତୈଷୀ ।

---

To THE EDITOR, UTKAL DIPICA

Sir,

In the last issue of your journal you have noticed that the Cuttack Town School which was teaching up-to the Minor Scholarship Standard is being raised to the status of a higher class English School. We shall have then six high class English Schools in the town viz, the Collegiate School, Peary Mohun Academy, the Mission School, the Church Mission School, the Samyabadi Institution and the Town School, but I regret that no steps are being taken by our educa*tionalists* to open a private or a aided college. In the whole Orissa there is only one college namely the Ravenshaw College at Cuttack which stands unrivalled. Owing to the absence of a rival college, the authorities of our Government College think that the Students of the college cannot but submit to their idiosyncrasies. For instance there were last year more than 30 students in the First year College class of whom 25 only have been promoted to the Second year class and the rest are left to their fate. No reasons have yet been assigned for these boys, having lost the chance of their promotion. The marks, obtained by them as well as by those who have been promoted, have not yet been given out. Some of these unfortunate boys are in no way inferior to some of those who had the fortune to go up to the Second year class. It is very singular that while almost wholesale promotions have been given in the School classes of the same institution, as many as seven students of a college class, have been deprived of promotion and have lost the chance of appearing at the next F. A. Examination. From this it can be easily inferred that the tutorial staff of the Collegiate School have shewn better results than those exhibited by our learned professors of the College. If I think the teachers of the College have done their duties satisfactorily and they are not responsible for what has happened with regard to the students of the First year class, then there seems to be some mystery in the whole affair. Before the annual examination of the students was held a notice had been circulated to the effect that the Examiners, who were the Lectures of the College, would not give out the marks obtained by the students. The Lecturers themselves do not appear to have clearly understood this mystery and to an outsider like myself it is a great puzzle. Who do you think, Mr. Editor, is the proper person to solve this mysterious problem? It is certainly the Director of Public Instruction.

Under these disadvantages I earnestly request the authorities of the private and aided H. E. Schools to take steps to open College classes instead of starting new H. E. Schools of which there are too many already in the town. Some of the H. E. Schools may be conveniently amalgamated with others and such amalgamated institutions may, with advantage have college classes attached to them.

*Pro Bono Publico.*

Cuttack

The 13th March 1889.

---

## ଭ୍ରମ ସଂଶୋଧନ ।

୧ମ ସଂଖ୍ୟା ପତ୍ରିକାରେ ଜଗତ୍‌ସିଂହପୁର ମହାଲ୍ଲ ଟ ୨ ଙ୍କା ଓ ଜଗନ୍ନାଥ ତ୍ରିପାଠୀ ଟ ୧୨ ବୋଲି ଯାହା ଲେଖା ହୋଇଅଛି ତାହା ଭ୍ରମ ଅଟେ ।

## ମୂଲ୍ୟ-ପ୍ରାପ୍ତି ।

| | | | |
|---|---|---|---|
| ମ୍ୟୁନିସିପାଲ ମହକୁମ | କଟକ | ବକେୟା ଟ ୦ ଏ | |
| ବାବୁ ନୀଳମଣି ଦାସ | ବାଲେଶ୍ୱର | ଅଗ୍ରିମ ଟ ୩ ୯ | |
| " ଗୋପୀନାଥ ସାହୁ | କଟକ | " ଟ ୨ ୯ | |
| " ଜଗନ୍ନାଥ ଘୋଷ | " | " ଟ ୩ ୯ | |
| " ରାଧାବଲ୍ଲଭ ଘୋଷ | ପିପିଲି | " ଟ ୩ ୯ | |
| ଶ୍ରୀ ବୃନ୍ଦାବନ ତ୍ରିପାଠୀ | କଟକ | " ଟ ୩ ୯ | |

---

# ବିଜ୍ଞାପନା ।

---

## କୋଷ୍ଠୀବ୍ରହ୍ମାଣ୍ଡସୁନ୍ଦରୀ ।

ଉପେନ୍ଦ୍ରଭଞ୍ଜକୃତ କଲ୍ପିତକାବ୍ୟ ଟୀକା ଓ ଅର୍ଥ ସହିତ ମୁଦ୍ରିତ ହୋଇ ପ୍ରିଣ୍ଟିଂକମ୍ପାନିଙ୍କ ଦୋକାନରେ, ଉତ୍କଳଅସ୍ତ୍ରେରେ ଓ ବାବୁ ସ୍ୱମସ୍ତିକ ମୂର୍ଖ୍ୟାଙ୍କଠାରେ ବିକ୍ରୀ ହେଉଅଛି, ମୂଲ୍ୟ ଦୁଇଟଙ୍କା ।

---

ଯେହେତୁ ବର୍ଷା ସମୟରେ ମିଉନିସିପଲ ରାସ୍ତାମାନ ମରାମତି ହେବାଇନାହିଁ କରିବାକୁ ନୋଟିସ ଦରକାର ଓ ତାହା କାର୍ଯ୍ୟକାରିତା ଦିବାର ଅବଶ୍ୟକ ଅଟଏବ ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତକରାଇ ଦିଆଯାଉଅଛି କି ଯେ କେହିବ୍ୟକ୍ତି ଏ ବିଷୟ କରିବାକୁ ଇଚ୍ଛାଦ ହେବା ବିଷୟରେ ଇଚ୍ଛା କରିବେ ସେମାନେ ସେହି କାରଣରୁ ଉକ୍ତ ତାଙ୍କ ଆପଣା ଦରଖାସ୍ତସହିତ କଟକ ମିଉନିସିପାଲିଟି

ସେକ୍ରେଟାରୀଙ୍କ ନିକଟକୁ ଚଳିତ ମାର୍ଚ୍ଚମାସ ତା ୩୧ ରିଖପର୍ଯ୍ୟନ୍ତ ଲେଫାଫା ଓ ମୋହର କରି ପଠାଇଥାଇବେ ଓ ଯେ ଯେତେଅଙ୍କ ଉପରେ ନେବାକୁ ଚାହାନ୍ତି ସେମାନେ ଉକ୍ତ ବିଷୟ ଆପଣା ଦରଖାସ୍ତରେ ପ୍ରକାଶ କରି ଲେଖିବେ ଓ ତାହା ଆସନ୍ତା ଅପ୍ରେଲମାସ ପ୍ରଥମଦିବସ ମଧ୍ୟରେ ଗେଜ୍ୟୁଇମେନ ମହୋଦୟଙ୍କଦ୍ୱାରା ଉକ୍ତ ଲେଫାଫାମାନ ଖୋଲାଯାଇ କାର୍ଯ୍ୟଟି ବନ୍ଦୋବସ୍ତ ପରେ ଆସନ୍ତା ବର୍ଷାଋତୁରେ କର୍ମ ଆରମ୍ଭ କରାଯିବ । ଇତି ।

Cutttack Mul. office 14—3—89. } Dwarkanath Chakravarty
*Chairman.*

## NOTICE.

It is hereby notified that the Cantonment Committee are willing to let out the following works on contract from 1st April, 1389 to 31st March, 1890.

Lighting.
Pound.
Conservancy.
Watering the Roads and Trees.

Tenders are invited, sealed Tenders to be forwarded to the Secretary Cantonment Committee by 12 noon on the 28th March after which date and hour no tenders will be received.

The tenders to be endorsed "Tenders for __________" outside the envelope enclosing them.

Tenders will be opened at 12 noon on the 28th March before 3 of the Cantonment Committee.

The Committee do not bind themselves to accept the lowest tender.

Cuttack, 13—4—89 } S. E. ATKINSON *Coll.*
*For Secretary to Cantonment Committee.*

## NOTICE.

Tenders are invited in Form No. 7 M. for the construction of a separate building for the Sanscrit School at Pooree. The Estimate amounts to Rs. 2306.

The work to be commenced on the 15th May 1889 and completed by the 15th July 1889.

Rs. 100 to accompany each tender as earnest money.

Tenders will be opened by the Executive Engineer on the 28th March 1889 afternoon. For further particulars apply to the Executive Engineer Pooree Dn. at Cuttack.

Sd. J. R SWINDEN
*Executive Engineer*
*Pooree Division.*

## ଚମତ୍କାର ମହୌଷଧ

ମେସର୍ସ ସିଗଲ ସିରପ ଓ ତାହାଁର ପିଲ୍ ଏ ଔଷଧ ବାଇ ଓ ପେଟଫୁଲା ଓ ଜ୍ୱର ଆଦି ଅନେକ ବେମାରରେ ଉପକାରୀ । ଡାକ୍ତର ସ୍ମିଥ ଷ୍ଟେଲଷ୍ଟ୍ରିଟକୋମ୍ପାନିଙ୍କ ଉପ୍ପୁର ଆମ୍ଭର ଉତ୍ତରଦେବକାର ଦୋକାନରେ ବିକ୍ରୟାର୍ଥେ ମହଜୁଦ ଅଛି ଗ୍ରାହକବର୍ଗ ଆବଶ୍ୟକମତେ ତଲବ କଲେ ପାଇ ପାରିବେ ।

ମେସର୍ସସିଗଲ୍‌ସିରପ — ସି ୧ ୬ ଟ ୧୬୪
ପିଲ — ବା ୧ ୬ ଟ ୧୯
୧୩।୨।୮୯ — ଶ୍ରୀ ଆରଡବଲିଉକର
କୋମ୍ପାନି

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଇ ଦିଆଯାଉଅଛି ଯେ ଆଗାମି ମାର୍ଚ୍ଚମାସ ତା ୧୫-ରିଖ ପ୍ରାତଃକାଳରେ ଜେନେରଲ ହାସପାତାଲଠାରେ କମ୍ପାଉଣ୍ଡରମାନଙ୍କର ପରୀକ୍ଷା ହେବ ଯେବେ କେହି ପରୀକ୍ଷୋତ୍ତୀର୍ଣ୍ଣ ହେବାକୁ ଇଚ୍ଛା କରନ୍ତି ତେବେ ସେ ଅଗଉଣ ଫିସ୍ ଟ ୩ ଙ୍କା ସିଭଲ ସର୍ଜନଙ୍କ ସମୀପରେ ଦାଖଲକରି ଉକ୍ତ ତାରିଖରେ ଜେନେରଲ ହାସପାତାଲରେ ଉପସ୍ଥିତ ହେବେ ଏବଂ ଯେବେ କେହି ଏ ସମ୍ବନ୍ଧରେ ବିଶେଷ କଥା ଜାଣିବାକୁ ଇଚ୍ଛା କରନ୍ତି ତେବେ କଟକଜିଲାର ଶ୍ରୀଯୁତ ସିଭଲ ସର୍ଜନଙ୍କ ଅଫିସଠାରୁ ଗଲେ ସକଳ ବିଷୟ ଅବଗତ ହୋଇପାରିବେ ।

E. BOVILL.
୪।୨।୮୯ — ସୁପରିଣ୍ଟେଣ୍ଡେଣ୍ଟ ଓଡ଼ିଶା
ମେଡିକଲ ସ୍କୁଲ

## ପ୍ରାକୃତ ଭୂଗୋଳ ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମଶଙ୍କର ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତି
ଡାକ୍ତର, ବାଲୁବଜାର କଟକ

## ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା, କଳ-ଗାଡ଼, କମିଜ, କୋଟ, ଦେଶୀ ଓ ବିଲାତିଯୋତା, ନାନାପ୍ରକାରଲୁଗା, ଖେଳବାର ବ୍ୟାଟ୍, ବଲ୍, ତାସ ଇତ୍ୟାଦି ଏବଂ ଅନ୍ୟର ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁ । ଆମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଣି ପଠାଇବାର ପରିଶ୍ରମ କମିସନ ଶତକରା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଦ୍ୱାରା ଚିକିତ୍ସିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା, ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ପୁରୁଣା, ରୋଗି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ । କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତିକି ମାତ୍ର କହିପାରୁଁ କି ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଚିଠି ବହିଡ଼ି ଓ ଟଙ୍କା ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack stores } ଶ୍ରୀଲଳିତମୋହନ ଚକ୍ରବର୍ତ୍ତୀ
ବିବିଧଦ୍ରବ୍ୟ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

Split by PDF Splitter

Digitized by srujanika@gmail.com

Split by PDF Splitter



# ମେହରୋଗ ।

ଶ୍ରୀ ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉକ୍ତ ରୋଗରୁ ମୁକ୍ତ ହେବାର ଉପାୟ ନାହିଁ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରୁଅଛନ୍ତି ।

ଏହି ଔଷଧ ଯଥାବିଧିରେ ଏକମାସମାତ୍ର ସେବା କଲେ ନୂତନ ରୋଗ ଏବଂ ତିନ ବର୍ଷ ପର୍ଯ୍ୟନ୍ତ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଅରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଉପରିଭାଗରେ ପରୀକ୍ଷିତ ନ ହେଲେ ଆମ୍ଭେ ଦେବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପେର ଚିତପୁର ରୋଡ଼ ନମ୍ବର ଭବନରେ ସ, କେ, ରାୟ କମ୍ପାନିଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୷ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

---

ଆମ୍ଭର ଚଉଧୁରୀବଜାର ପ୍ରିଣ୍ଟିଂ ଦୋକାନରେ ଶହମରି ଉତ୍ତମ ମଦରା ଓ ଅଣ୍ଡା ଛଣ୍ଟିବାକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଆବଶ୍ୟକ ହେବ ସେ ଆମ୍ଭ ଦୋକାନରେ ତଲାସ କଲେ ପାଇପାରିବେ । ସେଥିରେ ଶୁଭଲ ଇତ୍ୟାଦି କିଛି ବଜାରପ୍ରାପ୍ୟ ମସଲା ନାହିଁ ଆଉ ଯାହାଙ୍କର ଚୂଡ଼ା କର୍ମ ପାଇଁ ବେଶୀ ମଦରା ଦରକାର ହେବ ତାଙ୍କର କର୍ମର ଅଠଦଶଦିନ ପୂର୍ବରୁ ଫରମାସ ଦେଲେ ଆମ୍ଭେ ଆମ୍ଭର କାରଖାନାରୁ (ପଟେଲ ପଣ୍ଡିତାପୁରରେ) ତିଆରି କରି ସୁଲଭ ମୂଲ୍ୟରେ ପାଇ ପାରିବେ ।

୭।୪।୮୮ } ଶ୍ରୀ ଅରୁଣଚନ୍ଦ୍ରଦାସ ।
କଟକ }

---

# ବାଲିକାଗଜ ।

ଉତ୍କଳଶିଳ୍ପ ଶସ୍ତା ଦରରେ ଏହାର କଟକ ଚୌଧୁରୀ ବଜାର ବାବୁ ଗୋପାଳଙ୍କର ପ୍ରେସ ବ୍ୟ ବାବୁ ଅତ୍ତିବଲ୍ଲଭ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | |
|---|---|---|
| ୧୬ ପଣି ବାଉ | ଓ ୧୮ ଟ ୬୷ | ଓ ୧୮ ଟ ୦ ୷ |
| ୧୮ ପଣି " | " ଟ ୬ | " ଟ ୦ ୷ |
| ୧୨ ପଣି " | " ଟ ୭। | " ଟ ୦ ୷ |
| ୨୨ ପଣି ଡବଲଫୁଲସ୍କେପ୍ " | ଟ ୪। | " ଟ ୦ ୷ |

ଶ୍ରୀଯୁକ୍ତ ବାବୁ ଗୋପୀନାଥଙ୍କର ପ୍ରେସ୍ବର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ତସରଚୋଳା ଓ କଲିଗ ଓ ଲେସମାର୍କିନେଗର ଲୁଗା ଓ କ୍ଷୌମଜନିତ ଓ ବନାତ ଇତ୍ୟାଦି ନାନାପ୍ରକାର ବସ୍ତ୍ର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉପରିନ୍ତ ଆଉ କେତେକ ଫେଶନ ଜିନିଷର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମଲ୍ୟରେ ପ୍ରାପ୍ତ ହୋଇପାରିବେ । ଏହିତା ଆମ୍ଭେମାନେ କଲେଜ ଶାଢ଼ୀ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । ଯେଉଁ ଖରିଦ କରିବାକୁ ଇଚ୍ଛିଲେ ତାହା ବିକ୍ରୟ କରିପିବ । ଏହ ଉକ୍ତ ଶାଢ଼ିମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଦରଖାସ୍ତ କରିବେ ଏକ ସପ୍ତାହ ପ୍ରତି ବସ୍ତା ଟ ୦।୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାରଙ୍କ ଉପରେ ରହିବ । ଫେରି ହେଲେ ଶାଢ଼ିର ଅର୍ଦ୍ଧ ମୂଲ୍ୟ ଛାଡ଼ି ଦେବାକୁ ହେବ ।

### ଫର୍ଦ୍ଦ ।

| | |
|---|---|
| ଭଲର ରେଶମ ବ ଉତ୍ତରେ ଖୁବ ଦେଲେ ଭଲେ। | ଚଉଁରି ଅର୍ଦ୍ଧ । |
| ଜରେଇଦାର | ହୋମିଓପାଥି । |
| ଇରେଶମ୍ ତେଲ ଚଉକା ସେଜ ସବା ଓ ତୋଷକ ଅଛିତ । | ବାତ ବିଲାସ ଓ ବିଲ ରଙ୍ଗିନ ଓ ଘାଟ |
| ଡ୍ରସ୍ ଅର୍ଥାତ୍ ମଜବା କଟକ ଛାପର ପେନ୍‌ସିଲ ଓ କଲମ । | ସରୀ |
| ସେଚନିକ ବାଟିକା ସବୁ । | ଇଙ୍ଗ୍ଲିଶ କୁଇଟସ୍ତୁର ଏକପଟ ବୁଟ |
| ନାନା ପ୍ରକାରର ଗୋଟିକାପଡ଼ ଓ ଅଫାସ ଟେବିଲ ସ୍ଥିତ | କେଲରଙ୍କ ଇଗୋଟ ଗଲ କେଯରଙ୍କ ସଲେ |
| ବକର ଚୁଡ଼ି | ଏ, ଗୋଷ୍ଟର କ୍ଷ୍ୱେଚେର |
| ଚଲଣ ସାବୁନ । | ରାମୀକ ଓ ବୁଟକା । |
| ଚାକାଳ ସ୍ୱାଦାଳ ସହ କେ ଲୁଗା ପରଷ୍କାର କୃଏ । | ଚଗଣ ଅରଲୋଟ ଏକ ତାଲସ । |
| ଅକୋହ ଷ୍ଟେକ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ । | ଅଟମେଟିକ ପେନ୍‌ସିଲ ଅଛି ଏ ପେନ୍‌ସିଲରେ କେଉଁ କଟିଙ୍ଗ ସେଥି ଭର ହୁଇଲ ସେହି ପେନ୍‌ସିଲ କେଶୀ ଭ |
| ଅଙ୍ଗେଲ ଜୁଟ । | ପରେ ବେନ ଛପାଇ |
| ଓଁଆର ସୁତ ଛୁଣା । | ଲେକ୍ଲୋଟଙ୍କ ଭଳ ଭ ଇଅଛି । |
| ଯୋଷ୍ଟକଡ ଓ ପତ୍ରନର | ଇଲ ଓ ପାଇଚଲକୋଟ |
| ହେଣ୍ଡ ମେଳ ଓ ତଇଭ ଭରେ ଛଟେ | ଟିଭା |
| ଚୁ ଗାଭ ବାଡ଼ ଇଥାତ୍ ଲେଡିବାଜେଜେ ଘର ଓ ଶୁଣିଲେ ଭଲ ହେବ । | ଇଲିନ ରେଚଳେ ବିଚ୍ଛୁ ଛାଇବାର ଖାଉ ମହଯାମା |
| ଅଇଜା ଭଲ ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ ୧୬ × ୧୮ " | ସେଭ ଓ ଫେନ୍ଦ୍ରିଲ ହୋଦଣୀ ଖାଣ୍ଡୀ ଓ ଷୋଭ ଓ ଭଇ |
| ମୋଜା ଓ ମୋଜାଇତ | ମଦମୁଭାଇସ ଓ ଏକ ପାଇ ପାଉଁଚୋଟ ଓ ଗାଡ଼ି । |
| ଭିତର ଏଥ ଭରଜାମା | ଟିଙ୍ଗ ବାଡ଼ |
| ଚମଡ଼ା ସାଙ୍ଗ ବଲା ଓ ସବଜା | ଏଲିମେଶ ଅର୍ଥାତ୍ ଉଣାପ୍ତିନ ଛପାର ଅକ୍ଷର |
| ଭେଜେଟେବଲ । | ଉଷ୍ଣଲ କରିବା ନିମନ୍ତେ ଦରକାର ହୁଏ । |

# ଫିଟଗାର ।

ଏ ଗାରକୁ କେଉଁଠାରେ ପାଉଁଶେ ଉଣ୍ଡି କାହିଁକି ଉଣ୍ଟାଳ ହୋପାଞ୍ଚର ଫାଟିଲେ ଦେଲେ ପାଣିଗଲା ବନ୍ଦ ହେବ ଗାରର ମଞ୍ଜି ଅରେ ଲେପିଦେଲେ ମଲ୍ଲିକର ଓ, ଭୂଲ ଥିବା ନାହିଁ ।

କଣିଭ ଚମଡ଼ା ଓ ଗାଡ଼ିରେ ଲଗାଇବାର ହାନ ମଧ୍ୟ ଅଛି ।

ଅରଜନଷ୍ଟବ କର କମ୍ପାନ

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୷୬ |
| ଅର୍ଦ୍ଧସ୍ତମ୍ଭକୁ | ଟ ୬ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଶୁଦ୍ର ହେଲେ ଉହିଁର ଖର୍ଚ୍ଚ ଟ ୦।୷ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇ ବାକୁ ହେବ ।

---

ଏହି ଉତ୍କଳଦୀପିକା ସଦର ଖାସ ଦରଜାଦାର ଶ୍ରୀ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Digitized by srujanika@gmail.com

Split by PDF Splitter



# ଯାହା ହୋଇଥିଲା ତାହା କାହିଁକି ନ ହେବ ।

ହେ ହିନ୍ଦୁସମାଜର ପ୍ରଧାନ ବ୍ୟକ୍ତିଗଣ ! ଆପଣମାନେ ଶୁଣିବା ହେଉନ୍ତୁ । ମନୁଷ୍ୟ ଦୁଇଗୋଟି କଥା ବିବେଚନା କରି ଚଳନ୍ତି । ଗୋଟିଏ ଇହଲୋକ ଓ ଗୋଟିଏ ପରଲୋକ । ନାସ୍ତିକମାନେ ଏହି ସଂସାରର ସୁଖକୁ ସବୁ ଜ୍ଞାନ କରନ୍ତି । ପରଠାରୁ ଠକି କରି କି ଋଣ କରି କି ସତ୍ କି ଅସତ୍ ସବୁ ପ୍ରକାରେ ଅର୍ଥ ଉପାର୍ଜନ କରି ଆପଣାର ଜୀବିତାବଧି ସର୍ବପ୍ରକାର ସୁଖଭୋଗ କରିବାରେ ରତ ଥାନ୍ତି । ଅତଥିକ ବ୍ୟକ୍ତି ସଂସାର ସୁଖକୁ ସୁଖ ଜ୍ଞାନ ନ କରି ଶରୀରର କଷ୍ଟ ସ୍ୱୀକାର କରି ସର୍ବଦା ପରମାର୍ଥ ଚିନ୍ତା କରନ୍ତି । କିନ୍ତୁ ଅଧିକାଂଶ ଲୋକ ଇହଲୋକ ସୁଖ ଓ ପରଲୋକ ସୁଖ ଦୁଇ ଲାଭ କରିବାର ଅଭିଳାଷ କରନ୍ତି । ଅତଏବ ମୁଁ ସାମାନ୍ୟ କ୍ଷୁଦ୍ରଜୀବ, ମୋର ଅଧିକ ବିବେଚନା କରିବାର ସାମର୍ଥ୍ୟ ନାହିଁ, ଯେଉଁ ବାଟେ ବହୁତ ମନୁଷ୍ୟ ଯାଉଅଛନ୍ତି ମୁଁ ସେହି ବାଟେ ଯିବାକୁ ଯଦି ଇଚ୍ଛା କରେଁ ଓ ଆପଣମାନଙ୍କୁ ସେହି ବାଟେ ଯିବାକୁ ଅଭ୍ୟର୍ଥନା କରେଁ ତେବେ କି ମୁଁ ଆପଣମାନଙ୍କର କୋପର ଭାଜନ ହେବି ? ଆପଣମାନେ ବିବେଚନା କରନ୍ତୁ, ଯେବେ ହିନ୍ଦୁମାନେ ଅନୁଗତ ଜାତି ପରିତ୍ୟାଗ କରନ୍ତି ତେବେ ତାଙ୍କର ଇହଲୋକ ପରଲୋକ ଉଭୟ ନଷ୍ଟ ହେଉଅଛି କି ଗୋଟିଏ ନଷ୍ଟ ହେଉଅଛି, କି କେହି ନଷ୍ଟ ହେଉ ନାହିଁ ।

ଆଗେ ପରଲୋକ କଥା କହୁଅଛୁଁ । ଶୁଣ, ପରମାର୍ଥ ସମ୍ବନ୍ଧରେ ଅନୁଗତଜାତି କିଛି ନୁହେ । ଶ୍ରୀମଦ୍ଭଗବଦ୍ଗୀତାର ନବମ ଅଧ୍ୟାୟର ୩୨ ଶ୍ଲୋକରେ ଅର୍ଜୁନଙ୍କୁ ଶ୍ରୀ ଭଗବାନ୍ କୃଷ୍ଣ କହୁଅଛନ୍ତି :—

"ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ ।
ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିଂ ॥"

ହେ ପାର୍ଥ ! ମତେ ଯେ ଆଶ୍ରୟ କରନ୍ତି ସେ ଚଣ୍ଡାଳ ହେଉ ସ୍ତ୍ରୀ ହେଉ କି ବୈଶ୍ୟ କି ଶୂଦ୍ର ଯେ କେହି ହେଉ, ସେମାନେ ମୁକ୍ତି ଲାଭ କରନ୍ତି । ଅତଏବ ସବୁ ବର୍ଣ୍ଣର ଯେବେ ମୋକ୍ଷରେ ଅଧିକାର ରହିଲା ତେବେ ଉଚ୍ଚବର୍ଣ୍ଣର ଆହାରୀୟ ଦ୍ରବ୍ୟକୁ ଯେବେ ନିମ୍ନବର୍ଣ୍ଣର ଲୋକ ସ୍ପର୍ଶ କରେ ତେବେ ପରମାର୍ଥରେ କିଛି ହାନି ନାହିଁ । ଏ ବିଷୟ ଆଉ ଅନେକ ଶାସ୍ତ୍ରରେ ତ ପ୍ରମାଣ ଅଛି କିନ୍ତୁ ଶ୍ରୀ ଭଗବଦ୍ଗୀତାକୁ ଯେ ନ ମାନେ ସେ ହିନ୍ଦୁ ନୁହେ* ଏ ନିମନ୍ତେ ସେଥିରୁ ଉକ୍ତ ବଚନ ଉଦ୍ଧାର କରି ଲେଖିଲି ।

ଆହୁରି ଶାସ୍ତ୍ର କଥାକୁ ଲୋକପ୍ରଥା ଉପର ମିଳ କରି ଅଛି ଦେଖ । ଶ୍ରୀ ପୁରୁଷୋତ୍ତମକ୍ଷେତ୍ର ଯେଉଁଠାରେ ଶ୍ରୀ ଜଗନ୍ନାଥ ମହାପ୍ରଭୁ ବିଜେ କରିଅଛନ୍ତି ସେଠାରେ ଏହି ଭୂତ ଅନୁଗତ ଜାତିର ପ୍ରାଦୁର୍ଭାବ ନାହିଁ । ଶ୍ରୀ ମହାପ୍ରସାଦକୁ ସେବା କରି ସାରିବା ପରେ ସେହି ପତ୍ରରେ ପୁନରପି ଆଉ ଛେକେ ଲୋକ ସର୍ବବର୍ଣ୍ଣର ଏକତ୍ର ମିଶ୍ରିତ ହୋଇ ବସି ଭୋଜନ କରନ୍ତି । ହିନ୍ଦୁ ଦୃଷ୍ଟିରେ ଶ୍ରୀ ମହାପ୍ରସାଦର ଉଚ୍ଛିଷ୍ଟ ହେବା ଅସମ୍ଭବ । କିନ୍ତୁ ସାଧାରଣ ଆହାରୀୟ ଦ୍ରବ୍ୟ ସ୍ପର୍ଶ ମାତ୍ରରେ କି ଦୋଷ ସଂଘଟିତ ହୋଇ ପାରେ ? ତାହାର କିଛି ମାତ୍ର ଯୁକ୍ତିସିଦ୍ଧ କାରଣ ଜଣାପଡ଼ୁ ନାହିଁ । ହିନ୍ଦୁଙ୍କ ମଧ୍ୟରେ ଯେ ଧର୍ମର ପରାକାଷ୍ଠା ଲାଭ କରନ୍ତି ସେମାନେ ଆଗେ ଅନୁଗତଜାତି ତ୍ୟାଗ କରନ୍ତି, ସନ୍ନ୍ୟାସୀ ହେଲେ କି ଅବଧୂତ ହେଲେ ନୃକପାଳରେ ସୁଦ୍ଧା ଭୋଜନ କରନ୍ତି, ଆମ୍ଭେ ତାଙ୍କ ପାଦ ପୂଜା କରି, ଆହାରୀୟ ଦ୍ରବ୍ୟ ଛୁଇଁବା କେ ପରିରେ ।

ଯେଉଁସ୍ଥଳେ ପରମେଶ୍ୱର ସର୍ବବ୍ୟାପୀ ତାହାଙ୍କର ସୃଷ୍ଟି ବ୍ୟତିରିକ୍ତ ସତ୍ତାର ଅଭାବ । ତେତେବେଳେ ଏହି ସଙ୍କୋଚଭାବାପନ୍ନ ଅନୁଗତଜାତିକୁ ଅବଲମ୍ବନ କରିବାର କି ପ୍ରୟୋଜନ ? ଅତଏବ ଶାସ୍ତ୍ର ଓ ଭଗବାନ୍ ଦୁହିଁଙ୍କ ନିକଟରେ ଅନୁଗତଜାତି ଯେ କାହିଁ ନୁହେ ତାହା ପ୍ରମାଣୀକୃତ ହେଲା ।

ପୁନରପି ଲୌକିକ ସୁଖପକ୍ଷରେ ଯେ ଅନୁଗତଜାତି ଗୋଟିଏ ମହତ୍ ପ୍ରତିବନ୍ଧକ ହୋଇ ଅଛି ତାହା କିଏ ଅସ୍ୱୀକାର କରିବେ ? ସମସ୍ତଙ୍କର ଆଖି ଆଗରେ ନାଚୁଅଛି, ଚନ୍ଦବାଲିରେ ବସି ଦେଖ କେତେ ବିଦେଶୀୟ ଓ ସ୍ୱଦେଶୀୟ ବଣିକମାନେ ସମୁଦ୍ରବକ୍ଷରେ ଜାହାଜ ଯୋଗେ ଗମନାଗମନ କରୁଅଛନ୍ତି । 'ବାଣିଜ୍ୟେ ବସତେ ଲକ୍ଷ୍ମୀଃ' ବାଣିଜ୍ୟର ଧନବୃଦ୍ଧି ଆଉ କାହିଁରେ ହୁଏ ନାହିଁ ଓ ଧନ ସବୁ ଐହିକ ସୁଖର ମୂଳ କାରଣ । ହିନ୍ଦୁମାନଙ୍କର କପାଳରେ ତାହା ନାହିଁ । ଏହା ଅନୁଗତ ଜାତି ତାହାର ପ୍ରତିବନ୍ଧକ । ଏ କହିବ ମୁଁ ବଡ଼, ସେ କହିବ ସେ ବଡ଼, ଏହି ସାମାନ୍ୟ ଅଭିମାନ ହେତୁରୁ ଦେଶ ଉଚ୍ଛନ୍ନ ଯାଉଅଛି, ଦିନକୁ ଦିନ ହିନ୍ଦୁମାନେ ନିର୍ଦ୍ଧନୀ ହେଉଅଛନ୍ତି । ଧନହୀନର ସଂସାରରେ ସୁଖ କାହିଁ ? ବ୍ରାହ୍ମଣଗୋସାଇଁମାନେ ବୃତ୍ତି ବାଡ଼ୀ ଯାହା ପୂର୍ବପୁରୁଷଙ୍କଠାରୁ ପାଇଥିଲେ ତାହା ନିଅଣ୍ଟରେ କି ଅଳ ପଣ୍ଡ ବିକି ଖାଇଲେ । ନଉଆଶଣ୍ଟ ବାହାର ଉପର ଥିଲା ସେ ସବୁ ବିକାପଡ଼ିଲା, କେତେ ଲୋକ ଯାତ୍ରୀ ଅଣିବାକୁ ଯାଇ ଧନଲୋଭରେ ସାମାନ୍ୟଜାତିର ଗଣ୍ଡିଆ ବହନ୍ତି । କେତେ ଅବା ଜାତି ଓ ଗୋବରଗୋଡ଼ ଦୁହିଁକି ଯେନ ବସି ହେଲେ ମଗି ଯାଇ ଖାନ୍ତି ନ ହେଲେ ଉପବାସେ ରହନ୍ତି । କେତେ ବା ନୀଚ ବ୍ରାହ୍ମଣ ଘରେ ଜାତି ହକ ଦନାକିତେ ମୋହରଭିଣ ଖାନ୍ତି ପୁଣି ଯେଉଁ କଥାକୁ ସେହି କଥା । କରଣ ସାନ୍ତମାନେ ଖଣ୍ଡେ ମ୍ଲେଚ୍ଛପିକା ପିନ୍ଧି ଲଣରେ ଚଳଣା ମାରଦେଇ ବୁଲୁଥାନ୍ତି । ଆପଣାଠାରୁ ଜାତିମର୍ଯ୍ୟାଦାରେ କମ୍ତି ଉଣା ବ୍ୟକ୍ତି ଯେବେ ଲେଖାପଢ଼ା କରି ଦଶଟଙ୍କା ଉପାର୍ଜ୍ଜନ କରେ ତେବେ ତାକୁ ନିନ୍ଦା କରନ୍ତି

---

* ଅନୁଗତ ଘରେ ଗୋଟିଏ ସ୍ଥଳରେ ଜଣେ ପଣ୍ଡିତଙ୍କୁ ହିନ୍ଦୁ କିଏ, ତାହାର ଲକ୍ଷଣ କହିବାକୁ ସମସ୍ତେ ମଗ୍ନ ହେଲେ । ଜଣେ କହିଲେ ଯେ ପିଆଜ ଖାଏ ସେ ହିନ୍ଦୁ ନୁହେ । ଆଉ ଜଣେ କହିଲେ ଅନ୍ୟ ପ୍ରକାର । ଏହିପରି ବାଦାନୁବାଦ ହେଲା । ମୁଁ କହେଁ ଯେ ଶ୍ରୀ ଭଗବଦ୍ଗୀତା ମାନେ ସେ ହିନ୍ଦୁ ତାକୁ ଯେ ନ ମାନେ ସେ ହିନ୍ଦୁ ନୁହେ । ଯେପରି କି ଯେ ବାଇବଲ ମାନେ ସେ ଖ୍ରୀଷ୍ଟିୟାନ, ଯେ କୋରାନ୍ ମାନେ ସେ ମୁସଲମାନ୍ ସେହିପରି ଯେ ଶ୍ରୀ ଭଗବଦ୍ଗୀତା ମାନେ ସେ ହିନ୍ଦୁ । କିମ୍ବା ତ ହିନ୍ଦୁମାନଙ୍କର ବେଦ ପ୍ରଭୃତି ନାନା ଧର୍ମଗ୍ରନ୍ଥ ଥିଲେ ସୁଦ୍ଧା ସବୁର ସାର ଶ୍ରୀ ଭଗବାନ୍ ସ୍ୱୟଂ ଉଦ୍ଧାର କରି ଅର୍ଜୁନଙ୍କୁ କହିଅଛନ୍ତି ଅତଏବ ମୁଁ କହିଲି ଯେ ଭଗବଦ୍ଗୀତା ମାନେ ସେ ହିନ୍ଦୁ ନିଶ୍ଚୟ ।

Digitized by srujanika@gmail.com

Split by PDF Splitter



ଓ ତାହା ଘରେ ଖାଇ ଲୁଗା ଯୋଡ଼େ ପିନ୍ଧନ୍ତି । ମହାଜାମୃତମାନେ ତରବାରକୁ ଭାଙ୍ଗି ଫାଳ କଲେ, ଏଥିରୁ ତାଙ୍କ ଦଶା ବୁଝିବ । ଏତେ ଦୁର୍ଦ୍ଦଶା କେବଳ ଧନ ଅଭାବରୁ ଘଟୁଅଛି । ଏମାନେ ଯେବେ ଅନ୍ତଗତଜାତିଙ୍କୁ ତ୍ୟାଗକରନ୍ତେ ଦେଶବିଦେଶ ଗମନକରନ୍ତେ ତେବେ ଏମାନଙ୍କର ସୁଖର ସୀମା ରହନ୍ତା ନାହିଁ । ଇଂରାଜମାନଙ୍କ ପରି ଉଦାର ରାଜା ପ୍ରାପ୍ତ ହୋଇ ହିନ୍ଦୁମାନେ ଯେବେ ଆପଣାର ମହତ୍ତ୍ୱ ଲୋପ କରିବେ ତେବେ ସେ ତାଙ୍କର ନିଜର ଦୋଷ ବୋଲି ବୋଲିବାକୁ ହେବ । ଅତଣ୍ୟ ହିନ୍ଦୁରାଜାମାନେ ଥିଲେ ସେ ବଳାତ୍କାରପୂର୍ବକ ପ୍ରଜାମାନଙ୍କର ମଙ୍ଗଳ ସାଧନ କରନ୍ତେ । କିନ୍ତୁ ଇଂରାଜମାନେ ଯେବେ ବଳାତ୍କାର କରିବେ ତେବେ ତାଙ୍କ-ପକ୍ଷରେ ସେଟା ଦୂଷଣୀୟ ହେବ । ଅତଏବ ହେ ହିନ୍ଦୁ ! ଆପଣମାନେ ଅନ୍ତଗତଜାତି ତ୍ୟାଗ କରି ଆପଣାର ଉନ୍ନତିସାଧନ କରନ୍ତୁ । ଇହ-ଲୋକର ମଙ୍ଗଳସାଧନ କରନ୍ତୁ ।

ଯେବେ ଆପଣମାନେ ବୋଲନ୍ତି କ୍ରମେ କ୍ରମେ ‘ଏକାକାର’ ହେବ, ଆମ୍ଭମାନଙ୍କ ଅନ୍ତଗତ ଜାତି ଉଠାଇ ଦେବାକୁ ଚେଷ୍ଟା କରିବାକୁ ହେବ ନାହିଁ, କିନ୍ତୁ ସେକାଳକୁ ଅପେକ୍ଷା କଲେ ଅନ୍ତଗତଜାତିସଙ୍ଗେ ହିନ୍ଦୁଜାତିର ହୀନତା ଅବଶ୍ୟ-ମ୍ଭାବୀ ହେବ, ହିନ୍ଦୁଙ୍କର ସଂଖ୍ୟା ଦିନକୁ ଦିନ ହ୍ରାସ ହେବ, ହିନ୍ଦୁମାନଙ୍କର ମାନସିକ ଉନ୍ନତି ସମ୍ୟକ୍ ହୋଇ ପାରିବ ନାହିଁ ଓ ତହିଁସଙ୍ଗେ ରକ୍ତଗତ ଜାତି ମଧ୍ୟ ନଷ୍ଟ ହେବ । *

ଅନ୍ତଗତଜାତି ଯେ ପାରତ୍ରିକ ମଙ୍ଗଳସାଧନ ପ୍ରତି ଅନାବଶ୍ୟକ ଓ ଐହିକସୁଖର ସମ୍ପୂର୍ଣ୍ଣ ବିରୋଧୀ ତାହା ସ୍ପଷ୍ଟରୂପେ ଦେଖାଗଲା । ଏବେ ଯେଉଁ ହିନ୍ଦୁମାନେ ଆପଣାର ଅଗ୍ରରକୁ ଯେପରି ହେବାର ମନରେ ବାଞ୍ଛା କରନ୍ତି ଓ ଫଳରେ ଯେପରି ଘଟେ ତାହାର ଅନେକ ପ୍ରଭେଦ ।

୧ମ ।—କରଣ ତଣ୍ଡୁଳ ପାକ କଲେ ବ୍ରାହ୍ମଣ ତାହା ଭୋଜନ କରିବେ ନାହିଁ । ଗଉଡ଼ କି ଭଣ୍ଡାରି ଛୁଇଁଲେ କରଣମାନେ ଭୋଜନ କରିବେ ନାହିଁ । ଏହିପରି ନିୟମ ଉଚ୍ଚବର୍ଣ୍ଣ ଓ ତାହାର ନିମ୍ନବର୍ଣ୍ଣ ମଧ୍ୟରେ ପରିଲକ୍ଷିତ ହୁଏ । କିନ୍ତୁ ଦେଖ ବଜାରରେ ଯେଉଁ ଉସୁନାଗୁଡ଼ୁଲ ଉସୁନାଚୂଡ଼ା ବିକ୍ରୟ ହେଉଅଛି ଓ ଯାହାକୁ ଏକକାଳରେ ଧୋବା ପାଣ ଖ୍ରୀଷ୍ଟାନ୍ ମୁସଲମାନ ପ୍ରସ୍ତୁତ କରିଦେଇ ଯାଉଅଛନ୍ତି ତାକୁ ଭକ୍ଷଣ କରିବାରେ ବ୍ରାହ୍ମଣ କି ଅପର କାହାର ଆପତ୍ତି ନାହିଁ । ଗଡ଼ଜାତ ଓ ମଧ୍ୟପ୍ରଦେଶରେ ଆମ୍ଭେ ଦେଖିଅଛୁଁ ଯେ କୋଷ୍ଟି କିମ୍ବା ସାନ୍ତାଳ ଯେଉଁମାନଙ୍କର ହିନ୍ଦୁର ଅଭକ୍ଷ୍ୟ ଆହାରରେ କୌଣସି ବାଧା ନାହିଁ, ସେମାନେ ଗୁଡ଼ୁଲ ଚୂଡ଼ା ଉଖୁଡ଼ା ଇତ୍ୟାଦି ପ୍ରସ୍ତୁତ କରି ବିକ୍ରୟ କରୁଅଛନ୍ତି । ସେ ଦ୍ରବ୍ୟସବୁ ଯେଉଁ ବ୍ରାହ୍ମଣାଦି ବର୍ଣ୍ଣ ଭକ୍ଷଣ କରୁଅଛନ୍ତି ତାଙ୍କପକ୍ଷରେ କି ଜଳଗ୍ରହଣୀୟବର୍ଣ୍ଣର ପାକରେ ଅନ୍ନଭୋଜନ କରିବାର ଦୋଷ ହୋଇ ପାରେ ?' ଖ୍ରୀଷ୍ଟାନ୍ କି ମୁସଲମାନ ପ୍ରସ୍ତୁତ କରିଥିବା ଦୋସିଆ* ଗୁଡ଼ୁଲ ଭକ୍ଷଣ କରିବା ଅପେକ୍ଷା କରଣ ପାକରେ ବ୍ରାହ୍ମଣର କି ଗଉଡ଼ ଭଣ୍ଡାରିପାକରେ କରଣର ଭୋଜନ କରିବା ଯେ ସହସ୍ରଗୁଣ ଭଲ ତାହା ବିଚାର କରିବା ହେଉନ୍ତୁ ।

୨ୟ ।—ହିନ୍ଦୁଜାତି ମଧ୍ୟରେ ମାଦକଦ୍ରବ୍ୟ ସେବନକାରୀ କେତେଲୋକ ନଗରରେ ବାସ କରି କମ୍ପା ନଗରକୁ ଆଗମନକରି ଆପଣାଠାରୁ ନୀଚବର୍ଣ୍ଣପାକରେ ସମ୍ପୂର୍ଣ୍ଣ ଗୋପନରେ ଅଥବା ଅର୍ଦ୍ଧଗୋପନରେ ଭକ୍ଷଣ କରୁ ନାହାନ୍ତି ? କେତେ ବ୍ୟକ୍ତି ଅବା ମୁସଲମାନ ଅବା ଖ୍ରୀଷ୍ଟାନ୍ ଘରେ ଗୋପନରେ ଭକ୍ଷଣ କରୁ ନାହାନ୍ତି ? ଅବଶ୍ୟ ଗୋପନକାର୍ଯ୍ୟ ବ୍ୟକ୍ତିବିଶେଷର ଦୋଷ, ଯେ କଲେ ତାହାର ଦୋଷ, କିନ୍ତୁ ସମାଜ କି ସବାତାଳେ ନିର୍ଦ୍ଦୋଷୀ ? ସମାଜ କଣ ଅଖିବୁଜା କରନ୍ତି ନାହିଁ ? ବଡ଼ଲୋକସ୍ଥଳେ ପ୍ରାୟ ଅକ୍ଷି-ବୁଜା ନୀୟମଟା ପ୍ରଶସ୍ତ । କିନ୍ତୁ ଗରିବ ଦୋଷୀ ହେଲେ ତାକୁ କେତେକେମତ ଟଣା ଓଟରା କରନ୍ତି । ଅହୁର ଦେଖ କଣ କଣ ହୋଇ ସମାଜ । ଯେଉଁ ବ୍ୟକ୍ତି ଗୋପନରେ ଏପରି କାର୍ଯ୍ୟ କରେ ହୃଦୟରେ ତାହା ଜାଣି ମଧ୍ୟ ତାକୁ ଯେବେ ସଙ୍ଗରେ ବସାଇ ଭକ୍ଷଣ କଲେ କି ତାଙ୍କ ଘର ପାକରେ କି ତାଙ୍କ ପାକରେ ଭୋଜନ କଲେ ତେବେ ନୀଚବର୍ଣ୍ଣ ପାକରେ ଭୋଜନର ନିଷେଧ କିପରି ରହିଲା ? ଯେଉଁ କଥା ନ ରହିବାର ତାକୁ ରଖିବାକୁ ଚେଷ୍ଟା କଲେ ଏହିପରି ଦୁର୍ବିପାକରେ ପଡ଼ିବାକୁ ହୁଏ ।

ଅନ୍ତଗତଜାତି ତେବେବେଁ ରହିବ ନାହିଁ । ତାକୁ ଯେବେ ଏକାବେଳକେ ଦୂର ନ କରିବ ତେବେ ସେ ରକ୍ତଗତ ଜାତିକ ସେନା ହିନ୍ଦୁ-ମାନଙ୍କର ମହତ୍ତ୍ୱ ସହିତ ଲୋପ କରିବ । ଅର୍ଥାତ୍ କ୍ରମଶଃ ଦେଶ ଦୁର୍ଦ୍ଦଶା ହେବ ଓ ଉଚ୍ଚ-ବର୍ଣ୍ଣର ଲୋକେ ଦରିଦ୍ର ହୋଇ ଜାତି ବିକ୍ରୟ କରିବାରୁ ସବୁବର୍ଣ୍ଣ ମଧ୍ୟରେ ପରସ୍ପର ବିବାହ ପ୍ରଚଳିତ ହେବ ।

ଅତଏବ ଯେଉଁମାନେ ବିବେଚନା କରିବେ ଯେ ଜାତି ନଷ୍ଟ ପାଇଁ ମୋର ଉଦ୍ୟମ ହେଉଅଛି ସେମାନଙ୍କର ଭ୍ରମ ବୋଲିବାକୁ ହେବ । ମୋର ପ୍ରସ୍ତାବ ଯେ ହିନ୍ଦୁଜାତି ଯେପରି ପୂର୍ବ-କାଳରେ ଥିଲା ସେହିପରି ରହୁ । କେବଳ ଶୂଦ୍ରବର୍ଣ୍ଣରୁ ଏବେ ଯେ ପ୍ରାୟ ଷୋଳଶହଜାର ବର୍ଣ୍ଣ ହୋଇ ପ୍ରତ୍ୟେକେ ଆପଣାକୁ ଗରିଷ୍ଠ ମନେ କରୁଅଛନ୍ତି ତାହା ରହିତ ହେଉ । ସମସ୍ତେ ସମସ୍ତଙ୍କ ପାକରେ ଆହାର କରନ୍ତୁ କିନ୍ତୁ ବିବାହ ଆପଣା ବର୍ଣ୍ଣରେ ହେଉ । ଯଦି କେହି ଉଚ୍ଚବର୍ଣ୍ଣର ବ୍ୟକ୍ତି ନିମ୍ନବର୍ଣ୍ଣରେ ବିବାହ କରେ ତେବେ ସେହି କାର୍ଯ୍ୟବଶରୁ ନିମ୍ନବର୍ଣ୍ଣରେ ପରିଗଣିତ ହେଉ । ଉଚ୍ଚବର୍ଣ୍ଣର ଲୋକେ ତାହାଙ୍କ ଘରେ ଯୌନସମ୍ବନ୍ଧ ନ କରନ୍ତୁ କିନ୍ତୁ ତାହା ଘରେ ଖାଇବାର ଦୋଷ ନ ରଖନ୍ତୁ ।

୩ୟ ।—ଗୋରୁ ଅସ୍ଥିରୁ ଚୂର୍ଣ୍ଣ କରି ତହିଁରେ ଜଳ ପରିଷ୍କାର ହେଉଅଛି । ସେ ଜଳରେ

---

* ରକ୍ତଗତ ଜାତି ଯେ ହିନ୍ଦୁମାନଙ୍କର ପ୍ରଧାନ ଧନ ଓ ଯେଧନ ପୃଥିବୀରେ ଆଉ କାହାର ନାହିଁ ତାହାର ଉପକାରିତା କେତେ ଏ ସମ୍ବନ୍ଧରେ ଅନ୍ୟ ଉପଲକ୍ଷରେ ଲେଖିବୁଁ ଇଚ୍ଛା ରହିଲା । ବର୍ତ୍ତମାନ ପ୍ରସଙ୍ଗ ଅନୁସାରେ ବଳୁଁ; ଆପଣମାନେ ମନରେ ବିଚାର କର ।

* ଉସୁନାଧାନ ଓ ଅରୁଆ ଲୋକ ନାହିଁ କୋଉକେ ହୁଏ । ଯେଉଁଥିର ଦିଶୁ ଅଧିକ ସିଦ୍ଧ ହୋଇଯାଏ ତାହା ମଧ୍ୟରୁ ବହୁ ବାହାରି ପଡ଼େ । ଉତ୍ତମ ସିଦ୍ଧ ଧାନରୁ ଯେଉଁ ଗୁଡ଼ୁଲ ପ୍ରସ୍ତୁତ ହୁଏ ସେ କୋଟିରେ ଚଢ଼େ ଗୁଡ଼ ହୁଏ ନାହିଁ ଏଥିନିମନ୍ତେ କେତେକସ୍ଥଳେ ଦୋସିଆ ଧାନର ଗୁଡ଼ୁଲ କରନ୍ତି ।

Digitized by srujanika@gmail.com

Split by PDF Splitter



ମିଷ୍ଟାନ୍ନ ପ୍ରସ୍ତୁତ ହୋଇ ଦେବତାଙ୍କୁ ଅର୍ପଣ ହେଉଥିଛି ମନୁଷ୍ୟ କଥା ତେଣିକି ଥାଉ। ଏଥିରେ ହିନ୍ଦୁଙ୍କର ଅନ୍ନଗତଜାତି କାହିଁ ରହୁଛି ମତେ ଦେଖାଇବା ହେଉନ୍ତୁ।

୪ର୍ଥ।—ଚର୍ମ୍ମ ମୂଣାରେ ଘିଅ ଭରତି ହୋଇ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କୁ ଭୋଗ ଲାଗୁଅଛି, ତାକୁ ସମସ୍ତ ହିନ୍ଦୁ ଭକ୍ଷଣ କରୁଅଛନ୍ତି, ଏଥିରେ ସେ ଅନ୍ନଗତଜାତି କାହିଁ ଅଛି କହିବା ହେଉନ୍ତୁ।

୫ମ।—ଗୋରୁର ଚର୍ବିକୁ ତରଳାଇ ଘିଅ ସଙ୍ଗେ ମିଶ୍ରିତ କରି ଲକ୍ଷ୨ ମହଣ ବିକ୍ରୟ କରୁଅଛନ୍ତି, ସେ ସବୁ ଘିଅ ଦେବତା ବ୍ରାହ୍ମଣ ସୁଦ୍ଧା ଭକ୍ଷଣ କରୁଅଛନ୍ତି। କାହିଁ, ତେବେ ଆପଣଙ୍କର ଅନ୍ନଗତ ଜାତି ରହିଲା ?

୬ଷ୍ଠ।—ବିଲାତରୁ ଯେଉଁ ସବୁ ଔଷଧ ଆସୁଅଛି ତହିଁରେ ବାରପଣ ଦ୍ରବ୍ୟରେ ସୁରାଦେଇ ମିଶିଅଛନ୍ତି, ତାକୁ କେଉଁ ହିନ୍ଦୁ ଭକ୍ଷଣ କରନ୍ତି ନାହିଁ। ଏଥିରେ ତାଙ୍କର ଅନ୍ନଗତ ଜାତି କିପରି ରହିଲା ?

ଯଦି ବୋଲ ଔଷଧ ପାଇଁ ସୁରାପାନ ମଧ କର୍ତ୍ତବ୍ୟ ତେବେ ଏତ ସେପରି ସୁରା ହେଲା ନାହିଁ। ଯାହାକୁ ସୁରା ନୁହେ ବୋଲି ଜାଣି ଖାଇଲ ସେ ସୁରା ପଡ଼ିଲା। ହେନ୍ତୁ ଆପଣଙ୍କ କଥାଟି ଯେବେ ହେଲା ତେବେ ଋଷିମାନେ କାହିଁକି କଲେ "ଔଷଧାର୍ଥେ ସୁରାଂ ପିବେତ୍" ତାଙ୍କର ଉଦ୍ଦେଶ୍ୟ ଏହି ଯେ କଷ୍ଟରୁ ସୁରାପାନ କଲେ ଯେବେ ମନୁଷ୍ୟର ଜୀବନଟା ରକ୍ଷା ପାଇଲା ତେବେ ସେସ୍ଥଳେ ସୁରାପାନ ଦୂଷ୍ୟ ନୁହେ। ଏଥିରେ ଋଷି କାର୍ଯ୍ୟର ଗୁରୁତା ବିସ୍ତୃତ କରିଅଛନ୍ତି। ସେହିପରି ଯେବେ ଆମ୍ଭେମାନେ ଅନ୍ନଗତଜାତିର ପରିତ୍ୟାଗ କଲେ ଆମ୍ଭର ହିନ୍ଦୁଧର୍ମ୍ମର ଆଉ୨ ଅଂଶ ରକ୍ଷା ପାଇଲା, ହିନ୍ଦୁଧର୍ମ୍ମର ଦୃଢ଼ତା ସମ୍ପାଦିତ ହେଲା ଓ ସମସ୍ତେ ଏକ ହୋଇ ଆମ୍ଭର ରକ୍ଷାକାରୀ ଗବର୍ଣ୍ଣମେଣ୍ଟଙ୍କ ସମୀପରେ ଆପଣାର ପ୍ରୀତି ଓ ରାଜଭକ୍ତି ଅର୍ପଣ କରିବାକୁ ସମର୍ଥ ହେଲେ, ତେବେ ଏତେ କାର୍ଯ୍ୟର ଗୁରୁତାଠାରେ ଅନ୍ନଗତଜାତିଟା କି ଗୁରୁ କଥା ?

୭ମ।—ଗୋପାଳମାନେ ଦୂଧକଳଶୀରେ ଭାତ ରାନ୍ଧି ଖାନ୍ତି ଏହା କିଏ ନ ଜାଣେ, ଏଥିରେ କି ଅନ୍ନଗତଜାତି ଗଲା ନାହିଁ ?

୮ମ।—ମିଷ୍ଟାନ୍ନ ଦୋକାନର ଦ୍ରବ୍ୟ ଯବନମାନେ ଛୁଁଅନ୍ତି, ତାକୁ ଭକ୍ଷଣ କଲାପରେ କି ଅନ୍ନଗତଜାତିକୁ କେହି ରଖିବାକୁ ବୋଲି ପାରନ୍ତି ?

୯ମ।—ହାଟରେ କେଉଟୁଣୀ ଚୂଡ଼ା ସରକାଇ ଦେଉଥାନ୍ତି, ଆଉ ହାତରେ ଚୂଡ଼ା ଭାଜୁଥାନ୍ତି, ଏଣେ ପୁଅକୁ ଦୁଧ ଦେଉଥାନ୍ତି, ସେ ମଳମୂତ୍ର ତ୍ୟାଗ କଲେ ତହିଁରୁ କିଛି କିଛି ସେ ଚୂଡ଼ାଭଜାରେ ମିଶିଯାଏ, ତାକୁ ଖାଇଲେ ଜାତି ଗଲା ନାହିଁ; ପରିଷ୍କାରରୂପେ ଜଣେ ନିମ୍ନବର୍ଣ୍ଣର ବ୍ୟକ୍ତି ଅନ୍ନ ପାକ କଲେ ଜାତି ଗଲା। ଏ ବିଷୟ ବିସ୍ତୃତ କରିବା ହେଉନ୍ତୁ।

୧୦ମ—ପୁଣି ହୁଡ଼ୁମ୍ବ ଚମତ୍କାରରୂପେ ହୁଏ। ଚୂଡ଼ାକୁ ଧୋଇ ତାକୁ ଭାଜନ୍ତି। ସେପରି ହୁଡ଼ୁମ୍ବ ଖାଇବା ଓ ଭାତ ଖାଇବା ଏଥିରେ କି ପୃଥକ୍ ବାରେ ସ୍ଥିର ହୋଇ ବିସ୍ତୃତ କରନ୍ତୁ।

ଶେଷରେ ମୋର ନିବେଦନ ଯେ ମୁଁ ଯାହା କହିଲି ତାହା ଯେ ଆପଣମାନେ ନ ଜାଣନ୍ତି ଏପରି କିଛି ନୁହେ, କିନ୍ତୁ ସମସ୍ତଙ୍କୁ ଏ ବିଷୟ ଲେଖିବାର ଅବସର ନ ଥାଏ କି ଅନ୍ୟାନ୍ୟ କାରଣବଶରୁ ସେମାନେ ଏ ବିଷୟମାନ ଆନ୍ଦୋଳନ ନ କରନ୍ତି, ଅତଏବ ମୁଁ ଏ ବିଷୟମାନ ଆପଣଙ୍କ ଗୋଚରରେ ଆଣିବାର ଯଦି ଦୋଷ ହୋଇଅଛି ତେବେ କ୍ଷମା ଯୋଗ୍ୟ ମୁଁ—

ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର ଶର୍ମ୍ମା।

---

☞ ମୂଳପତ୍ର ଦେଖ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୪ ଶ
ସଂ ୧୨ ଖ୍ୟା

ତା ୨୩ ରଖ ମାହେ ମାର୍ଚ୍ଚ ସନ ୧୮୮୯ ମସିହା । ମୁ । ଚୈତ୍ର ବ ୧୨ ନ ସନ ୧୨୯୬ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୩॥

ବିଜ୍ଞାପନ ।

ଭାରତବର୍ଷୀୟ ଡାକଘରର ଡାଇରେକ୍ଟର ସାହେବ ନିୟମ କରିଅଛନ୍ତି କି ଆଗାମି ଅପ୍ରେଲମାସ ତା ୧ ରଖଠାରୁ ଯେଉଁମାନେ ଭାଲୁ-ପେଏବଲ ଅର୍ଥାତ ଡାକ ବାହକକୁ ମୂଲ୍ୟ ଦେଇ ଦ୍ରବ୍ୟ ନେବା ପ୍ରଥାରେ ପୁସ୍ତକାଦି ପୁଳନା ପଠାଇବେ ସେମାନଙ୍କର ତାହା ପଠାଇବା ସମୟରେ ଉକ୍ତ ପୁଳନାର ଡାକମାସୁଲ ଛଡ଼ା ଉକ୍ତ ପୁଳନାର ମୂଲ୍ୟ ଗ୍ରାହକଠାରୁ ମନିଅର୍ଡ଼ରଦ୍ୱାରା ଆସିବା ନିମିତ୍ତ ଯେତେ କମିଶନ ଲାଗିବ ତାହା ଅଗତ୍ୟା ଦେବାକୁ ହେବ ଓ କୌଣସି କାରଣରୁ ଉକ୍ତ ପୁଳନା ପ୍ରେରକ ନିକଟକୁ ଫେରି ଆସିଲେ ମନିଅର୍ଡ଼ର କମିଶନ ଫେରତ ମିଳିବ ନାହିଁ । ଅତଏବ କଟକ ପ୍ରିଣ୍ଟିଂକମ୍ପାନୀ ଆପଣା ମୋଫସଲସ୍ଥ ଗ୍ରାହକମାନଙ୍କୁ ଉପରଲିଖିତ ନିୟମ ଜଣାଇଦେଇ ପ୍ରାର୍ଥନା କରୁଅଛନ୍ତି କି ଆଗାମି ଅପ୍ରେଲମାସ ଆରମ୍ଭଠାରୁ ଯେଉଁମାନେ ଭାଲୁପେଏବଲ ନିୟମରେ ପୁସ୍ତକ ନେବା କାରଣ ପତ୍ର ଲେଖିବେ ସେମାନେ ଉକ୍ତ ପତ୍ରସହିତ ମନିଅର୍ଡ଼ର ଖର୍ଚ୍ଚା ଦୁଇଅଣା ଅଗତ୍ୟା ଅନୁଗ୍ରହ ପୂର୍ବକ ପଠାଇବେ ଏ ଖର୍ଚ୍ଚା ନ ପଠାଇଲେ ଉକ୍ତ ନିୟମରେ ପୁସ୍ତକ ପଠା-ଯିବ ନାହିଁ ।

କଟକ
ତା ୨ ରଖ ମାର୍ଚ୍ଚ
ସନ ୧୮୮୯

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟେରି

ଗଞ୍ଜାମପ୍ରଦେଶରେ ଦୁର୍ଭିକ୍ଷ ପଡ଼ିବାରୁ କୁଲି-ସରଦାରଙ୍କର ବଡ଼ ସୁଯୋଗ ପଡ଼ିଅଛି । ଅନେକ ଲୋକଙ୍କୁ ସେମାନେ ନାନାପ୍ରକାରରେ ଠକାଇ ଓ ଫୁସୁଲାଇ ଆସାମକୁ ନେଇ ଯାଉଅଛନ୍ତି । ଗତ ସପ୍ତାହରେ ତ ୭୦ ଣ କୁଲିଙ୍କୁ ମହାମସ-ଣଠାରେ ସରଦାରମାନେ ଆଣି ରଖିଥିଲେ ମାତ୍ର ବାବୁ ଲଳିତମୋହନ ଚକ୍ରବର୍ତ୍ତୀଙ୍କ ଯୋଗେ ସରଦାରଙ୍କ ଠକପଣିଆ ଧରାପଡ଼ିଲା ଏବଂ ଅବଶେଷରେ ମାଜିଷ୍ଟ୍ରେଟଙ୍କ ଆଦେଶରେ ଓ ସରଦାରଙ୍କ ଖର୍ଚ୍ଚାରେ ସେମାନଙ୍କୁ ଆପଣା ଦେଶ ଫେରାଇ ପଠାଇ ଦିଆଗଲା । ଲଳିତବାବୁଙ୍କ ପତ୍ରରେ ଏଥିର ବିସ୍ତାରିତ ବିବରଣ ବର୍ଣ୍ଣିତଅଛି । ସ୍ଥାନାଭାବରୁ ଏଥର ପ୍ରକାଶ କରି ପାରିଲୁ ନାହିଁ । ଆଗାମିରେ ପ୍ରକାଶିତ ହେବ ।

---

ସ୍ଥାନାନ୍ତରେ ଖଣ୍ଡିଏ ଇଂରାଜୀପତ୍ର ପ୍ରକାଶିତ ହେଲା ସେଥିରେ ଯୋଡ଼ିଏ ସୁନ୍ଦର ପ୍ରସ୍ତାବ ହୋଇଅଛି ଯଥା; ଶାନ୍ତ୍ୟବାଦୀ ସ୍କୁଲକୁ ପଦ୍ମାସ-ମୋହନ ଅଫେଡ଼ିମିଗଙ୍କ ମିଶାଇଦେବା ଏବଂ ଝାଞ୍ଜନସ୍କୁଲକୁ ଟାଉନକଲେଜ କରିବା । ସମଶ୍ରେଣୀର ଛୋଟ ବିଦ୍ୟାଳୟର ପ୍ରତ୍ୟୋ-ଜନୀୟତା ଏହି କ୍ଷୁଦ୍ରସହରରେ ଦେଖାଯାଉ ନାହିଁ । ଅନାବଶ୍ୟକ ପ୍ରତିଯୋଗିତାରେ କିଛି ଉପକାର ନାହିଁ ବରଂ କ୍ଷତି ହେବାର କଥା କିନ୍ତୁ ପତ୍ରପ୍ରେରକଙ୍କ ପ୍ରସ୍ତାବମତେ କାର୍ଯ୍ୟ ହେଲେ ଅଧିକ ଉପକାର ହେବ ଏବଂ କେଳ୍ପେନଶା କଲେଜରେ ସମ୍ପୃକ୍ତ ଯେପ୍ରକାର ଅବଗ୍ଧର ହୋଇଅଛି ତାହାର ଉଚିତ ପ୍ରତୀକାର ହେବ । ଆମ୍ଭେମାନେ ଏ ପ୍ରସ୍ତାବର ସମ୍ମତିର ବଶ୍ୟର ନିମନ୍ତେ । କାରଣ ସର୍ବସାଧାରଣଙ୍କୁ ବିଶେଷ ଅନୁରୋଧ କରୁଅଛୁଁ ।

---

ଆସାମର କୁଲିଙ୍କ ଦୁରବସ୍ଥାପ୍ରତି କର୍ଣ୍ଣୀୟ ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ପଡ଼ିଅଛି । ସେକ୍ରେଟେରି ନୋଲନ ସାହେବ କହିଅଛନ୍ତି ଯେ କୁଲି ଗୋଦାମରେ କୁଲିଙ୍କର ଆହାର ଓ ବସା ବିଷୟରେ ଯତ୍ନ ନାହିଁ ବୋଲି ଓଲାଉଠାପ୍ରଭୃତି ରୋଗର ବିଶେଷ ପ୍ରାଦୁର୍ଭାବ ଏବଂ କୁଲି କଣ୍ଟ୍ରାକ୍ଟରମାନେ ଅନେକ ଲୋକଙ୍କୁ ମିଥ୍ୟା ପ୍ରଲୋଭନଦ୍ୱାରା ଫୁସଲାଇ ନେଇଯାଇ ଥିବାର ମୋକଦ୍ଦମାରେ ସେମାନଙ୍କଦ୍ୱାରା ଚୁକ୍ତିପତ୍ର ଲେଖାଇ ନଅନ୍ତି । ଅନେକ କୁଲି ଫେରି ଆସିବାର ଖର୍ଚ୍ଚା ହାତରେ ନ ଥିବାରୁ ବାଧ୍ୟ-ହୋଇ ଚୁକ୍ତିପତ୍ରରେ ସ୍ୱାକ୍ଷର କରନ୍ତି । ଲେଫ୍ଟେ-ଣ୍ଟ ମାନ୍ୟବର କେଲି ବାହାଦୁର କୁଲି ଗୋଦାମରେ କୁଲିଙ୍କର ବିଶେଷ ଯତ୍ନହେବା ଉଦ୍ଦେଶରେ କଠିନ ନିୟମ ଜାରି କରୁଅଛନ୍ତି ଏବଂ ଯେଉଁ କଣ୍ଟ୍ରାକ୍ଟରମାନେ କୁଲିଙ୍କୁ ଫୁସଲାଇ ନିଯୁକ୍ତ ସେମାନଙ୍କୁ ଧରି ଦଣ୍ଡଦେବା ଅଭିପ୍ରା-ୟରେ ଜଣେ ବିଶେଷ କମିଶନର ନିଯୁକ୍ତ କରି-ଅଛନ୍ତି । କେଲି ସାହେବଙ୍କ ଦୟାପୂର୍ଣ୍ଣ

Digitized by srujanika@gmail.com

Split by PDF Splitter



କାର୍ଯ୍ୟରେ ଲୋକଙ୍କର ଅନେକ କଷ୍ଟ ଦୂରହେବ ଲକ୍ଷଣ ଆଶା ହେଉଅଛି ।

---

ପୁରୀରେ ଏଥର ଦୋଳଯାତ୍ରା ଉପଲକ୍ଷରେ ପ୍ରାୟ ୨୫ ହଜାର ଯାତ୍ରୀ ହୋଇଥିଲେ । ଶ୍ରୀମହାପ୍ରଭୁଙ୍କ ଯାତ୍ରାର ସମସ୍ତ ନୀତି ଏବଂ ଯାତ୍ରିଙ୍କ ଦର୍ଶନକାର୍ଯ୍ୟ ଉତ୍ତାରର ଯେପରି ବନ୍ଦୋବସ୍ତ ମନ୍ଦିରପକ୍ଷରୁ ହୋଇଥିଲା ତହିଁରେ କୌଣସି ଅବ୍ୟସ୍ଥା ଘଟି ନାହିଁ । କିନ୍ତୁ ଡାକ୍ତର ସାହେବ ପାସ ନ ଦେବାରୁ କେହି ବସାଘରର ପାସ ନେଇ ପାରିଲେ ନାହିଁ ସୁତରାଂ ବସାଘର ଅଭାବରୁ ଯାତ୍ରିମାନେ ଦାଣ୍ଡ ବାଟ ଘାଟ ପୁଷ୍କରିଣୀତଟ ଏବଂ ଦୋକାନରେ ଓ କେହି କେହି ହରେକୃଷ୍ଣପୁର ବାଟଗାଁ ଦୃଗନଳା ପ୍ରଭୃତି ଗ୍ରାମମାନଙ୍କରେ ରହି ଖରା ବାତର ଖାଇ ବଡ଼ କଷ୍ଟ ପାଇଲେ ଓ ଗ୍ରାମବାସିମାନଙ୍କୁ ବାସ୍ତବଗା ବାଧିଲା । ଏହି କାରଣରୁ ହେଉ ବା ଅନ୍ୟକାରଣରୁ ହେଉ ବସନ୍ତଜ୍ୱରରୋଗ ବଡ଼ ଜାଗର୍ତ୍ତି ହୋଇଅଛି ଏବଂ ପ୍ରତିଦିନ ୮।୧୦ ଜଣ ମରୁଅଛନ୍ତି । ଅଧିକାଂଶ ଯାତ୍ରୀ ବାହାରି ଗଲେଣି କିନ୍ତୁ ରୋଗ ହଟି ନାହିଁ ବରଂ ଜଗନ୍ନାଥ ସଡ଼କର ସ୍ଥାନେ ସ୍ଥାନେ ଉଦୟ ହୋଇଅଛି ଏବଂ ଯାତ୍ରୀ ଫେରିବା ସଙ୍ଗେ ସଙ୍ଗେ ମୋଫସଲମାନଙ୍କରେ ଉପସ୍ଥିତ ହୋଇପାରେ । ଡାକ୍ତର ପାସ ଦେବାରେ କି କାରଣରୁ ବିରତ ହେଲେ ଆମ୍ଭେମାନେ ଅବଗତ ହୋଇ ନାହୁଁ । ଭରସା କରୁଁ ଏଥିର ଅନୁସନ୍ଧାନପୂର୍ବକ ଭବିଷ୍ୟତରେ ଏପରି ନ ଘଟିବାର ଉପାୟ ହେବ ।

---

ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ କି ମାନ୍ଦ୍ରାଜର ଦକ୍ଷିଣ ଲକ୍ଷ୍ମୀପୁର ବେଜବଦାଠାରୁ କଟକ ପର୍ଯ୍ୟନ୍ତ ସମୁଦ୍ର କୂଳକୂଳରେ ଯେଉଁ ରେଲୱେ ହେବାର ପ୍ରସ୍ତାବ ହେଉଅଛି ତହିଁର ଅନୁସନ୍ଧାନ ନିମନ୍ତେ ଏ ନଗରକୁ ଅସି କଲିକତାକୁ ଯାଇଥିଲେ । ସେମାନଙ୍କ ବିବେଚନାରେ ଏ ପ୍ରସ୍ତାବଟି ସୁସାଧ୍ୟ ଏବଂ ଲାଭଜନକ ଅଟଇ ଏବଂ ଏଥିରେ ଉପଯୁକ୍ତ କାଣିଚର ଶତ ନ ହୋଇ ଲାଭ ହେବ । ଏହି ରେଲୱେର ସମଗ୍ର ୪୭୨ ମାଇଲ । ଏଥିମଧ୍ୟରେ ମହାନଦୀ ଓ କୃଷ୍ଣା ଏହି ଯୋଡ଼ିଏ ବଡ଼ବଡ଼ ନଦୀ ଅଛି । ଏହି ଦୁଇନଦୀର ସେତୁ ସହିତ ପ୍ରମାଣପତ୍ରର ରେଲୱେ କମିଶ ନିମିତ୍ତ ୪୮୨ ଲକ୍ଷ ଟଙ୍କା ଏବଂ ସାମାନ୍ୟ ପ୍ରକାର ହେଲେ ୩୯୭ ଲକ୍ଷ ଟଙ୍କା ବ୍ୟୟ ହେବ । ଯେବେ କୌଣସି କମ୍ପାନୀ ଅର୍ଥାତ୍ ବଣିକ୍ସମ୍ପ୍ରଦାୟ ଦଳ ଏ ବାଟ ନିର୍ମାଣ କରିବାକୁ ଅଗ୍ରସର ହେବେ ତେବେ ଗବର୍ଣ୍ଣମେଣ୍ଟ ଏଥିର ମାପ ଓ ଇଷ୍ଟିମେଟ କରିଦେବେ । କିନ୍ତୁ କଥା ହେଉଅଛି ଯେ ଦେଶୀୟଲୋକମାନେ ଏ ବ୍ୟବସାୟରେ ଅଗ୍ରସର ହେବେ କି ? ଅଗ୍ରସର ହେଲେ ଅବଶ୍ୟ ମୂଳଧନର ଅନାଟନ ହେବ ନାହିଁ । କିନ୍ତୁ ଦୁର୍ଭାଗ୍ୟବଶତଃ ଅସ୍ମଦେଶୀୟଙ୍କର ସାହସ ଚେଷ୍ଟା ଓ ଅଧ୍ୟବସାୟ ନାହିଁ । ଯେଉଁ ଲାଭର ଉପାୟ ବାହାରୁଅଛି ଇଂରାଜମାନେ ତାହା ମାଡ଼ି ବସୁଅଛନ୍ତି ଏବଂ ଆମ୍ଭେମାନେ କେବଳ ଆପଣା କପାଳ ଓ ଗବର୍ଣ୍ଣମେଣ୍ଟଙ୍କର ଦୋଷ ଦେଇ ହାଏ ହାଏ ହେଉଅଛୁଁ । ଇଂରାଜମାନେ ବଡ଼ଲୋକ ହେବାର ଉପାୟ ଜାଣନ୍ତି, ଅବଶ୍ୟ ବଡ଼ଲୋକ ହେବେ । ଆମ୍ଭେମାନେ ଚେଷ୍ଟା ନ କଲେ ଭୁକ ଗଲେ କି ହେବ !

---

ଓଡ଼ିଶାର ପ୍ରାୟ ପ୍ରତ୍ୟେକ ଗ୍ରାମରେ ହିନ୍ଦୁ ଦେବାଳୟ ବିଦ୍ୟମାନ; ଅନ୍ୟ କୌଣସି ପ୍ରଦେଶର ଦେବାଳୟ ସଂଖ୍ୟା ଓଡ଼ିଶାଠାରୁ ଅଧିକ ହେବ ନାହିଁ । ଏମାନଙ୍କ ମଧ୍ୟରୁ ସାଧାରଣ ଦେବାଳୟ ଗୁଡ଼ିକ ପୂର୍ବତନ ଧାର୍ମିକ ମହାପୁରୁଷମାନଙ୍କଦ୍ୱାରା ପ୍ରତିଷ୍ଠିତ । ସେମାନେ ଦେବାଳୟର ସଂସ୍ଥାପନ ସଙ୍ଗେ ସଙ୍ଗେ ଦେବତାଙ୍କର ଦୈନନ୍ଦିନ ନୀତି ଓ ଯାତ୍ରାପର୍ବ ଓ ସଦାବର୍ତ୍ତ ନିମନ୍ତେ ଯଥେଷ୍ଟ ଭୂସମ୍ପତ୍ତି ଲେଖିଦେଇ ଯାଇଅଛନ୍ତି କିନ୍ତୁ ଉପଯୁକ୍ତ ତତ୍ତ୍ୱାବଧାରକ ଅଭାବରୁ ଆଜ ଓଡ଼ିଶାର ଅନେକ ପ୍ରାଚୀନ ଓ ସମ୍ପତ୍ତିଶାଳୀ ଦେବାଳୟ ନଷ୍ଟ ବା ହୀନଶ୍ରୀ ହୋଇଅଛି । ଜଗତ୍ସିଂହପୁର ଅଞ୍ଚଳରେ କଣ୍ଟବଡ଼ ଜଗନ୍ନାଥଙ୍କର ଗୋଟିଏ ପ୍ରଧାନ ଦେବାଳୟ ଏବଂ ପ୍ରଚୁର ଭୂସମ୍ପତ୍ତି ଏଥିର ବ୍ୟୟ ନିର୍ବାହନିମନ୍ତେ ଲଗା ହୋଇଅଛି କିନ୍ତୁ କେହି ତତ୍ତ୍ୱାବଧାରକ ନ ଥିବାରୁ ଏଥିର ସଂସ୍ଥାପକଙ୍କ ସର୍ତ୍ତ ଅନୁଯାୟୀ ନୀତି ବା କୌଣସି କାର୍ଯ୍ୟ ନିର୍ବାହ ହୋଇପାରୁ ନାହିଁ ଓ ସେବକ ବ୍ରାହ୍ମଣଙ୍କଦ୍ୱାରା ସମ୍ପତ୍ତି ଯଥେଚ୍ଛା ବ୍ୟବହାର ହେଉଅଛି । ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ କନ୍ଦରପୁରର ସ୍ଥାନୀୟ ଲୋକ ଏ ନଗରର ଉକିଲ ସହାୟ ବ୍ୟକ୍ତିଙ୍କୁ ସହାୟସ୍ୱରୂପ ଗ୍ରହଣକରି ସେହି ଦେବାଳୟର ତତ୍ତ୍ୱାବଧାରଣ ନିମନ୍ତେ କମିଟୀ ନିଯୋଗ କରିବାନିମନ୍ତେ ଜଜ ସାହେବଙ୍କ ନିକଟରେ ପ୍ରାର୍ଥନା କରୁଅଛନ୍ତି । ଆଶାକରୁଁ ସର୍ବାଗ୍ରେ ସ୍ଥାନୀୟ ଲୋକମାନେ ଜାଗର୍ତ୍ତ ହେଲେ ସେବକମାନେ ଦେବୋତ୍ତର ସମ୍ପତ୍ତିକୁ ମଉରସି ସମ୍ପତ୍ତିସ୍ୱରୂପ ବ୍ୟବହାର କରି ସେଥିରେ ଲୁଟି କରିବେ ନାହିଁ ଓ ପ୍ରାଚୀନ କୀର୍ତ୍ତିଗୁଡ଼ିକର ଦୁରବସ୍ଥା ଦୂର ହେବ । କମିଟୀ ନିଯୋଗବ୍ୟତୀତ ଏରୂପ ସମ୍ପତ୍ତିମାନ ରକ୍ଷାହେବାର ଅନ୍ୟ ଉପାୟ ନାହିଁ ।

---

ଶ୍ରୀମଦ୍ଭଗବଦ୍ଭକ୍ତିପ୍ରଚାରିଣୀ ସଭା ।

ଏ ନଗରରେ ସ୍ଥାପିତ ଉପରଲିଖିତ ସଭାର ବାର୍ଷିକପର୍ବ ଉପଲକ୍ଷରେ ତିନୋଟି ଅର୍ଥାତ୍ ମାଦକଦ୍ରବ୍ୟ ସେବା ନିଷେଧ, ସାକାର ଉପାସନା ବିଷୟ ଏବଂ ନାମମାହାତ୍ମ୍ୟ ବିଷୟରେ ବକ୍ତୃତା ହୋଇଥିଲା ଏବଂ ପ୍ରଥମସ୍ତ ପଣ୍ଡିତ ରାମକୃଷ୍ଣ ଶାସ୍ତ୍ରୀ ଓ ଅପର ଦ୍ୱିତୀୟ ପଣ୍ଡିତ ନୀଳକଣ୍ଠ ଷଡ଼ଙ୍ଗୀ ପ୍ରଦାନ କରିଥିଲେ । ଉଭୟ ବ୍ୟକ୍ତି ଅନେକ ଶାସ୍ତ୍ରୀୟ ପ୍ରମାଣଦ୍ୱାରା ଆପଣା ବକ୍ତବ୍ୟ ବିଷୟର ବ୍ୟାଖ୍ୟା କରି ପଣ୍ଡପାଣ୍ଡିତ୍ୟରୂପେ ଶ୍ରୋତାମାନଙ୍କୁ ବୁଝାଇ ଦେଉଥିଲେ ଏବଂ ସେଥିରୁ ସେମାନଙ୍କ ବିଦ୍ୟା ଓ ବାକ୍ଶକ୍ତିର ବିଲକ୍ଷଣ ପରିଚୟ ପ୍ରାପ୍ତ ହୋଇଥିଲା ବିଶେଷରେ ଷଡ଼ଙ୍ଗୀ ମହାଶୟଙ୍କ ବକ୍ତୃତା ଠାବେ ଠାବେ ନୂତନଭାବରେ ସୁରଞ୍ଜିତ ହେବାର ଦେଖି ଆମ୍ଭେମାନେ ବଡ଼ ପ୍ରୀତ ହୋଇଥିଲୁଁ । ମାତ୍ର ବକ୍ତୃତାମାନ ଅତି ସଂକ୍ଷେପ ହେବାରୁ ଆମ୍ଭମାନଙ୍କର ଆଶା ତୃପ୍ତ ହେଲା ନାହିଁ । ଆମ୍ଭମାନଙ୍କ ବିବେଚନାରେ ଏଥିରେ ବକ୍ତାଙ୍କର ଦୋଷ ନାହିଁ । ଏକସମୟରେ ତିନୋଟି ଗୁରୁତର ପ୍ରସଙ୍ଗ ଉପସ୍ଥିତ ହେବାରୁ କୌଣସିଟିର ସମ୍ୟକ ବର୍ଣ୍ଣନ ହୋଇ ପାରିଲା ନାହିଁ । କୌଣସି ବିଷୟରେ ବକ୍ତୃତା କରିବାର ଉଦ୍ଦେଶ୍ୟ ସେ ବିଷୟ ଶ୍ରୋତାଙ୍କ ମନରେ ମୁଦ୍ରିତ କରିବା ଏବଂ ଯେଉଁଥିରୁ ଭ୍ରମ ଓ ସନ୍ଦେହ ହୋଇପାରେ ସେ ସମସ୍ତ ଦୂରକରିବା ଅଟଇ । ଏସବୁ କରିବାକୁ ସମୟ ଦରକାର ଅଥଚ ଲୋକେ ଏକବା ଦେଢ଼ଘଣ୍ଟାକୁ ଅଧିକକ୍ଷଣ ସ୍ଥିରଭାବରେ ବକ୍ତୃତା ଶୁଣିବାର ଅଭ୍ୟାସ ନ ଥିବାରୁ ସୁତରାଂ ବକ୍ତାମାନେ ସଂକ୍ଷେପରେ ଶେଷକଲେ ଏବଂ ତହିଁରେ ତାଙ୍କ ବକ୍ତାଙ୍କର ବିଶେଷ ଯୋଗ୍ୟତା ପ୍ରକାଶପାଇଲା

Digitized by srujanika@gmail.com

ନା ଲେଖକଙ୍କର ସମ୍ପୂର୍ଣ୍ଣ ତୃପ୍ତି ହେଲା । ଉଦାହରଣ ସ୍ୱରୂପ ଆମ୍ଭେମାନେ ଏତିକି କହିଲେ ଯଥେଷ୍ଟ ହେବ ଯେ ମାଦକଦ୍ରବ୍ୟ ସମ୍ପର୍କରେ କେବଳ ନାନାପ୍ରକାର ମଦ ଓ ତହିଁର ଅବଗୁଣର ବର୍ଣ୍ଣନା କରି ମହାଶୟଙ୍କର ସାମାନ୍ୟ ପରିଚୟ ଦେଇ ବକ୍ତୃତା ଶେଷ କଲେ । କିନ୍ତୁ ଅନ୍ୟାନ୍ୟ ମାଦକଦ୍ରବ୍ୟ ସମ୍ପର୍କରେ କିଛି କହିଲେ ନାହିଁ । ପ୍ରାଚୀନକାଳରେ ହିନ୍ଦୁସମାଜରେ ସୁରା କିପ୍ରକାର ପ୍ରଚଳିତ ଥିଲା ଓ ତ ମନ୍ଦଫଳ ହେତୁ କିପରି ନିଷେଧ ହେଲା ତତ୍ପରେ ତହିଁର ବ୍ୟବହାରର କି ନିୟମ ଅଛି ଓ ତମାଖୁ କି ଅନିଷ୍ଟ ହେଉଅଛି, ଅଫିମ ଓ ଗଞ୍ଜେଇ ସମ୍ପର୍କରେ କି ନିୟମ ଅଛି ଓ ବର୍ତ୍ତମାନ ସାଧୁସନ୍ଥମାନଙ୍କ ମଧ୍ୟରେ ଗଞ୍ଜେଇର ଯେପରି ଚାଷ ଅଛି ତାହା ଶାସ୍ତ୍ରବିରୁଦ୍ଧ କି ନା ଏବଂ ତହିଁରୁ କି ମନ୍ଦଫଳ ହେଉଅଛି ଏ ସବୁକଥା ଶୁଣିବାକୁ ଆମ୍ଭେମାନେ ଆଶା କରିଥିଲୁଁ । ଏହିପରି ସାକାର ଉପାସନା ଏବଂ ବାମମାର୍ଗ ବିଷୟରେ ଅନେକ ପ୍ରଶ୍ନ ଉପସ୍ଥିତ ହୋଇପାରେ ବାହୁଲ୍ୟ ହେତୁ ସେ ସମସ୍ତ ଏଠାରେ ଲେଖିବାକୁ ଅକ୍ଷମ ହେଲୁଁ । ଆମ୍ଭେମାନେ ଆଶା କରୁଁ କି ସଭା ଏକ ସମୟରେ ଅନେକ ବକ୍ତୃତା ପ୍ରଦାନ କରିବାକୁ ଚେଷ୍ଟା ନ କରି ବରଂ ଏପରି ଗୁରୁତର ଗୋଟିଏ ବିଷୟକୁ ଦୁଇଥର ଅଧିବେଶନରେ ଲେଖକଙ୍କୁ ବୁଝାଇ ଦେବାର ବନ୍ଦୋବସ୍ତ କରନ୍ତେ ତାହା ହେଲେ ଅନେକ ସୁବିଧା ଲାଭ ହେବ ।

---

### ରେଭେନସା କଲେଜ ।

ଗତ ସପ୍ତାହରେ ଆମ୍ଭେମାନେ ରେଭେନସା କଲେଜର ପ୍ରଥମ ବାର୍ଷିକ ଶ୍ରେଣୀର କେତେଗୋଟି ବାଳକମାନଙ୍କ ବିଷୟ ପାଠକମାନଙ୍କୁ ଜଣାଇଅଛୁଁ । କଲେଜର କର୍ତ୍ତୃପକ୍ଷୀୟମାନେ ଏପର୍ଯ୍ୟନ୍ତ ସେ ବିଷୟର କୌଣସି ପ୍ରତିବାଦ କରି ନ ଥିବାରୁ ଆଜ ଆମ୍ଭେମାନେ ପୁଣି ଦୁଃଖର ସହିତ କେତେଗୁଡିଏ କଥା ଲେଖିବାକୁ ବାଧ୍ୟ ହେଉଅଛୁଁ ।

ଏଜିର ସାହେବ ବର୍ତ୍ତମାନ କଲେଜର ଅଧ୍ୟକ୍ଷ ଅଛନ୍ତି । କିଛିଦିବସରୁ ସେ ଏହି କାର୍ଯ୍ୟ କରୁଅଛନ୍ତି, ସୁତରାଂ ଶିକ୍ଷା କାର୍ଯ୍ୟସମ୍ବନ୍ଧରେ ତାହାଙ୍କର ଅଭିଜ୍ଞତା ଅଧିକ । ବଙ୍ଗଦେଶରେ ଏବଂ ଏହି ଉତ୍କଳ ପ୍ରଦେଶରେ ଶିକ୍ଷାର ଅବସ୍ଥା ଓ ପ୍ରକାର ଅଛି ଏହା ଅଜ୍ଞ ତାହାଙ୍କୁ ଜଣାଇବାକୁ ହେବ ନାହିଁ । ବଙ୍ଗଦେଶରେ ବିଶେଷତଃ କଲିକତାରେ ଶିକ୍ଷାର ଅବସ୍ଥା ଓ ଶିକ୍ଷାଳୟର ନିୟମ ଓଡ଼ିଶାଠାରୁ ଅନେକଗୁଣ ଅଧିକ । ସୁତରାଂ ଆମ୍ଭେମାନେ ତାହାଙ୍କୁ ପଚାରୁଅଛୁଁ ଯେ ଯେଉଁ କଠୋର ନିୟମ କଲିକତାରେ ପ୍ରଚଳିତ ନୁହେ ତାହା ଏହି ଅଜ୍ଞାନାଚ୍ଛନ୍ନ ଓଡ଼ିଶାରେ ଚଳାଇବାର ଆବଶ୍ୟକତା କଣ ?

କଲିକତାର ଗୋଟିଏ କଲେଜର ଛାତ୍ରସଂଖ୍ୟା କେତେ ତାହା ଶ୍ରବଣ କଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ମେଟ୍ରୋପଲିଟନ କଲେଜର ପ୍ରଥମ ବାର୍ଷିକ ଶ୍ରେଣୀରେ ତିନି ଶତରୁ ଅଧିକ ଛାତ୍ର ଅଧ୍ୟୟନ କରନ୍ତି । ଜେନେରେଲ୍ ଏସେମ୍ବ୍ଲି, ଫ୍ରିଚର୍ଚ୍ଚ ଓ ସିଟି ପ୍ରଭୃତି କଲେଜମାନଙ୍କରେ ମଧ୍ୟ ଉକ୍ତ ଶ୍ରେଣୀର ଛାତ୍ରସଂଖ୍ୟା ଏକଶତରୁ ନ୍ୟୂନ ନୁହେ । ସର୍ବଶ୍ରେଷ୍ଠ ପ୍ରେସିଡେନ୍ସି କଲେଜରେ ମଧ୍ୟ ଏକଶତ ଛାତ୍ର ଅଧ୍ୟୟନ କରନ୍ତି । ଢାକା ନଗରର ପ୍ରଧାନ କଲେଜ ଜଗନ୍ନାଥ କଲେଜରେ ମଧ୍ୟ ଉକ୍ତଶ୍ରେଣୀରେ ପ୍ରାୟ ଦୁଇଶତ ଛାତ୍ର ଅଛନ୍ତି । କିନ୍ତୁ ଏହି କଲେଜମାନଙ୍କରେ ପରୀକ୍ଷା କରି କାହିଁ ପ୍ରଥମ ବାର୍ଷିକ ଶ୍ରେଣୀରୁ ଦ୍ୱିତୀୟ ବାର୍ଷିକ ଶ୍ରେଣୀକୁ ଛାତ୍ର ଉଠାଇବାର ଶୁଣା ନାହିଁ । ଯେଉଁ କଲେଜରେ ଛାତ୍ରସଂଖ୍ୟା ଏତେ ଅଧିକ ଆମ୍ଭେମାନେ ଅନୁସନ୍ଧାନଦ୍ୱାରା ଅବଗତ ହୋଇଅଛୁଁ ଯେ ଗତ ୧୦ ବର୍ଷମଧ୍ୟରେ ଉକ୍ତ ପ୍ରଧାନ ପ୍ରଧାନ କଲେଜମାନଙ୍କ ମଧ୍ୟରୁ କୌଣସିଠାରେ ଜଣେ ଛାତ୍ର ପ୍ରମୋସନରେ ବଞ୍ଚିତ ହୋଇ ନାହିଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ରେଭେନସା କଲେଜର ପ୍ରଥମ ବାର୍ଷିକ ଶ୍ରେଣୀରେ କେବଳ ମାତ୍ର ୩୦ ଣ ବାଳକ ଅଧ୍ୟୟନ କରନ୍ତି ଏବଂ ସେମାନଙ୍କ ମଧ୍ୟରୁ ୭ (ସାତ) ଜଣ ପ୍ରମୋସନରୁ ବଞ୍ଚିତ ହୋଇଅଛନ୍ତି !!! କଟକ କଲିକତାଠାରୁ ଏବଂ ରେଭେନସା କଲେଜ ପ୍ରେସିଡେନ୍ସି କଲେଜଠାରୁ ଯେ ଅଧିକ ଉନ୍ନତ ତାହା ଉକ୍ତ ଫଳ ଦେଖି ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ ।

ପୁଣି ଏହା ନୁହେ—ଯଦ୍ୟପି ଜାଣନ୍ତି ଯେ ପ୍ରକାଶ୍ୟ ପରୀକ୍ଷାରେ ଉପଯୁକ୍ତ ବାଳକ ପ୍ରମୋସନ ପାଇଲା ଏବଂ ଅନୁପଯୁକ୍ତ ପଡିରହିଲା ତାହା ହେଲେ ଏତେ କ୍ଷୋଭର ବିଷୟ ହୁଅନ୍ତା ନାହିଁ । କିନ୍ତୁ ଦୁଃଖର ବିଷୟ ସମସ୍ତ କାର୍ଯ୍ୟ ଗୋପନରେ ନିଷ୍ପନ୍ନ ହେଲା । ପରୀକ୍ଷାର ଫଳ ପ୍ରକାଶ ପାଇଲା ନାହିଁ । କଏ କେତେ ନମ୍ବର ପାଇଲା ତାହା କେହି ଜାଣିଲେ ନାହିଁ ଅଥଚ କେତେକ ବାଳକ ପ୍ରମୋସନ ପାଇଲେ କେତେକ ପଡିରହିଲେ । ଯାହାର ଦୀର୍ଘ କେଶ ଅଥବା କର୍ତ୍ତୃପକ୍ଷୀୟମାନଙ୍କ ସହିତ ସମ୍ବନ୍ଧ ଅଛି ଅଥବା ସହାୟ ଓ ମୁରବିବଳ ଅଛି ଅଥବା ଖୋସାମଦରେ ଯେ ବିଶେଷ ପାରଦର୍ଶୀ ତାହାର ନମ୍ବର ଯାହା ହେଉ ନା କାହିଁକି କ୍ଲାସ ଉଠିବା ତାହାପକ୍ଷରେ ଖୁବ ସହଜ । କିନ୍ତୁ ଗରିବ ସହାୟହୀନ ଓଡିଆ ଛାତ୍ରମାନଙ୍କ ପକ୍ଷରେ କଏ !!! ଖୋସାମଦର ଏପରି ମହିମା ଯେ ଆମ୍ଭେମାନେ ଶୁଣିଅଛୁଁ ପ୍ରମୋସନ ପାଇ ନାହିଁ ଏପ୍ରକାର ଏକ ବାଳକ ଏକ ମେମ ସାହେବଙ୍କ ସୁପାରିସରେ କ୍ଲାସ ଉଠିଗଲା । କଲେଜରେ ଅଧ୍ୟୟନ କରି ବାଳକମାନେ ମହତ୍ ଶିକ୍ଷାର ପରିବର୍ତ୍ତରେ ଖୋସାମଦଶାସ୍ତ୍ରରେ ବିଶେଷପଟୁ ହେଉଅଛନ୍ତି ।

ଓଡିଶାରେ ଏହା ଏକମାତ୍ର କଲେଜ । ଏ ଦେଶୀୟମାନଙ୍କ ଉଚ୍ଚ ଶିକ୍ଷା ଲାଭର ଏହା ଏକମାତ୍ର ସ୍ଥାନ । ଏହାର ଉନ୍ନତିରେ ଓଡିଶାର ଉନ୍ନତି, ଏହାର ଅବନତିରେ ଓଡିଶାର ଅବନତି । ସୁତରାଂ ଏହାର ସଂସ୍କାର ସମ୍ବନ୍ଧରେ ଯତ୍ନ କରିବା ଉଚିତ । ଏ ପ୍ରଦେଶର ସମସ୍ତ ସଭା ଏକତ୍ରିତ ହୋଇ ଏହି ଘୋର ଅତ୍ୟାଚାରର ପ୍ରତିବାଦ କରିବା କର୍ତ୍ତବ୍ୟ । ଗବର୍ଣ୍ଣମେଣ୍ଟଙ୍କ ଏହାପ୍ରତି ଦୃଷ୍ଟି ଆକର୍ଷଣ କରିବା ମଧ୍ୟ ଉଚିତ ।

---

### ଜାତି ସଂସ୍କାର ।

ଆମ୍ଭେମାନେ ଗତସପ୍ତାହରେ ଦେଖାଇଅଛୁଁ ଯେ ଦେବତା ଓ ପିତୃକାର୍ଯ୍ୟରେ ସୁବ୍ରାହ୍ମଣଙ୍କୁ ଭୋଜନ ଏବଂ ତାହାଙ୍କର ପୂଜା କରିବ । ଏହାହିଁ ଶାସ୍ତ୍ରର ଆଦେଶ । କେବେ ଶ୍ରାଦ୍ଧାଦିସ୍ଥଳେ ଜାତିବ୍ରାହ୍ମଣଙ୍କୁ ଭୋଜନ କରାଇବାର ପ୍ରଥା କିପରି ହିନ୍ଦୁସମାଜରେ ପ୍ରଚଳିତ ହେଲା ? ଗ୍ରନ୍ଥକାର ଭୂଦେବ ବାବୁ ଏ ବିଷୟରେ କିଛି କହି ନାହାନ୍ତି । ଭରସା କରୁଁ କେହି ପଣ୍ଡିତ ଏଥିର ସଦୁତ୍ତର ପ୍ରଦାନ କରିବେ । ଆମ୍ଭେମାନେ ବୋଧ କରୁଁ କି କେହି ଆତ୍ମମ୍ଭରିପ୍ରିୟ ଅବିବେଚକ ଧନାଢ୍ୟ ବ୍ୟକ୍ତି ଭୂରି ସମାରୋହସହିତ ମାତୃ ପିତୃ କ୍ରିୟା କରିବାକୁ ଇଚ୍ଛା କରି ଅପାତ୍ରଭୂତ ଯୋଗ୍ୟାଯୋଗ୍ୟ ଅନୁଚରେ ଅଯୋଗ୍ୟପାତ୍ର

Split by PDF Splitter

108



ଭୋଜନାନ୍ତ ଦାନ କରିବାଦ୍ୱାରା ଭିକ୍ଷୁକସଂଖ୍ୟା ବଢାଇଅଛନ୍ତି ଏବଂ ସେଥିରେ ସେମାନଙ୍କର ନାମ ବାହାରିବାର ଦେଖି ଅପର ଧନୀମାନେ ସେହି ମାର୍ଗ ଅନୁସରିଅଛନ୍ତି ଏବଂ ଏକ ଅନ୍ୟକୁ ଏଥିରେ ଜିଣିବାପାଇଁ ଚେଷ୍ଟା କରୁଅଛନ୍ତି । ଦୁଷ୍ଟ ପଇତାଧାରୀ ବ୍ରାହ୍ମଣମାନେ ଏହି ବାଟେ ନାନା ଜବାହର ସହଜ ଉପାୟ ଦେଖି ଅପଣା ଧର୍ମ କର୍ମ ଗତ ସାମାନ୍ୟଲୋକଙ୍କୁ ବଡ଼ଲୋକଙ୍କ ଉଦାହରଣ ଦେଖାଇ ସେମାନଙ୍କୁ ଠକାଇ ଆସିଅଛନ୍ତି । ଶାସ୍ତ୍ରରେ ଅନ୍ନ କିମ୍ବା ନିଜାୟରେ ବ୍ରାହ୍ମଣଭୋଜନ କରାଇବ ମାତ୍ର ବ୍ରାହ୍ମଣର ଲକ୍ଷଣ ବ୍ରାହ୍ମଣମାନେ ଜାଣୁଥିଲେ, ତାହାଙ୍କର ପୁତ୍ର ପୌତ୍ରାଦିମାନେ ସେପରି ହେଲେ ନାହିଁ । ସୁତରାଂ ଯୋଗ୍ୟତା ଲୋପ ହୋଇ କେବଳ ବଂଶର କଥା ରହିଲା । ଅବଧି ମଧ୍ୟ ହିନ୍ଦୁ ସମାଜର ସକଳକାର୍ଯ୍ୟ ବଂଶ ଉପରେ ରହିଅଛି, ଗୁଣର ଆଦର ଅଦୌ ନାହିଁ । କାଳକ୍ରମେ ଏହି କୁଫଳ ଫଳିଅଛି । ବ୍ରାହ୍ମଣଭୋଜନର ବର୍ତ୍ତମାନ କୁପ୍ରଥା ଶୀଘ୍ର ଉଠାଇଦେବା କର୍ତ୍ତବ୍ୟ ଏଥିରେ ସନ୍ଦେହ ନାହିଁ ଏବଂ ରାଜା ବୈକୁଣ୍ଠନାଥ ଦେ ବାହାଦୁର ଅନଭିଜ୍ଞ ପଣ୍ଡିତ ଓ ବ୍ରାହ୍ମଣଙ୍କର ଧର୍ମମତ ପୂଜା ଅନଭିଜ୍ଞ ବ୍ରାହ୍ମଣମାନଙ୍କର ଯଥୋଚିତ ଅପମାନ କରି ଅଶାସ୍ତ୍ରୀୟ କାର୍ଯ୍ୟ କରି ନାହାନ୍ତି ବରଂ ସେ ଯେଉଁ ଆଦର୍ଶ ଦେଖାଇଅଛନ୍ତି ତାହାଁର ଅନୁକରଣ କଲେ ସମାଜର ଉପକାର ହେବ ସନ୍ଦେହ ନାହିଁ । ମାତ୍ର ଦୁଃଖର ବିଷୟ ଯେ ଗ୍ରନ୍ଥକାର ଏସମ୍ପର୍କରେ ତାହାଙ୍କର ଯେତେ ପ୍ରଶଂସା କରିଅଛନ୍ତି ଆମ୍ଭେମାନେ ସେଥିରେ ଐକ୍ୟ ହୋଇ ପାରନ୍ତି ନାହିଁ । କଥାରେ କହନ୍ତି କି 'ଶ୍ରେଷ୍ଠ ଉଦକ ମହତ ଲୋକ ହାବୁଡ଼ରେ ପଡ଼ନ୍ତି' ଅର୍ଥାତ୍ ମହତ୍ଲୋକପାଶେ ନୀଚଲୋକର ଅନିଷ୍ଟର ସମ୍ଭାବନା ନାହିଁ । ଭଣ୍ଡାର ବ୍ରାହ୍ମଣମାନେ ସ୍ୱଧର୍ମ ଗତ କେଉଁ ନୀଚ ଉପାୟରେ ଜୀବିକାଧାରଣ କରୁଅଛନ୍ତି ତାହା ନ୍ୟାୟତଃ ଅତ୍ୟନ୍ତ ଦୂଷଣୀୟ ହେଲେହେଁ ସେଦୋଷ ସେମାନେ ନିଜେ ଅର୍ଜି ନାହାନ୍ତି । ଏ ଦୋଷ ସେମାନଙ୍କ ପୂର୍ବପୁରୁଷର ଅଟଇ ଏବଂ ମୂର୍ଖତାବଶତଃ ସେମାନେ ତାହା ଜାଣି ପାରି ନାହାନ୍ତି । ବଡ଼ଲୋକମାନେ ଆଡ଼ମ୍ବରଶୀଳ କିମ୍ବା ବିଳାପ କରି ସେମାନଙ୍କୁ ଅଧୀନ କରିଅଛନ୍ତି ଯେ ବନା ଆମରଣରେ ଯାଇ ମୁଦ୍ରା ବସ୍ତ୍ର ଲାଭ କରିବେ ଏବଂ ଅନେକ ବଡ଼ଲୋକ ଅଗନ୍ତୁକ ବ୍ରାହ୍ମଣଙ୍କୁ ମୁଠାଏ ଅହାର ଏବଂ କିଞ୍ଚିତ୍ ଦକ୍ଷିଣା ଦେଇ ବିଦାୟ କରିବାଦ୍ୱାରା ଯଶଲାଭ କରୁଅଛନ୍ତି । ରାଜା ଶ୍ୟାମାନନ୍ଦ ଦେ ବାହାଦୁର ଓଡ଼ିଶା ମୋଗଲବନ୍ଦିରେ ସର୍ବୋଚ୍ଚ ସମ୍ମାନ ପାଇଥିଲେ । କୁମାର (ବର୍ତ୍ତମାନ ରାଜା ବାହାଦୁର) ବୈକୁଣ୍ଠନାଥ ଦେଙ୍କ ନାମ ମଧ୍ୟ ଚଉଆଡ଼େ ବିଖ୍ୟାତ । ଏମନ୍ତସ୍ଥଳେ ମୃତରାଜାଙ୍କ କ୍ରିୟା ଉପଲକ୍ଷରେ ଅନେକ ଭିଖାରି ଆମନ୍ତ୍ରିତ ହୋଇ ଦୌଡ଼ିବେ ଏଥିରେ ବିଚିତ୍ର କିଛି ନାହିଁ । ଏ ବ୍ରାହ୍ମଣମାନଙ୍କର ଅନ୍ୟ ଉପାୟ ନାହିଁ ଅବଶ୍ୟ କିଛି ଲାଭ ହେବ ବୋଲି ଏତେ କଷ୍ଟ ସହି ଦୌଡ଼ନ୍ତି ସୁତରାଂ ଏମାନେ କୃପାପାତ୍ର । ବିଶେଷତଃ ପେଟପୂରା ଖାଇବାକୁ ଓ କିଛି ଦକ୍ଷିଣା ପାଇଲେ ମାଡ଼ ଗାଳି ସୁଦ୍ଧା ଏମାନେ ମନେ ଧରନ୍ତି ନାହିଁ । ଏହା ବୋଲି ଆମ୍ଭେମାନେ କହୁ ନାହୁଁ ଯେ ଏହି କୁପ୍ରଥାକୁ ରକ୍ଷା କରିବାକୁ ହେବ; ବାସ୍ତବରେ ଯେତେ ଶୀଘ୍ର ଏ କୁପ୍ରଥା ଉଠିଯିବ ସେତେ ମଙ୍ଗଳ । କିନ୍ତୁ ପୂର୍ବରୁ ସାବଧାନ ନ କରି ଘୋଷଣାପତ୍ରରେ ଭିକାରିବ୍ରାହ୍ମଣ ଆସି ପହଞ୍ଚିଲେ ତାହାକୁ ସନ୍ତୁଷ୍ଟ ନ କରି ମାରିଗାଳି ଦେବାଛଳରେ ଅପମାନ କରିବା ଯୁକ୍ତିସଙ୍ଗତକାର୍ଯ୍ୟ ନୁହଇ । ଗ୍ରନ୍ଥକାର ଶ୍ରାଦ୍ଧାଦି କିମ୍ବା ସମୟରେ ମୁଦ୍ରାଯନ୍ତ୍ରର ସାହାଯ୍ୟ ନେବାର ପରାମର୍ଶ ଦେଇଅଛନ୍ତି । ବୈକୁଣ୍ଠବାବୁ ନିଜେ ଏକମୁଦ୍ରାଯନ୍ତ୍ରର ଅଧିକାରୀ । ସେ ଯେବେ ଓଡ଼ିଶାର ନାନାସ୍ଥାନରେ ବିଜ୍ଞାପନ ମୁଦ୍ରଣଦ୍ୱାରା ପୂର୍ବରୁ ଆପଣା ଇଚ୍ଛା ପ୍ରକାଶ କରିଥାନ୍ତେ ଓ ଅନାମନ୍ତ୍ରିତ ବ୍ରାହ୍ମଣମାନଙ୍କୁ ସତର୍କ କରି ଦେଇଥାନ୍ତେ ଯେ ସେମାନେ କିଛି ପାଇବେ ନାହିଁ ତାହା ହେଲେ ତାହାଙ୍କର କେହି ନିନ୍ଦା କରି ପାରନ୍ତେ ନାହିଁ ବରଂ ଗୋଟିଏ ହିତକର ସଂସ୍କାରକାର୍ଯ୍ୟରେ ତାହାଙ୍କର ସାହସକୁ ଧନ୍ୟବାଦ ଦିଆଯାନ୍ତା । ଆମ୍ଭମାନଙ୍କ ବିବେଚନାରେ ଏଅଂଶରେ ତାହାଙ୍କର ତ୍ରୁଟି ହୋଇଅଛି । ଆଉ ଗୋଟିଏ କଥା ଏହି କି କୌଣସି ସାମାଜିକନିୟମର ସଂସ୍କାର ଏକଦିନରେ ହୁଏ ନାହିଁ ଏବଂ ସଂସ୍କାର କରିବା ସମୟରେ ଉଦ୍ଧାର ଯାହାଙ୍କର ଅତ୍ୟନ୍ତ କଷ୍ଟ ହେବ ତାହାଙ୍କ କଥା ଭଲ କରି ବିବେଚନା କରିବା ଆବଶ୍ୟକ । ଭିକାରିବ୍ରାହ୍ମଣଙ୍କୁ ଦାନ ନ ଦେବା ସୁଫଳ ବୋଲି ଆଜିଠାରୁ ତାହା ରହିତ ହେଲେ ଯେଉଁମାନଙ୍କର ଏହା ଏକମାତ୍ର ଜୀବନଧାରଣର ଉପାୟ ସେମାନଙ୍କର ଦଶା କି ହେବ ଏବଂ କି ଉପାୟରେ ବଞ୍ଚିବେ ଏହି ବ୍ରାହ୍ମଣଙ୍କର ପିଲାମାନେ ପ୍ରତିପାଳିତ ହେବେ ତହିଁର ଚିନ୍ତା ଆବଶ୍ୟକ । ସେପକ୍ଷରେ ରାଜା ବାହାଦୁର କିଛି କରିଅଛନ୍ତି କି ? ଏକଦଶରେ ପଣ୍ଡିତମାନଙ୍କୁ ଯଥାବିଧିରେ ପୂଜା କରି ସେମନ୍ତ ବିଦ୍ୟାବୃଦ୍ଧି ଉତ୍ସାହ ଦେଇଅଛନ୍ତି ଅନ୍ୟଦଶରେ ଗରିବ ବ୍ରାହ୍ମଣଙ୍କ ପିଲାମାନଙ୍କ ଶିକ୍ଷା ନିମିତ୍ତ କୌଣସି ଖଞ୍ଜା କରି ଦେଇଥିଲେ ତାହାଙ୍କର ଯଥାର୍ଥ ପ୍ରଶଂସା ହୁଅନ୍ତା । ତାହାଙ୍କର ରାଜ୍ୟ ଉପଲକ୍ଷରେ ଯେତେ ଦାନ ହୋଇଅଛି ତହିଁରେ ଏପରି ବନ୍ଦୋବସ୍ତ କିଛି ଦେଖା ଯାଉ ନାହିଁ ବୋଲି ଆମ୍ଭେମାନେ ଏକଥା କହିଲୁଁ ଏବଂ ଭରସା କରୁଁ ଯେ ମୂର୍ଖବ୍ରାହ୍ମଣଙ୍କୁ ଦାନ ଦେବା ରହିତର ପ୍ରଥା ସଙ୍ଗେ ବ୍ରାହ୍ମଣମାନଙ୍କୁ ଶିକ୍ଷିତ କରିବା ବିଷୟରେ କିଛି ବନ୍ଦୋବସ୍ତ ହେବ । ଅନ୍ତତଃ ଅନାମନ୍ତ୍ରିତ ବ୍ରାହ୍ମଣଙ୍କ ଚୂଡ଼ା ଦହି ଦକ୍ଷିଣାରେ ଯାହା ଖର୍ଚ୍ଚ ହେଉଅଛି ସେହି ଟଙ୍କା ଗୃହସ୍ଥମାନେ ବ୍ରାହ୍ମଣଙ୍କ ଶିକ୍ଷା ନିମିତ୍ତ ଦାନ କଲେ ଯଥେଷ୍ଟ ଉପକାର ହେବ ।

## ସାପ୍ତାହିକ ସମ୍ବାଦ ।

### କଲିକତା ଗେଜେଟ ।

ବାଲେଶ୍ୱର ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ସି ପି କ୍ରାଉନ ସାହେବଙ୍କୁ ଯେଉଁ ଅଠମାସ ଛୁଟିପ୍ରଦାନ କରା ହୋଇଥିଲା ତାହା ରହିତହେଲା ।

୧୮୯୪।୯୫ ସାଲ ନିମନ୍ତେ ପୁରୀ କମ୍ପାସରକମିଟୀର ସଭ୍ୟସ୍ୱରୂପ ନିମ୍ନଲିଖିତ ମହାଶୟମାନେ ନିଯୁକ୍ତ ହୋଇଅଛନ୍ତି ।

ସରକାରୀ ।

ପୋଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ମିଃ ଏଚ, ଇ, ଏସ ରବର୍ଟସ ।

ବାବୁ କମଳନାଥ ଦେଓ ଡେଃ ମାଜିଷ୍ଟ୍ରେଟ ।

" ଜ୍ଞାନେନ୍ଦ୍ରନାଥ ମୁଖର୍ଜ୍ୟା ମୁନସଫ ।

ବେସରକାରୀ ।

ବାବୁ ନିତ୍ୟାନନ୍ଦ ଦାସ ।

" କ୍ଷେତ୍ରମୋହନ ଷଡ଼ଙ୍ଗି ।

" ଲୋକନାଥ ରଥ ।

---

ଗତମାସ ତା ୮ ରିଖରେ କଲିକତାର ବଉବଜାର ବାବୁ ସୁରେନ୍ଦ୍ରନାଥ ବାନର୍ଜୀଙ୍କ ଜ୍ୟେଷ୍ଠା କନ୍ୟା ସୁଶୀଳା ଦେବୀଙ୍କ ବିବାହକ୍ରିୟା ମହା ସମାରୋହରେ ସମ୍ପନ୍ନ ହୋଇଥିବାର ସମ୍ବାଦ ମିଳଇ । ବରର ନାମ ବାବୁ ଯତୀନ୍ଦ୍ରନାଥ ମୁଖର୍ଜୀ । ଏ ଜଣେ ଶିକ୍ଷିତ ଯୁବକ ଅଟନ୍ତି । ହିନ୍ଦୁମତରେ ବିବାହ କ୍ରିୟା ସମ୍ପାଦନ ହୋଇଅଛି ।

ପରିବ୍ରାଜକ ଯୋଗେଶଚନ୍ଦ୍ର ମହାଶୟଙ୍କ ବକ୍ତୃତା ହେଲେ ତହିଁ ପୋଷକତାରେ ମହାଶୟଙ୍କୁ ଅଭିନନ୍ଦନପତ୍ର ଦେବାର ଉଦ୍ୟମ ଅଛି । ଦଶହରା ଅଟିଥିବା ଗତମାସ ତା ୨ ରିଖର ତାଲଚେରକୁ ପ୍ରକାଶ ଯେ ସେହିମାସ ତା ୬ ରିଖ ସନ୍ଧ୍ୟାର ଅଭିନନ୍ଦନପତ୍ର ଦେବା ସମ୍ପର୍କରେ ମହାମାନ୍ୟ ବ୍ରହ୍ମ ସମୟରେ ମୁଦ୍ରଣଯନ୍ତ୍ରର ଲାଭ କରାଯାଇଥିଲା । ମନ ଭରିହେ ।

Digitized by srujanika@gmail.com

ସମ୍ବାଦ ଏରୂପ ଯେ କ୍ୟାବିଷ୍ଟାପଙ୍କ ସଙ୍ଗରେ ସରକାର ନେଷ୍ଟେଶନ ପ୍ରଣାଳୀ ବନ୍ଦୋବସ୍ତ କରିବା ବିଷୟରେ ଅମ୍ଭମାନଙ୍କର ଭୂତପୂର୍ବ ଗବର୍ଣ୍ଣର ଜେନେରଲ ଲର୍ଡ ଡଫରିନ ମହୋଦୟ ଯେଉଁ ପ୍ରସ୍ତାବ କରିଥିଲେ ତାହା ବିଲାତରେ ନାମଞ୍ଜୁର ହୋଇଅଛି ।

ଅତଏବ କଟକଠାରେ ଶସ୍ୟ ଦୁର୍ମୂଲ୍ୟ ହୋଇଥିବାର ସମ୍ବାଦ ମିଳଇ ଏମନ୍ତ କି ଲୋକେ ଅନ୍ନକଷ୍ଟରେ ଦିନଯାପନ କରୁଅଛନ୍ତି । ନଡ଼ା ପ୍ରାୟ ମିଳୁ ନାହିଁ ସୁତରାଂ ଗାଈ ଗୋରୁ ବଞ୍ଚିବା କଠିନ ହୋଇଅଛି । ତଦନନ୍ତର ସାହାଯ୍ୟ କାର୍ଯ୍ୟ ଆରମ୍ଭନିମିତ୍ତ ସେ ଜିଲ୍ଲା ଲୋକାଲ ବୋର୍ଡ଼ ଟ ୮୦୦୦୯ ଙ୍କା ମଞ୍ଜୁର କରିଅଛନ୍ତି ।

ଶ୍ରୀରାମପୁର ଥାନାରେ ଏକ ମାମଲତକାର ଅପଣା ମୋକଦ୍ଦମା ମୂଲତବୀ କରାଇବା କାରଣ ଜଣେ ବଙ୍ଗାଳୀ ଡାକ୍ତର ନିକଟରୁ ତହିଁପୂର୍ବ ସ୍ୱାସ୍ଥ୍ୟର ପୀଡ଼ିତ ଥାଇଁ ଅସୁସ୍ଥ ହୋଇଥିବାର ମର୍ମରେ ସାର୍ଟିଫିକେଟ ନେଇ ଅଦାଲତରେ ଦାଖଲ କରିଥିଲା ମାତ୍ର ତହିଁର ପୂର୍ବଦିନ ପୂର୍ବରେ ସେ ଜଣକ କଚେରିରେ ହାଜର ଥିବାର ପ୍ରମାଣ ହେବାରୁ ମହକମର ପ୍ରାର୍ଥନା ନାମଞ୍ଜୁର ହୋଇ ଡାକ୍ତର ଓ ମାମଲତକାର ଉଭୟଙ୍କ ଉପରେ ଫୌଜଦାରି ମୁକଦ୍ଦମା କାହିଁକି ନ ହେବ ତହିଁର କାରଣ ଦେଖାଇବା କାରଣ ନୋଟିସ ଜାରି ହୋଇଅଛି । ଅନେକସ୍ଥଳରେ ମାମଲତକାରମାନଙ୍କୁ ଡାକ୍ତରଙ୍କଠାରୁ ମିଥ୍ୟା ସାର୍ଟିଫିକେଟ ଆଣି ବ୍ୟବହାର କରିବାର ଦେଖାଯାଏ । ଏମାନଙ୍କୁ ଉଚିତ ଶିକ୍ଷାଦେବା ପ୍ରୟୋଜନ ।

## ତଣାହଷ୍ଟି-ସମ୍ବାଦ

ଏ ଅଞ୍ଚଳରେ ଅଗ୍ନିକାଣ୍ଡ ଅନୁଭବ ବୃଦ୍ଧି ହେଉ । ଗତ ମାସ ତା ୪ ଦିନରେ କାଇପାଟଣା, ଚଳିତମାସ ତା ୨ ଦିନରେ ଭନ୍ଦୁପଡ଼ା, ତା ୪ ଦିନରେ ବଉଲା, ତା ୫ ଦିନରେ ଗୋବିନ୍ଦପୁର ଓ ତା ୭ ଦିନରେ କଥବାଣି ପ୍ରଭୃତି ଗ୍ରାମମାନ ଅଗ୍ନିଦ୍ୱାରା ଭସ୍ମସାତ ହୋଇଅଛି । ଏହା ଦ୍ୱାରାଏ ଅନେକ ଦ୍ରବ୍ୟ ଲୁଟ ହୋଇଯାଇଅଛି । ଏଥିରୁ ଅନେକେ ଅନୁମାନ କରନ୍ତି ଯେ ଚୋରମାନେ ଏପରି ଅଗ୍ନି ଲଗାଇ ଦେଉଅଛନ୍ତି; ବାସ୍ତବରେ ଏହା ହୋଇଲେ ଏତେଦୂର ଅଗ୍ନି ଉପଦ୍ରବ ଘଟିବା ଆଶ୍ଚର୍ଯ୍ୟଜନକ ଅଟେ ।

ଅପରପ୍ରାଇମେରି ଓ ମାଇନର ସ୍କୁଲର ପରୀକ୍ଷାର୍ଥି ବାଳକାମାନଙ୍କ ସୁବିଧାର୍ଥେ ଏଷ୍ଟାରେ ଗୋଟିଏ କେନ୍ଦ୍ର ଖୋଲିଅଛି ଏବଂ ଏବର୍ଷ ୩୪ ଜଣେ ବାଳକ ମାଇନର ସ୍କୁଲର ପରୀକ୍ଷା ଦେଉଅଛନ୍ତି । କଟକ ଟ୍ରେନିଂ ସ୍କୁଲ ମାଷ୍ଟର ବାବୁ ରଘୁନାଥ ଘୋଷ ପରୀକ୍ଷା ନେବାକୁ ଆସିଥିଲେ ।

ଅନ୍ଧକାର ଅନେକ ସନ୍ତାନବତୀ ସ୍ତ୍ରୀ ପୁରୁଷ ପଥଘାଟରେ ଭିକ୍ଷା କରୁଅଛନ୍ତି । ଏମାନେ ସମସ୍ତେ ଅଜ୍ଞାନତାବଶ ବାଳକାମାନଙ୍କ ପେଟରେ ଥିବା ସୁନା ରୁପାର ଅଳଙ୍କାରମାନ ଅପହରଣ କରିଥିବାର ଶୁଣି ଲୋକେ ସାବଧାନ ହେବେ ।

ଶ୍ରୀଯୁକ୍ତ କୋଠଦେଶାଧିଶ୍ୱର ସାହେବର ଅଧସ୍ତନ ସବ ଡିଂଚଙ୍କ ପାଟମହିଷୀ ଚଳିତମାସ ତା ୧ ଦିନରେ ଲୋକାନ୍ତର ସମ୍ବରଣ କରିଅଛନ୍ତି । ଏ ଦୁଃଖର କଥା ।

## ପୁରୀ ସମ୍ବାଦ ।

ଚଳିତମାସ ତା ୧୪ ଦିନେ ଶ୍ରୀଯୁତ ବାବୁ ବ୍ରଜମୋହନ ମଲ୍ଲିକ ଡେପୁଟି ଇନସ୍ପେକ୍ଟର ଶ୍ରୀଯୁତ ହଏ୍ଚ ଇନସ୍ପେକ୍ଟର ମହାଶୟଙ୍କ ସମଭିବ୍ୟାହାରରେ ଏଠାରେ ଆସି ସହର ସେକଣ୍ଡ ଗ୍ରେଡ଼ ଜିଲ୍ଲା ସ୍କୁଲ ଓ ତହିଁ ଅଧୀନ ବାଳିକା ବିଦ୍ୟାଳୟ ନିରୀକ୍ଷଣ କରି ଦେଖି ପୁନରପି ଦିନ ସ୍କୁଲମାନ ଦେଖିଥିଲେ ।

ଏଠାର ଇଞ୍ଜିନିୟର ଶ୍ରୀଯୁତ ବେଲି ସାହେବ ଉତ୍ତାପରେ ପୀଡ଼ାଗ୍ରସ୍ତ ହୋଇ ପ୍ରାୟ ଏକସପ୍ତାହରୁ ଅଧିକ ହେବ ଯନ୍ତ୍ରଣା ଭୋଗ କରୁଅଛନ୍ତି । ସମ୍ପ୍ରତି ଶ୍ରୀଯୁତ ଡାକ୍ତର ସାହେବଙ୍କ ଚିକିତ୍ସାରେ ଥିବାରୁ ବେଶ ଭଲହେଇ ଯନ୍ତ୍ରଣାରେ ଉପଶମ ଥିବାର ଶୁଣାଯାଏ ।

ଅତ୍ର ଗଭର୍ଣ୍ଣମେଣ୍ଟ ପ୍ରଚୁର ପରିମାଣରେ ହ ଥିଲେ ମଧ୍ୟ ଏହି ଦୋଳଯାତ୍ରାରେ ଯେପରି ଅମୃତଶି ମିଳିଲା ଏଥିରୁ ଅନୁମାନ ହୁଏ ସେ ଅଭାବ ହେବ ନାହିଁ ।

କୌଣସି ଇଉରୋପୀୟଠାରୁ ଶୁଣାଗଲା ସେ ସନ୍ଧ୍ୟା ଅଳଙ୍ଗ ସମୟରେ ଦର୍ଶନ କରୁଥିଲେ, କେହି ସେବକ ପ୍ରସାଦ କର୍ପୂର ଆଣି ତାଙ୍କୁ ଦେଲା । ସେ ଇଉରୋପୀୟ ତାହା ସେବା କରିବା ଇଚ୍ଛା କରି ମୁଖରେ ଦେବାମାତ୍ରେ ତାହା ଗଳାଧଃକରଣ କରି ନ ପାରି କାହାରିକୁ ଆସି ଦେଖାଇଦେଲେ । ସେ କର୍ପୂରରେ ସବଜାର ମିଶ୍ର ଥିବାର ଜଣାଗଲା, ବଜାରର ଟଙ୍କା ଖର୍ଚ୍ଚ ହେଉଅଛି ମାତ୍ର କର୍ମଚାରୀମାନେ ଅପଣା ସ୍ୱାର୍ଥବଶରେ ଏପରି ମିଶ୍ରିତପଦାର୍ଥ ଶସ୍ତା ମୂଲ୍ୟରେ ଆଣି ଜଗୁ ଦେଉଳକୁ ପଠାଇ ଥାଆନ୍ତି ।

## ପତ୍ରପ୍ରେରକଙ୍କ ପ୍ରତି ।

କଟକ ଉତ୍କଳସନ୍ତାନ—ଆପଣଙ୍କ ଲିଖିତ ବିଷୟ ସର୍ବସାଧାରଣଙ୍କ ଜାଣିବା ଯୋଗ୍ୟ ଅଟଇ ମାତ୍ର ଅତ୍ୟନ୍ତ ଦୀର୍ଘ ଥିବାରୁ ଉପେକ୍ଷିତ ହେଲା । ସଂକ୍ଷେପରେ ଲେଖି ପଠାଇଲେ ଏପତ୍ରେ ପ୍ରକାଶିତ ହୋଇପାରେ ।

ଶ୍ରୀ ଜଗନ୍ନାଥ—ପ୍ରଦିଷ୍ଟାବଳୀ ମୋପସଲୀ ଜମିଦାର ଓ ବଡ଼ଲୋକଙ୍କ ଭୂସଂସ୍କାର ଦୂର ହେବ ନାହିଁ ! କୁସଂସ୍କାର ନିମିତ୍ତ ଆକ୍ଷେପ ନ କରି ଶିକ୍ଷା ଦେବାକୁ ପ୍ରବୃତ୍ତ ହେବାର ଉଚିତ ।

ଜଣେ କୁଳୀନ ବ୍ରାହ୍ମଣ—ସମ୍ପ୍ରତି ଅଛନ୍ତି କି ବ୍ରାହ୍ମଣଜାତିରୁ କେହି କ୍ଷତ୍ରିୟ ବୈଶ୍ୟ ବା ଶୂଦ୍ର ସ୍ନେହକନ୍ୟା ସ୍ୱରୂପ ଗ୍ରହଣ କରି ବ୍ରାହ୍ମଣ କରିବାକୁ ସମ୍ପ୍ରଦାନ କରିବା ଶାସ୍ତ୍ରୋଚିତ କି ନା ?

ସ୍ଥାନାଭାବରୁ ଜେଟଭଙ୍ଗଶ୍ରୀ ପତ୍ର ଏସପ୍ତାହରେ ପ୍ରକାଶ ହୋଇ ପାରିଲା ନାହିଁ ।

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ ଉଦାରଚରିତେଷୁ

ମହାଶୟ !

ଆପଣ ଜାଣନ୍ତି ଏବଂ ଜଗତର ଲୋକେ ଜାଣନ୍ତି ଯେ ଇନ୍‌ସ୍ପେକ୍ଟିଂ ପଣ୍ଡିତମାନେ ଉତ୍କଳସନ୍ତାନ ଓ ଲେଖାପଢ଼ା ଶିକ୍ଷି ଅସମର୍ଥତାବା ବୁଝିବାକୁ ଅକ୍ଷମ, କିନ୍ତୁ ସବ୍‌ଇନ୍‌ସ୍ପେକ୍ଟରମାନେ ସେମାନଙ୍କପ୍ରତି ଯେରୂପ ବ୍ୟବହାର କରନ୍ତି ତାହା ହୃଦୟଙ୍ଗମ କରିବା ଆବଶ୍ୟକ ଅଟେ । ସବ୍‌ଇନ୍‌ସ୍ପେକ୍ଟରମାନଙ୍କର ଅଫିସ କାର୍ଯ୍ୟ ଏତେ ବୃଦ୍ଧି ହୋଇଅଛି ଆଉ ତପର୍ଯ୍ୟନ୍ତି ନାହିଁ ଯେ ସର୍ବଦା ସେମାନଙ୍କର ଗଠେଇବା ଡାକଘର ବା ଅଫିସକୁ ନେଇଯିବାର, ବିଲ୍ ଭଙ୍ଗାଇବାର ବା ଅନ୍ୟାନ୍ୟ କାର୍ଯ୍ୟ ନିର୍ବାହ କରିବା । ସୁତରାଂ ସବ୍‌ଇନ୍‌ସ୍ପେକ୍ଟର ଓ ଇନ୍‌ସ୍ପେକ୍ଟିଂ ପଣ୍ଡିତମାନେ ପରସ୍ପର ବାଧ୍ୟ ହୋଇ ଏପରି କାର୍ଯ୍ୟ କରନ୍ତି । ଯାହା ହେଉ ଏହା ବାସ୍ତବିକ ବଡ଼ ଅସୁନ୍ଦର ଓ ଉପହାସର କଥା । ଯଦି ଇଂ ପଣ୍ଡିତମାନେ ଚିଠିପତ୍ର ନେବା ଆଣିବା ପ୍ରଭୃତି ସାମାନ୍ୟ କାର୍ଯ୍ୟ କରୁଅଛନ୍ତି ତେବେ କେହି ସବ୍‌ଇନ୍‌ସ୍ପେକ୍ଟର ସେମାନଙ୍କୁ ଆପଣା ନିଜ କାର୍ଯ୍ୟରେ କଣ ନ ଖଟାଉଥିବେ ? ମନ ଯୋଗାଇବା ଅଧିକ ବ୍ୟକ୍ତିର ସ୍ୱାଭାବିକ ଧର୍ମ । ଅମ୍ଭେମାନେ ମାନ୍ୟବର ଡିଷ୍ଟ୍ରିକ୍ଟବୋର୍ଡ଼ ଚେୟାରମାନ ଓ ମେମ୍ବର ମହୋଦୟମାନଙ୍କୁ କରଯୋଡ଼େ ପ୍ରାର୍ଥନା କରୁଅଛୁଁ ଯେ ବର୍ଷରେ ଟ ୧୯୨ ଙ୍କା ଖରଚ କରି ଉତ୍କଳସନ୍ତାନମାନଙ୍କୁ ପିଅନକାର୍ଯ୍ୟ କରିବାରୁ କ୍ଷାନ୍ତ ରଖି କଳଙ୍କରୁ, ସମାଜର ଓ ଦେଶର ଗୌରବ ବୃଦ୍ଧି ଓ ନଷ୍ଟ ଉଦ୍ଧାର କରନ୍ତୁ । ଯଦି ଏପତ୍ରରେ ଦୃଷ୍ଟି ନ ଦେବ ତେବେ ଇଂରାଜୀରେ ପତ୍ର ପ୍ରକାଶ କରିବୁ ।

କଟକ ୭।୩।୮୯ } ଆପଣଙ୍କର ଅନୁଗତ ଶିକ୍ଷାବିଭାଗର ଜୈନେକ ଜଣ ବନ୍ଧୁ

ମହାଶୟ !

ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ।

ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ମାର୍ଚ୍ଚମାସ ତା ୯ ରିଖ ରାତ୍ରି ଘ ୭ଟା ସମୟରେ ବାଙ୍କାବଜାର ସ୍କୁଲ ଘର ବସାଠାରେ ହୋଇଥିଲା ।

(୨) ପ୍ରଥମ ଅଧିବେଶନର କାର୍ଯ୍ୟାବଳୀ ପଠିତ ହୋଇ ସ୍ୱୀକୃତ ହେଲା ।

(୩) ପୂର୍ବ ଅଧିବେଶନରେ ଯେଉଁମାନଙ୍କ ଉପରେ ସ୍କୁଲଛାତ୍ରମାନଙ୍କ ଓ ସେମାନଙ୍କ ମାସିକ ଦରମା ଖର୍ଚ୍ଚର ତାଲିକା ପ୍ରସ୍ତୁତ କରିବାର ଭାର ଥିଲା, ସେମାନେ ତାହା ଅଗଲ କଲାରୁ ସମାଲୋଚିତ ହୋଇ ଦେଖାଗଲା ଯେ କେତେକ ଛାତ୍ର ପରୀକ୍ଷା ଶେଷ ହେବାରୁ ଗ୍ରାମକୁ ଚାଲିଯାଇ ଥିବାରୁ ସେମାନଙ୍କ ବାସସ୍ଥାନ ଓ ଅଭିଭାବକମାନଙ୍କର ନାମ ପ୍ରସ୍ତୁତ ହୋଇବାରେ ଉଦ୍ଦେଶ୍ୟ ହୋଇ ନାହିଁ । ଅତଏବ ଉକ୍ତ ତାଲିକାମାନ

ସମ୍ପୂର୍ତ୍ତିକର ଆଗାମୀ ସଭାରେ ଅର୍ପଣ ହେବାର ସ୍ଥିର ହେଲା ।

(୪) ସୁପ୍ରମଙ୍ଗଳା ଓ ଚନ୍ଦ୍ରବଦନାପନା କଣ୍ଟପୁ ଏ ଅଧିବେଶନରେ ସ୍ଥିର କରିବା ବାହୁଣ ଯାହା ପୂର୍ବ ଅଧିବେଶନରେ ଉଦ୍ଦେଶ ହୋଇଥିଲା ତାହା ନିମ୍ନଲିଖିତ ଅନୁସାରେ ପ୍ରସ୍ତାବିତ ହେଲା ।—

ସୁପ୍ରମଙ୍ଗଳା ଓ ଚନ୍ଦ୍ରବଦନାପଳା କାର୍ଯ୍ୟରେ କର ଓ ତାହାଙ୍କ ପାଇଁ ବସ୍ତୁ ଓ ଏକାଗ୍ର ମିଷ୍ଟାନ୍ନ କର୍ତ୍ତାନୀ ହେବେ । ଅନ୍ୟ କେହୁ ହେବେ ନାହିଁ ।

(୫) ସତ୍କାରଣ ସମ୍ପାଦକଙ୍କ କହିବାରୁ ଜଣାଗଲା ଯେ ଶ୍ରୀ ଉଦ୍ୟମାନଙ୍କ ନାମ ଓ ବସତିର ତାଲିକା ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ହୋଇ ପାର ନାହିଁ ଅତଏବ ସ୍ଥିର ହେଲା ଯେ ପୂର୍ବ ଅଧିବେଶନରେ ଯେଉଁମାନଙ୍କ ଉପରେ ତାଲିକା ପ୍ରସ୍ତୁତ କରିବାର ଭାର ଥିଲା ସେମାନେ ଉକ୍ତ ତାଲିକା ପ୍ରସ୍ତୁତ କରି ଆଗାମୀ ଅଧିବେଶନରେ ଉପସ୍ଥିତ କରିବେ ।

